بِسۡمِ اللّٰہِ الرَّحۡمٰنِ الرَّحِیۡمِ     نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ     وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 7

ସଂଖ୍ୟା 41-42

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

ବାର୍ଷିକ ଦେୟ: ୬୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

13-20 ଅକ୍ଟୋବର-2022     13-20 ଇଖା 1401 ହି.ଶ     17-24 ରବିଉଲ୍ ଅୱ୍ୱଲ୍ 1444 ହି.କ


## ଅଲ୍ଲାଃ ତାଲାଙ୍କ ବାଣୀ

رَبَّنَا لَا تُزِغۡ قُلُوۡبَنَا

بَعۡدَ اِذۡ هَدَيۡتَنَا

وَهَبۡ لَنَا مِنۡ لَّدُنۡكَ رَحۡمَةً ۚ

اِنَّكَ اَنۡتَ الۡوَهَّابُ (آل عمران:9)

ଅନୁବାଦ-ହେ ଆମମାନଙ୍କ ପାଳନକାର୍ତା ! ତୁମ୍ଭେ ଆମମାନଙ୍କୁ ସତ୍ପଥଗାମୀ କରାଇବା ପରେ ଆମମାନଙ୍କ ହୃଦୟକୁ କୁଟିଳ କର ନାହିଁ ; ଏବଂ ତୁମ୍ଭ ନିକଟରୁ ଆମମାନଙ୍କୁ କରୁଣା ପ୍ରଦାନ କର ; ବାସ୍ତବରେ ତୁମ୍ଭେ ହିଁ ମହାନ୍ ଦାତା ।

(ସୁରଃ : ଆଲେ ଇମ୍ରାନ୍:୦୯)

## ଅହ୍‌ମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]ଙ୍କ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ୍ୱ ବାରିକ୍‌ଲନା ଫି'ଉମ୍ରିହି ୱ୍ୱ ଅମ୍ରିହି ॥

**ରସୁଲୁଲ୍ଲାଃ ସ ଆ ସଙ୍କ ଉପରେ ଖ୍ରୀଷ୍ଟିଆନମାନେ ଲଗାଇଥିବା ଲାଂଛନା/ଆପତିଗୁଡ଼ିକୁ ମୁଁ ଏକାଠି କରିଛି । ସେଗୁଡ଼ିକର ସଂଖ୍ୟା ତିନି ହଜାର ପର୍ଯ୍ୟନ୍ତ ପହଂଚିଛି । ଯେତେମାତ୍ରାରେ ପୁସ୍ତକ, ପତ୍ରିକା ଏବଂ ଇସ୍ତେହାରମାନ ପ୍ରତି ଦିନ ସେମାନଙ୍କ ତରଫରୁ ରସୁଲେ କରିମ୍ ସ ଆ ସଙ୍କ ଉପରେ ଆପତି ଓ ଆରୋପ ଲଗାଯାଇ ପ୍ରକାଶ କରାଯାଉଅଛି, ସେଗୁଡ଼ିକର ସଂଖ୍ୟା ଛଅ ଲକ୍ଷରେ ପହଂଚିସାରିଛି ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

ଅଲ୍-ଦଜଲ୍ : ଦଜଲ୍ ହେଉଛି ଏହା କି ଭିତରେ ଅଶୁଦ୍ଧ ଜିନିଷ ଥିବାବେଳେ ତା'ଉପରେ କିଛି ଶୁଦ୍ଧ/ପରିଷ୍କାର ଜିନିଷ ରହିଥିବ । ଉଦାହରଣ ସ୍ୱରୂପ ଉପରେ ସୁନା ଆବରଣ ରହିଥିବା ବେଳେ ଭିତରେ ତମ୍ବା ଥିବ । ଏହି ଦଜଲ୍ ଏ ଦୁନିଆର ଆରମ୍ଭରୁ ଚାଲିଆସୁଅଛି । ଧୋକା ଏବଂ ପ୍ରତାରଣାରୁ କୌଣସି ଯୁଗ ମୁକ୍ତ ରହିନାହିଁ । ସୁନା କାରିଗରମାନେ କ'ଣ କରିଥାନ୍ତି । ଯେପରି ଏ ସାଂସାରିକ କାର୍ଯ୍ୟରେ ଦଜଲ୍ ରହିଥାଏ ,ସେହିପରି ଆଧ୍ୟାତ୍ମିକ କାର୍ଯ୍ୟରେ ମଧ୍ୟ ଦଜାଲ୍ ଅଛନ୍ତି । ୟୁହରରଫୁନଲ୍ କଲିମା ଅମ୍ ମଓ୍ୱାଜିଇହି (ସୁରଃ ଅଲ-ନିସାଆ:୪୭) ମଧ୍ୟ ଦଜଲ୍ ଅଟନ୍ତି । ଯେଉଁମାନେ ୟା ଇସା ଇନ୍ନି ମୁତଓ୍ୱଫିକା (ସୁରଃ ଆଲେ ଇମରାନ୍ : ୫୬)କୁ ଓଲଟାଇ ଦେଉଛନ୍ତି,ଇଏ ବି ଦଜଲ୍ । କିନ୍ତୁ ଶେଷ ଯୁଗର ଦଜଲ୍ ବହୁତ ବଡ଼ ଦଜଲ୍ ହେବ । ସତେ ଯେପରି ଦଜଲର ଗୋଟିଏ ନଦୀ ବହିପଡ଼ିବ । ଅଲ୍-ଦଜ୍ଜାଲ୍ ଶବ୍ଦର ପ୍ରାରମ୍ଭରେ ଅଲ୍ ଲାଗିଛି । ତାହା ଇସ୍ତିଗରାକ୍ ଅଟେ । ଅତେବ୍ ଅଲ୍-ଦଜ୍ଜାଲ୍ ଦଜା ଜଲହୁ ମୁଖତଲିଫାଃର ଗୋଟିଏ ଭିନ୍ନ ପିଢ଼ି । ଅର୍ଥାତ୍ ପୂର୍ବେ ଯେତେମାତ୍ରାରେ ଭିନ୍ନ ଭିନ୍ନ ଏବଂ ନାନା ପ୍ରକାରର ପ୍ରତାରଣା ,ଚତୁରାମି,ବିଭ୍ରାନ୍ତି ଏବଂ ଅବିଶ୍ୱାସ ଥିଲା , କୌଣସି ଯୁଗରେ ଅସାଧୁ ଲୋକମାନେ କିଛିଟା କହିଥିଲେ ,ଅନ୍ୟ କେହି କିଛି କହିଦେଇଥିଲେ, ମୋଟା ମୋଟି ଭାବରେ ଇସଲାମ୍ ଉପରେ ଯେତେ ମାତ୍ରାରେ ଆପତି ଓ ମିଥ୍ୟାରୋପ କରାଯାଇଥିଲା,ତାହା ଏକ ନିର୍ଦ୍ଦିଷ୍ଟ ପରିମାଣର ଥିଲା । କିନ୍ତୁ ଅଲ୍ଲାଃତାଲାଙ୍କୁ ଏହା ଜଣାଥିଲା ଯେ ଏପରି ଗୋଟିଏ ଯୁଗ ଆସିବ, ଯେତେବେଳେ ଆପତି ଓ ମିଥ୍ୟାରୋପର ନଦୀ ପ୍ରବାହିତ ହେବ । ଯେପରି ଛୋଟ ଛୋଟ ଝରଣା ଏବଂ ସୋରଗୁଡ଼ିକ ମିଶି ଗୋଟିଏ ନଦୀ ସୃଷ୍ଟି ହୋଇଯାଇଥାଏ,ଠିକ୍ ସେହିପରି ସମସ୍ତ ଦଜଲ୍ ମିଶି ଗୋଟିଏ ବଡ଼ ଦଜ୍ଜାଲ୍ ହେବ । ଅତଃ ଏ ଯୁଗରେ ଦେଖନ୍ତୁ ଯେ କେତେ ବଡ଼ ଦଜଲ୍ ହେଉଅଛି । ଚାରିପଟୁ ଇସଲାମର ସମାଲୋଚନା କରାଯାଉଅଛି ଏବଂ ସବୁ ଦିଗରୁ ଆପତି ଓ ମିଥ୍ୟାରୋପ ଲଗାଯାଉଅଛି । ଖ୍ରୀଷ୍ଟିଆନମାନେ ତ ସୀମା ଟପି ସାରିଛନ୍ତି । ରସୁଲୁଲ୍ଲାଃ ସ ଆ ସଙ୍କ ଉପରେ ଖ୍ରୀଷ୍ଟିଆନମାନେ ଲଗାଇଥିବା ଲାଂଛନା/ଆପତିଗୁଡ଼ିକୁ ମୁଁ ଏକାଠି କରିଛି । ସେଗୁଡ଼ିକର ସଂଖ୍ୟା ତିନି ହଜାର ପର୍ଯ୍ୟନ୍ତ ପହଂଚିଛି । ଯେତେମାତ୍ରାରେ ପୁସ୍ତକ, ପତ୍ରିକା ଏବଂ ଇସ୍ତେହାରମାନ ପ୍ରତି ଦିନ ସେମାନଙ୍କ ତରଫରୁ ରସୁଲେ କରିମ୍ ସ ଆ ସଙ୍କ ଉପରେ ଆପତି ଓ ଆରୋପ ଲଗାଯାଇ ପ୍ରକାଶ କରାଯାଉଅଛି, ସେଗୁଡ଼ିକର ସଂଖ୍ୟା ଛଅ ଲକ୍ଷରେ ପହଂଚିସାରିଛି । ସତେ ଯେପରି ସେମାନେ ହିନ୍ଦୁସ୍ତାନର ପ୍ରତ୍ୟେକ ବ୍ୟକ୍ତଙ୍କ ହାତରେ ସେମାନେ ଖଣ୍ଡେ ଖଣ୍ଡେ ବହି ଧରାଇପାରିବେ । ଅତଃ ସବୁଠାରୁ ବଡ଼ ଫିତନା (ବିଭ୍ରାଟ/ବିଭ୍ରାନ୍ତି ଓ ପ୍ରଲୋଭନ) ହେଉଛି ଏହି ନସାରା(ଖ୍ରିଷ୍ଟିଆନ) ମାନଙ୍କର ଫିତନା ଏବଂ ଏମାନେ ହେଉଛନ୍ତି ଅଲ୍-ଦଜ୍ଜାଲ୍ ର ପ୍ରତିରୂପ(ଉତରାଧିକାରୀ) ।

**(ମଲଫୁଜାତ୍,ଖ-୦୧,ପୃ-୪୦୨, ମୁଦ୍ରିତ କାଦିଆନ୍ ୨୦୧୮)**

ତୈୟବ (ଅର୍ଥାତ ପବିତ୍ରତା) ପାଇଁ ଯେଉଁଠି ସ୍ୱାସ୍ଥ୍ୟଗତ ଦୃଷ୍ଟି କୋଣରୁ,ଏହା ଉତମ ହେବା ସର୍ତ ରହିଛ, ସେଠି ଏହା ବି ସର୍ତ ରହିଛି ଯେ ତାହା ଖାଇବା ଦ୍ୱାରା ମଣିଷର ଅନ୍ୟ ଇନ୍ଦ୍ରିୟଗୁଡ଼ିକର ବା ଅନ୍ୟ ଲୋକମାନଙ୍କର ବା ଅନ୍ୟ ଜୀବମାନଙ୍କର ହକ ମରା ନଯାଉ ବରଂ ଅନ୍ୟମାନଙ୍କର ଭାବନା ପ୍ରତି ବିଚାର କରିବା ବି ଜରୁରୀ ।

ସୟଦନା ହଜରତ୍ ମୁସଲେହ୍ ମଉଦ୍ ର ଅ ସୁରଃ ନହଲ୍ ଆୟତ ନଂ-୧୧୬ **ଇନ୍ନମା ହରରମା ଅଲୈକୁମୁଲ୍ ମୈତତା ୱ୍ୱଦ୍ ଦମା ୱ୍ୱ ଲହ୍‌ମଲ୍ ଖ୍ନଜୀରି ୱ୍ୱ ମା ଉହିଲ୍ଲା ଲିଗୈରିଲ୍ଲାହି ବିହି ଫମନିଜ୍‌ତୁର୍‌ରା ଗୈରା ବାଗିନ୍ ୱ୍ୱ ଲା ଆଦିନ୍ ଫଇନ୍ନଲ୍ଲାହା ଗଫୁରୁର୍ ରହୀମ୍** ***(ଅନୁବାଦ: ସେ ତୁମମାନଙ୍କ ସକାଶେ କେବଳ ମୃତଜୀବ,ରକ୍ତ ଓ ଶୂକର ମାଂସ ତଥା ଯେଉଁ (ପ୍ରତ୍ୟେକ) ବସ୍ତୁ ଉପରେ ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟର ନାମ ଉଚ୍ଚାରିତ ହୋଇଥାଏ ତାହାକୁ ଅବୈଧ କରିଛନ୍ତି ; କିନ୍ତୁ ଯେଉଁ ବ୍ୟକ୍ତି କାମନାର ବଶବର୍ତୀ ନ ହୋଇ କି ସୀମା ଅତିକ୍ରମ ନ କରି (ଏଥି ମଧ୍ୟରୁ କୌଣସିଟିକୁ)ଖାଇବାକୁ ବାଧ୍ୟ ହୁଏ,ତେବେ (ମନେରଖ)ଅଲ୍ଲାଃ ହିଁ ଅତ୍ୟନ୍ତ କ୍ଷମାଶୀଳ (ଓ)ସଦା କରୁଣାମୟ)*** ର ବ୍ୟାଖ୍ୟା କରି କହିଛନ୍ତି :

ଅସଲ କଥା ହେଉଛି ଏହା କି ଖାଇବା ଜିନିଷ ବିଷୟରେ ଇସଲାମ୍ ଅନେକ ସ୍ତର ବର୍ଣ୍ଣନା କରିଅଛି । ହରାମ୍ ,ମମ୍‌ନୁଉ,ହଲାଲ୍ ଏବଂ ତୟବ୍ । ହରାମ୍ ହେଉଛି ସେହି ଜିନିଷ ଯାହା ପବିତ୍ର କୁରଆନ୍ ହରାମ୍ (ନିଷେଧ)କରିଛି । ମମ୍‌ନୁଉ ହେଉଛି ଏମିତି ଜିନିଷ ଯାହା ପବିତ୍ର କୁରଆନ୍ ଦ୍ୱାରା ଦର୍ଶାଯାଇଥିବା ସିଦ୍ଧାନ୍ତ ଅନୁସାରେ ରସୁଲେ କରିମ୍ ସ ଆ ସ ସେସବୁକୁ ନିଷେଧ କରିଛନ୍ତି । କିମ୍ବା ପରେ ତାହା ଜଣାପଡ଼ିଛି ଯାହା ବିଷୟରେ ମୁସଲମାନ୍ ମାନେ ଅନୁସନ୍ଧାନ କରି ତାହାକୁ ଅବାଂଛିତ ବୋଲି ଘୋଷଣା କରିଛନ୍ତି ।

***ହଲାଲ୍ :*** ଏପରି ଜିନିଷ ଯାହା ନିଜର ମୂଳ ସ୍ଥାନରେ ପବିତ୍ର ହିଁ

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ.........*

## ନବୀ ସ:ଆ:ସଙ୍କ ବାଣୀ

### ସ୍ୱାମୀଙ୍କୁ ନଜଣାଇ ପିଲାମାନଙ୍କ ପାଇଁ ଖର୍ଚ୍ଚ କରିବା

(୨୨୧୧) ହଜରତ୍ ଆଇଶା ର ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ମାଓ୍ୱିୟାଙ୍କ ମାତା ହିନ୍ଦ୍ ରସୁଲେ କରିମ୍ ସ ଆ ସ ଙ୍କ ନିକଟରେ ଏହା ଜାଣିବାକୁ ଚାହିଁଲେ ଯେ ଅବୁ ସୁଫିୟାନ୍ ଜଣେ ଅତି କୃପଣ ଲୋକ,ତାହେଲେ କ'ଣ ଏପରି କ୍ଷେତ୍ରରେ ତାଙ୍କ ଧନରୁ କିଛି ଗୁପ୍ତ ଭାବରେ ନେଇପାରିବି କି ? ମହାଭାଗ ସ ଆ ସ କହିଲେ ଯେ ତୁମେ ସେତିକି ଧନ ନେଇପାରିବ ଯେତିକି ତୁମ ପାଇଁ ଏବଂ ତୁମ ସନ୍ତାନମାନଙ୍କ ଯଥେଷ୍ଟ ।

### ମୃତ ପ୍ରାଣୀ ଖାଇବା ହରାମ୍ (ନିଷେଧ) । ତା ଚମଡ଼ାରୁ ଲାଭ ଉଠାନ୍ତୁ ।

(୨୨୨୧) ହଜରତ୍ ଅବ୍ଦୁଲ୍ଲାଃ ବିନ୍ ଅବାସ୍ ର ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ରସୁଲେ କରିମ୍ ସ ଆ ସ ଥରେ ଗୋଟିଏ ମୃତ ଛେଳି ନିକଟ ଦେଇ ଯାଉଥିଲେ, ତାହାକୁ ଦେଖି ଆପଣ ସ ଆ ସ କହିଲେ ଯେ ତୁମେ ଏହାର ଚମଡ଼ାରୁ କାହିଁକି ଲାଭ ଉଠାଇଲ ନାହିଁ ? ସେମାନେ କହିଲେ ଏହା ତ ମରିଯାଇଛି । ଏଥିରେ ଆପଣ ସ ଆ ସ କହିଲେ କେବଳ ଆକୁ ଖାଇବା ହେଉଛି ହରାମ୍ (ନିଷେଧ)

### ମସିହ୍ ମଉଦ୍ (ପ୍ରତିଶ୍ରୁତ ମସିହ୍)ଙ୍କ କାର୍ଯ୍ୟ

(୨୨୨୨) ହଜରତ୍ ଅବୁ ହୁରୈରାଃ ର ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ରସୁଲେ କରିମ୍ ସ ଆ ସ କହିଲେ: ମୁଁ ତାହାଙ୍କ ରାଣ ଖାଇ କହୁଛି ଯାହାଙ୍କ ହାତରେ ମୋ ଜୀବନ ଅଛି ! *ଅବଶ୍ୟ ଇବନେ ମରିୟମ୍ (ମରିୟମଙ୍କ ପୁତ୍ର) ତୁମମାନଙ୍କ ମଧ୍ୟରେ ଅବତରଣ କରିବେ । ସେ ହକମ୍ ଏବଂ ଅଦଲ୍ (ଉଚିତ ନ୍ୟାୟ ପ୍ରଦାନକାରୀ) ହେବେ । ସେ କ୍ରୁଶକୁ ଭାଙ୍ଗିବେ ,ଶୂକରକୁ ହତ୍ୟା କରିବେ,ଯୁଦ୍ଧ ବନ୍ଦ କରିବେ ଏବଂ ଏତେ ପ୍ରଚୁର ମାତ୍ରାରେ ଧନ ଥିବ ଯେ, କେହି ତାହାକୁ ଗ୍ରହଣ କରୁ ନଥିବେ ।*

***(ସହି ବୁଖାରୀ, ଖଣ୍ଡ-୪,କିତାବୁଲ୍ ବୁୟୁ, ମୁଦ୍ରିତ କାଦିଆନ୍ ୨୦୦୮)***

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧ ର ଅବଶିଷ୍ଟାଂଶ ......*

ହୋଇଥାଏ ।

***ତୟବ୍ :*** ହେଉଛି ଏମିତି ଜିନିଷ ଯାହା ନିଜର ବର୍ତମାନ ଅବସ୍ଥାରେ ମଧ୍ୟ ତୟବ (ଅର୍ଥାତ ପବିତ୍ର) ରହିଥାଏ । ଅର୍ଥାତ୍ ଏପରି ପ୍ରତ୍ୟେକ ଜିନିଷ, ଯାହାକୁ କୌଣସି ପରିସ୍ଥିତିରେ ବି ଖାଇବା ଅନୁମତିପ୍ରାପ୍ତ ତାହାକୁ ହଲାଲ୍ କହିବା । ଯେମିତି ଖାସି(ମାଂସ) ହେଉଛି ହଲାଲ୍ । ଯେହେତୁ ଏହାକୁ କଂଚା ଖାଇପାରିବା ନାହିଁ ତେଣୁ ଏହି କ୍ଷେତ୍ରରେ ଏହା ତୟବ୍(ପବିତ୍ର) ହେବ ନାହିଁ । କିନ୍ତୁ ତାକୁ ରାନ୍ଧି ଖାଇବା ତୟବ ହେବ ।

ତୟବ ଠାରୁ ନେଇ ହଲାଲ୍ ପର୍ଯ୍ୟନ୍ତ ହେଉଛି ଉତମ ଖାଦ୍ୟ । ତା ପରେ ଆହୁରି ଅନେକ ଜିନିଷମାନ ଅଛନ୍ତି,ଯାହା ହେଉଛନ୍ତି ମମ୍‌ନୁଉ । ତେଣୁ ତାହାସବୁ ଖାଇବା ଠିକ୍ ନୁହେଁ । ଉଦାହରଣ ସ୍ୱରୂପ ହଇଜା ପଡ଼ିଥିବା ସମୟରେ କାକୁଡ଼ି ଖାଇବାକୁ ଡ଼ାକ୍ତର ମନା କରିଦିଅନ୍ତି,ଯଦିଓ ସାଧାରଣ ଦିନମାନଙ୍କରେ କାକୁଡ଼ି ଖାଇବା ହଲାଲ୍ ଏବଂ ତୟବ ହୋଇଥାଏ,କିନ୍ତୁ ସେହି ଦିନମାନଙ୍କରେ ତାହା ହଲାଲ୍ ତ ରହିବ କିନ୍ତୁ ତୟବ୍ ହେବନାହିଁ । ଯେଉଁ ଜିନିଷଗୁଡ଼ିକ ହରାମ୍ (ନିଷେଧ)ପରେ ଅଛନ୍ତି,ଅର୍ଥାତ୍ ମମନୁଉ୍ ଅଟନ୍ତି,ସେମାନଙ୍କ ବିଷୟରେ ମଧ୍ୟ ଆମେ କହିବୁ ଯେ ସେସବୁକୁ ଖାଇବା ଠିକ୍ ନୁହେଁ । ଅର୍ଥାତ୍ ସେଗୁଡ଼ିକୁ ଖାଇବା ଦ୍ୱାରା ମଣିଷର କ୍ଷତି ହେବ । ଏହା ମନେ ରଖିବା ଉଚିତ ଯେ ଅଲ୍ଲାଃ ତାଲା ବିଭିନ୍ନ କାର୍ଯ୍ୟ ପାଇଁ ବିଭିନ୍ନ ପ୍ରାଣୀ ସୃଷ୍ଟି କରିଛନ୍ତି । କାହାକୁ ସୌନ୍ଦର୍ଯ୍ୟ ପାଇଁ,ଯାହାକୁ ଦେଖିଲେ ସୁନ୍ଦର ଲାଗେ । କାହାକୁ ସ୍ୱର ପାଇଁ ସୃଷ୍ଟି କରିଛନ୍ତି ଯେ ତାହାର ସ୍ୱର ବହୁତ ସୁନ୍ଦର ହୋଇଥାଏ । କାହାକୁ ଖାଇବା ପାଇଁ ସୃଷ୍ଟି କରିଛନ୍ତି,ଯାହାର ମାଂସ ବହୁତ ଭଲ ହୋଇଥାଏ । ଆଉ କାହାକୁ ଔଷଧ ପାଇଁ ସୃଷ୍ଟି କରିଛନ୍ତି, ଯାହାର ମାଂସରେ କାହାର ରୋଗକୁ ଆରୋଗ୍ୟ ପ୍ରଦାନ କରିବା ପାଇଁ ଶକ୍ତି ରହିଛି । କେବଳ ଗୋଟିଏ ପଶୁ ବୋଲି ଭାବି ଏବଂ ତାକୁ ହଲାଲ୍ ଦେଖି ଖାଇବା ଉଚିତ ନୁହେଁ । ହୋଇପାରେ ଯେ କୌଣସି ପଶୁର ମାଂସ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ତ ହୋଇନଥିବ, କିନ୍ତୁ ତାହାର ମାଂସ ହଲାଲ୍ ହୋଇଥିବା ସତ୍ତ୍ୱେ ବି ମାନବଜାତିର ହିତକୁ ଦେଖି ତାହାର ମାଂସ ତୟବ ହେବ ନାହିଁ । ଉଦାହରଣ ସ୍ୱରୂପ କେତେକ ପ୍ରାଣୀ ଫସଲ ମଧ୍ୟରେ ଥିବା କୀଟକୁ ବା ମଣିଷ ମଧ୍ୟରେ ରୋଗ ସୃଷ୍ଟି କରୁଥିବା ପୋକକୁ ଖାଇଥାନ୍ତି,ତାହେଲେ ଏପରି କ୍ଷେତ୍ରରେ ତାହା ତୟବ ହୋଇଥିଲେ ବି ହଲାଲ୍ ନୁହେଁ । କାରଣ ତାକୁ ଖଇବା ଯୋଗୁଁ ମଣିଷ ଆହୁରି ଅନେକ ଲାଭରୁ ବଂଚିତ ରହିଯିବ । ମତେ ପିଲାଟି ଦିନରୁ ଏ ଶିକ୍ଷା ଦିଆଯାଇଥିଲା । ମୁଁ ପିଲାଦିନେ ଥରେ ଗୋଟିଏ ଶୁଆ ଶିକାର କରି ନେଇ ଆସିଲି । ହଜରତ୍ ମସିହ୍ ମଉଦ୍ ଆ ସ ତାକୁ ଦେଖି କହିଲେ ମହମୁଦ୍ ! ଏହାର ମାଂସ ହରାମ ତ ନୁହେଁ ,କିନ୍ତୁ ଅଲ୍ଲାଃତାଲା ପ୍ରତ୍ୟେକ ପ୍ରାଣୀକୁ ଖାଇବା ପାଇଁ ସୃଷ୍ଟି କରିନାହାନ୍ତି । କିଛି ସୁନ୍ଦର ପ୍ରାଣିଙ୍କୁ ଦେଖିବା ପାଇଁ ସୃଷ୍ଟି କରିଛନ୍ତି ଯେ ସେମାନଙ୍କୁ ଦେଖିଲେ ଆଖି ତୃପ୍ତ ହୋଇଥାଏ । କେତେକ ପ୍ରାଣୀଙ୍କୁ ସୁନ୍ଦର/ଭଲ ସ୍ୱର ଦେଇଛନ୍ତି, ସେମାନଙ୍କ ସ୍ୱରକୁ ଶୁଣି କାନକୁ ମଧୁର ଲାଗିଥାଏ । ତେଣୁ ଅଲ୍ଲାଃତଲା ମଣିଷର ପ୍ରତ୍ୟେକ ଇନ୍ଦ୍ରୀୟ ନିମନ୍ତେ ପୁରସ୍କାର ପ୍ରଦାନ କରିଛନ୍ତି । ତେଣୁ ସେସବୁକୁ ସେଥିରୁ ଅଲଗା କରି ଜିଭକୁ ଦେଇଦେବା ଉଚିତ ନୁହେଁ ।(ଅର୍ଥାତ ମୁହଁର ସ୍ୱାଦ ପାଇଁ ବ୍ୟବହାର କରିବା ଉଚିତ ନୁହେଁ) । ଦେଖ ଏହି ଶୁଆଟି କେଡ଼େ ସୁନ୍ଦର ପ୍ରାଣୀ । ଗଛରେ ବସିଥିବା ସମୟରେ ଦର୍ଶକମାନଙ୍କୁ କେଡ଼େ ଭଲ ଲାଗୁଥିବ । ଅତଃ ତୟବ ନିମନ୍ତେ ଯେଉଁଠି ସ୍ୱାସ୍ଥ୍ୟଗତ ଦୃଷ୍ଟି କୋଣରୁ,ତାହା ଭଲ ହୋଇଥିବା ସର୍ତ ରହିଛି ସେଠି ତାକୁ ଖାଇବାପାଇଁ ଏ ସର୍ତ ବି ରହିଛି ଯେ ସେହି ଜିନିଷକୁ ଖାଇବା ଦ୍ୱାରା ମଣିଷର ଅନ୍ୟ ଇନ୍ଦ୍ରିୟଗୁଡ଼ିକର ବା ଅନ୍ୟ ଲୋକମାନଙ୍କର କିମ୍ବା ଅନ୍ୟାନ୍ୟ ଜୀବମାନଙ୍କର ହକ୍ ମରା ନଯାଉଥିବ । ତେଣୁ ଅନ୍ୟମାନଙ୍କ ଭାବନା ପ୍ରତି ମଧ୍ୟ ଦୃଷ୍ଟିଦେବା ଜରୁରୀ । ସୁତରାଂ ରସୁଲେ କରିମ୍ ସ ଆ ସ କହିଛନ୍ତି ***ମସ୍‌ତଖିବସତୁହୁଲ୍ ଅରବୁ ଫହୁଓ୍ୱ ହରାମୁନ୍ (ରୁହୁଲ୍ ମାଆନୀ,ଖ-୦୨ ଜେରେ ଆୟତ୍ ତହରୀମ୍ ସୁରଃ ଅନାମ୍)*** ଅର୍ଥାତ୍ ଆରବୀୟମାନେ ଯାହାକୁ ଖରାପ ଖାଦ୍ୟ ଭାବରେ ବିବେଚନା କରିଥାନ୍ତି,ତାହା ହେଉଛି ହରାମ୍ । ଏଠାରେ ହରାମର ଅର୍ଥ ଏହା ନୁହେଁ କି ଏହାକୁ ଖାଉଥିବା ଲୋକ ଅଲ୍ଲାଃଙ୍କ ନିକଟରେ ପାପୀ ହୋଇଥାଏ ବରଂ ଏହାର ଅର୍ଥ କେବଳ ହେଉଛି ଏତିକି ଯେ ଆରବୀୟମାନଙ୍କ ସାମନାରେ ଏହାକୁ ଖାଇବା ଉଚିତ ନୁହେଁ । କାରଣ ଏହାଦ୍ୱାରା ପରସ୍ପର ମଧ୍ୟରେ ଥିବା ସମ୍ପର୍କ ତିକ୍ତ ହୋଇଯାଇଥାଏ । ବର୍ତମାନ ହିନ୍ଦୁସ୍ତାନରେ ଗୋମାଂସ କ୍ଷେତ୍ରରେ ମଧ୍ୟ ସମାନ ବ୍ୟବସ୍ଥା ରହିଛି । ମୁସଲମାନମାନଙ୍କୁ ଏ କଥା ପ୍ରତି ସତର୍କ ରହିବା ଉଚିତ । ତେଣୁ ତାହାକୁ ହିନ୍ଦୁମାନଙ୍କ ସାମନାରେ ନଖାଇବା ଉଚିତ । ସେହିପରି ତାହା ବିଷୟରେ ସେମାନଙ୍କ ସମ୍ମୁଖରେ କୌଣସି ଚର୍ଚ୍ଚା ନ କରନ୍ତୁ କାରଣ ଏତଦ୍ୱାରା ସେମାନଙ୍କୁ କଷ୍ଟ ହୋଇଥାଏ ।***(ତଫସୀର୍ କବୀର୍ ,ଖ-୦୪,ପୃ-୨୬୨ମୁଦ୍ରିତ କାଦିଆନ୍ ୨୦୧୦)***

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

କବିଲାଗୁଡ଼ିକୁ ସାଥିରେ ମିଶାଇବା ପାଇଁ ତଥା ଇସଲାମ ଗ୍ରହଣ କରିବା ପାଇଁ ପ୍ରବର୍ତାଅ । ତତସହିତ ଏହା ବି ଆଦେଶ ଦେଇଥିଲେ ଯେ ଯଥା ଶୀଘ୍ର ମଦିନାରୁ ଗୋଟିଏ ସୈନ୍ୟବାହିନୀ ବି ସେମାନଙ୍କୁ ସାହାଯ୍ୟ କରିବା ପାଇଁ ପ୍ରେରଣ କରିଦିଆଯାଉ । ଫଳତଃ ସେମାନେ ଏହି ସାହାଯ୍ୟ ପାଇ ନିଜ ଅଭିଯାନର ଅଗ୍ରଗତିକୁ ଜାରି ରଖିପାରିବେ ।

କେତେକ ଐତିହାସିକଙ୍କର ଏ ମତାମତ ରହିଛି ଯେ ନା ତ ମୁସନ୍ନା ର ଅ ସାହାଯ୍ୟ ଲୋଡ଼ିବା ପାଇଁ ମଦିନା ଯାଇଥିଲେ ନା ହଜରତ୍ ଅବୁ ବକର ର ଅଙ୍କ ସହିତ ତାଙ୍କର କୌଣସି ସାକ୍ଷାତ ହୋଇଥିଲା ବରଂ ସେ ନିଜ ସୈନ୍ୟବାହିନୀ ସହିତ ଡେଲଟା ଇଲାକାର ବହୁତ ଦୂରକୁ ଚାଲିଯାଇଥିଲେ । ପୁଣି ସେ ଆଗକୁ ଯାଇ ଇରାନର କମାଣ୍ଡର୍ ହୁରମୁଜ୍‌ର ସୈନିକମାନଙ୍କ ସହିତ ଲଢିଥିଲେ । ହୁର୍ମୁଜ୍ ସେତେବେଳେ ସୀମାନ୍ତ ବାହିନୀର ଜଣେ ଅଧିକାରୀ ଥିଲା । କିସରା ସମ୍ରାଟର ସବୁଠାରୁ ନିକଟତର ପଦବୀ ଯଦି କାହାକୁ ମିଳି ପାରିଥାନ୍ତା,ତାହେଲେ ହୁର୍ମୁଜ ର ଗଣନା ସେମାନଙ୍କ ମଧ୍ୟରେ ହେଉଥିଲା । ଏବେ ହୁର୍ମୁଜ୍ ଏବଂ ମୁସନ୍ନା ମଧ୍ୟରେ ଯୁଦ୍ଧ ଜାରି ଥିଲା ଯେ ହଜରତ୍ ଅବୁ ବକର୍ ର ଅ ଙ୍କୁ ସେହି ଘଟଣା ବିଷୟରେ ଜଣାପଡ଼ିଲା । ସେ ସେତେବେଳେ ମୁସନ୍ନା ନାମ ବିଷୟରେ ସମ୍ପୂର୍ଣ୍ଣ ରୂପେ ଅବଗତ ନଥିଲେ । ଏହି ଖବର ପହଂଚିବାରେ ଯେବେ ହଜରତ୍ ଅବୁ ବକର୍ ର ଅ ଅନସନ୍ଧାନ କଲେ,ଯାଣିବାକୁ ପାଇଲେ ଯେ ମୁସନ୍ନା ଇରତାଦ୍ ତଥା ବିଦ୍ରୋହୀମାନଙ୍କ ସହିତ ଯୁଦ୍ଧ ସମୟରେ ବାହାରିନ୍‌ରେ ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ ।

ହଜରତ୍ ଅବୁ ବକର୍ ର ଅ ଖାଲିଦ୍ ର ଅ ଙ୍କୁ ଆଦେଶ ଦେଲେ ଯେ ହଜରତ୍ ମୁସନ୍ନା ର ଅ ଙ୍କୁ ସାହାଯ୍ୟ କରିବାପାଇଁ ଗୋଟିଏ ସୈନ୍ୟବାହିନୀ ସହିତ ଇରାକ ଚାଲିଯାଆନ୍ତୁ ଏବଂ ହୁର୍ମୁଜ୍ ଉପରେ ବିଜୟ ହାସଲ କରି ହିରାଃ ଆଡ଼କୁ ଚାଲିଯିବ । ହିରାଃ କୁଫାଠାରୁ ତିନି ମାଇଲ୍ ଦୂରତାରେ ଅବସ୍ଥିତ ଗୋଟିଏ ସହରର ନାମ ଥିଲା । ସେ ଯାହା ବି ହେଉ ତତ ସହିତ ସେ ହଜରତ୍ ଇୟାଜ୍ ବିନ୍ ଗନମ୍ ର ଅଙ୍କୁ ଏ ଆଦେଶ ବି ଦେଇଥିଲେ ଯେ ସେ ଦୌମତୁଲ୍ ଜନ୍ଦଲ୍ ଚାଲିଯାଆନ୍ତୁ । ଦୌମତୁଲ୍ ଜନ୍ଦଲ୍ ସିରିଆ ଏବଂ ମଦିନା ମଧ୍ୟରେ ଅବସ୍ଥିତ ଗୋଟିଏ କିଲ୍ଲା ଏବଂ ଗୋଟିଏ ବସ୍ତିର ନାମ । ତାହା ମଦିନାରୁ ସେ ଯୁଗର ଯାତ୍ରା ପଦ୍ଧତି ଅନୁଯାୟୀ ପନ୍ଦରରୁ ଷୋହଳ ଦିନ ଦୂରତାରେ ଅବସ୍ଥିତ ଥିଲା । ସେ ସେଠିକାର ବିଦ୍ରୋହୀ ବାସିନ୍ଦାକୁ ପରାସ୍ତ କରି ହିରାଃ ପହଂଚିଲେ । ହଜରତ ଇୟାଜ୍ ବିନ୍ ଗନମ୍ ର ଅ ରସୁଲେ କରିମ୍ ସ ଅ ସ ଙ୍କ ସାହାବି ଥିଲେ । ସେ ସୁଲାହ୍ ହୁଦବିୟା ପୂର୍ବରୁ ଇସଲାମ୍ ଗ୍ରହଣ କରିଥିଲେ ଏବଂ ସେଥିରେ ସାମିଲ୍ ବି ହୋଇଥିଲେ । ହଜରତ୍ ଅବୁ ଉବୈଦାଃ ର ଅ ତାଙ୍କୁ ନିଜ ଦେହାନ୍ତ ସମୟରେ ସିରିଆରେ ନିଜ ଉତରାଧିକାରୀ ଭାବରେ ନିଯୁକ୍ତି ଦେଇଥିଲେ । ହଜରତ୍ ଉମର୍ ର ଅ ତାଙ୍କୁ ସେହି ପଦବୀରେ କାଏମ୍ ରଖିଥିଲେ ଏବଂ କହିଥିଲେ ଯେ ଯାହାଙ୍କୁ ହଜରତ୍ ଅବୁ ଉବୈଦାଃ ର ଅ ଅମୀର ଭାବରେ ନିଯୁକ୍ତି ଦେଇଛନ୍ତି ମୁଁ ସେହି ଅମୀରଙ୍କୁ ବଦଳାଇବି ନାହିଁ । ସେ ଯାହା ବି ହେଉ ହଜରତ୍ ଅବୁ ବକର୍ ର ଅ କହିଲେ ଯେ ହଜରତ୍ ଖାଲିଦ୍ ବିନ୍ ୱ୍ଲିଦ୍ ର ଅ ଏବଂ ହଜରତ୍ ଇୟାଜ୍ ବିନ୍ ଗନମ୍ ର ଅ ଙ୍କ ମଧ୍ୟରୁ ଯିଏ ପ୍ରଥମେ ହିରାଃ ପହଂଚିଯିବ,ତାକୁ ସେହି ଇଲାକାରେ ଯୁଦ୍ଧ ଅପରେସନ୍ କରୁଥିବା ସେନାର ନେତୃତ୍ୱ ଦିଆଯିବ । **(ହଜରତ୍ ସୟଦନା ଅବୁ ବକର୍ ସିଦ୍ଧିକ୍ ର ଅ ଅଜ୍ ମୁହମ୍ମଦ୍ ହୁସୈନ୍ ହୈକଲ୍ ,ପୃ-୨୬୧-୨୬୬ ପ୍ରକାଶନ ୨୦୦୪)(ଅଟଲସ୍ ସିରତୁନ୍ ନବି ସ ଆ ସ ,ପୃ-୬୮)(ମୁଅଜୁମୁଲ୍ ବୁଲଦାନ୍ ,ଖ-୦୨,ପୃ-୩୭୬,ଦାରୁଲ୍ କୁତୁବୁଲ୍ ଅଲମିୟା ,ବେରୁତ)(ଫରହଙ୍ଗ୍ ସିରତ୍ ,ପୃ-୧୨୩)(ଉସଦୁଲ୍ ଗାବାଃ , ଖ-୦୪,ପୃ-୩୧୫ ଦାରୁଲ୍ କୁତୁବୁଲ୍ ଅଲମିୟା ,ବେରୁତ)**

ଗୋଟିଏ ରିଓ୍ୱାୟତ୍ ଅନୁଯାୟୀ ,ଯେତେବେଳେ ହଜରତ୍ ଖାଲିଦ୍ ବିନ୍ ୱ୍ଲିଦ୍ ର ଅ ୟମାମାଃ ଯୁଦ୍ଧ ସମାପ୍ତ କରିଲେ,ସେତେବେଳେ ହଜରତ୍ ଅବୁ ବକର୍ ର ଅ ତାଙ୍କୁ ଲେଖିଲେ ଯେ ଫରଯୁଲ୍ ହିନ୍ଦ୍ ଅର୍ଥାତ୍ ଉବୁଲ୍ଲହୁଠାରୁ ଆରମ୍ଭ କରିବ ଏବଂ ଇରାକର ଉପର ଇଲାକା ଆଡୁ ଇରାକରେ ପ୍ରବେଶ କରିବ ଏବଂ ଲୋକମାନଙ୍କୁ ନିଜ ସାଥିରେ ମିଶାଇବ । ସେମାନଙ୍କୁ ଅଲ୍ଲାଃଙ୍କ ଆଡ଼କୁ ଆମନ୍ତ୍ରଣ କରିବ । ଯଦି ସେମାନେ ତାହାକୁ ଗ୍ରହଣ କରିନିଅନ୍ତି,ତାହେଲେ ଠିକ ଅଛି । ନଚେତ ସେମାନଙ୍କଠାରୁ ଜିଜିଆ ଗ୍ରହଣ କରିବ । ପୁଣି ଯଦି ସେମାନେ ଜିଜିଆ କର ଦେବାକୁ ମନା କରନ୍ତି ତାହେଲେ ପୁଣି ସେମାନଙ୍କ ସହିତ ଯୁଦ୍ଧ କରିବ । ପୁଣି ଆଦେଶ ଦେଲେ ଯେ ସେ କାହାକୁ ନିଜ ସହିତ ଯୁଦ୍ଧ କରିବାକୁ ଯିବା ପାଇଁ ବାଧ୍ୟ କରିବେ ନାହିଁ ଏବଂ ଇସଲାମ୍‌ରୁ ମୁରତଦ୍ (ଅର୍ଥାତ ଇସଲାମ ପରିତ୍ୟାଗ କରିଥିବା)କୌଣସି ବି ଲୋକଠାରୁ ସାହାଯ୍ୟ ନିଅନ୍ତୁ ନାହିଁ, ଯଦିଓ ସେ ପରେ ଇସଲାମକୁ ଫେରିଆସିଥାଆନ୍ତୁ ପଛକେ । ଯଦି ସେ କୌଣସି ମୁସଲମାନ୍‌କୁ ପାଇବେ ତାହେଲେ ସେ ତାଙ୍କୁ ସାଥିରେ ମିଶାଇବେ । ପୁଣି ହଜରତ୍ ଅବୁ ବକର୍ ର ଅ ହଜରତ୍ ଖାଲିଦ୍ ର ଅ ଙ୍କୁ ସାହାଯ୍ୟ କରିବା ପାଇଁ ସେନା ପ୍ରସ୍ତୁତି ଆରମ୍ଭ କରିବାରେ ଲାଗିପଡ଼ିଲେ । ***(ଅଲବିଦାୟାଃ ୱ୍ନ୍ ନହାୟାଃ ଲେଇବନେ ଅସିର୍ ,ଖ-୦୩, ଭା-୦୬ ,ପୃ-୩୩୮, ବାଆସ୍ ଖାଲିଦ୍ ବିନ୍ ଅଲଓ୍ୱଲିଦ୍ ଇଲଲ୍ ଇରାକ୍ , ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍ ୨୦୦୧)***

ହଜରତ୍ ଖାଲିଦ୍ ବିନ୍ ୱ୍ଲିଦ୍ ର ଅ ୟମାମାଃରୁ ଇରାକ ଆଭିମୁଖେ ଯାତ୍ରା କରିବା ବେଳେ ନିଜ ସେନାକୁ ତିନି ଭାଗରେ ବିଭକ୍ତ

*ଅବଶିଷ୍ଟାଂଶ ପୃଷ୍ଠା-୮ରେ ଦେଖନ୍ତୁ ......*

## ୧୨୭ ତମ ଜଲ୍‌ସା ସାଲାନା କାଦିଆନ୍

୧ ୨ ୭ ତମ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ସୟଦନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୨ ୦ ୨ ୨ ମସିହା ଡ଼ିସେମ୍ବର ମାସର ୨ ୩, ୨ ୪ ଏବଂ ୨ ୫ ତାରିଖ (ଶୁକ୍ର, ଶନି ଏବଂ ରବିବାର)କୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଜମାତ୍‌ର ସଦସ୍ୟମାନେ ଏବେଠାରୁ ପ୍ରାର୍ଥନା କରି ଏହି ମୁବାରକ ଜଲ୍‌ସାରେ ସାମିଲ ହେବା ଉଦ୍ଦେଶ୍ୟରେ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ । ଅଲ୍ଲାଃ ତାଲା ଆମ ସମସ୍ତଙ୍କୁ ଏହି ଈଶ୍ୱରୀୟ ଜଲ୍‌ସାରୁ ଉପକୃତ ହୋବର ସୌଭାଗ୍ୟ ପ୍ରଦାନ କରନ୍ତୁ । ପ୍ରତି କ୍ଷେତ୍ରରୁ ଏହି ଜଲ୍‌ସା ସାଲାନ ସଫଳ ଓ ବାବର୍‌କତ୍ ହେବା ପାଇଁ ତଥା ଶୁଦ୍ଧ ଆତ୍ମାଗୁଡ଼ିକୁ ମାର୍ଗଦର୍ଶନ ମିଳିବା ପାଇଁ ଦୁଆ (ପ୍ରାର୍ଥନା) ଜାରି ରଖନ୍ତୁ । ଜଯାକୁମୁଲ୍ଲାଃ । ***(ନାଜିର୍ ଇସ୍‌ଲାହ୍ ୱ୍ ଇର୍‌ଶାଦ୍ ମର୍କଜିୟା କାଦିଆନ୍)***

# : ଖୁତ୍‌ବା ଜୁମା :

ଜାତୁସ୍ ସଲାସିଲ୍ ଯୁଦ୍ଧରେ ମୁସଲମାନମାନଙ୍କ ବିଜୟ ପ୍ରାପ୍ତ କରିବାର ବଡ଼ କାରଣ ହଜରତ୍ ଅବୁ ବକର୍ ର ଅଙ୍କର ସେହି ପଲିସି (ନୀତି) ମଧ୍ୟ ଥିଲା, ଯାହା ସେ ଇରାକର କୃଷକମାନଙ୍କ ନିମନ୍ତେ ପ୍ରସ୍ତୁତ କରି ରଖିଥିଲେ ଏବଂ ତାହା ଉପରେ ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅ କଠୋରତାର ସହିତ ପାଳନ ବି କରିଥିଲେ । ସେହି ନୀତି ଅନ୍ତର୍ଗତ ସେ କୃଷକ ମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ । ଯେଉଁଠାରେ ବି ସେମାନେ ବସବାସ କରୁଥିଲେ, ସେମାନଙ୍କୁ ସେଠାରେ ହିଁ ରହିବାକୁ ଦେଲେ । ମାମୁଲି ଜିଜିଆ ବ୍ୟତୀତ ସେମାନଙ୍କଠାରୁ କୌଣସି ପ୍ରକାରର ଜରିମନା ବା ଟିକସ ଅସୁଲ କରାଗଲା ନାହିଁ ।

**ହଜରତ୍ ମୁହମ୍ମଦ୍ ମୁସ୍ତଫା ସ ଆ ସଙ୍କ ମହାନ ପଦମର୍ଯ୍ୟାଦା ସମ୍ପନ୍ନ ଖଲିଫା ରାଶିଦ୍ ,ସିଦ୍ଦିକେ ଅକବର,ହଜରତ୍ ଅବୁ ବକର୍ ର ଅ ଙ୍କ ଖିଲାଫତ୍ ସମୟରେ ବିଦ୍ରୋହୀମାନଙ୍କ ବିରୁଦ୍ଧରେ କରାଯାଇଥିବା ଅଭିଯାନଗୁଡ଼ିକର ବ୍ୟାପକ ଚର୍ଚ୍ଚା**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍ତ: ୨୨ଜୁଲାଇ ୨୦୨୨ ଅନୁଯାୟୀ ୨୨ ୱଫା ୧୪୦୧ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَا إِلٰهَ إِلَّا اللّٰهُ وَحْدَهُ لَا شَرِيْكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُوْلُهُ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ-
اَلْحَمْدُ لِلّٰهِ رَبِّ الْعٰلَمِيْنَ- اَلرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- إِيَّاكَ نَعْبُدُ وَإِيَّاكَ نَسْتَعِيْنُ-
اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

ମୁଁ ଗତ ଖୁତବାରେ ଏହା କହିଥିଲି ଯେ ଆଜି ହଜରତ୍ ଅବୁ ବକର୍ ସିଦ୍ଦିକ୍ ର ଅ ଙ୍କ ଖିଲାଫତ୍ ସମୟରେ ଇରାନୀମାନଙ୍କ ବିରୁଦ୍ଧରେ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ବିଷୟରେ ବର୍ଣ୍ଣନା ହେବ । ଏହି କ୍ରମରେ ଅନୁଷ୍ଠିତ ହୋଇଥିବା ଗୋଟିଏ ଯୁଦ୍ଧର ନାମ ଥିଲା ଜାତୁସ୍ ସଲାସିଲ୍ ବା କାଜମାଃ ଯୁଦ୍ଧ । ଏହି ଯୁଦ୍ଧ ମୁହରମୁଲ୍ ହରାମ୍ ୧୨ ହିଜ୍ରୀରେ ଅନୁଷ୍ଠିତ ହୋଇଥିଲା । ଏହି ଯୁଦ୍ଧର ତିନୋଟି ନାମ ପ୍ରଶିଦ୍ଧ ରହିଛି । ଜାତୁସ୍ ସଲାସିଲ୍ ଯୁଦ୍ଧ, କାଜିମାଃ ଯୁଦ୍ଧ ଏବଂ ହଫିର୍ ଯୁଦ୍ଧ । ଏହି ଯୁଦ୍ଧକୁ ଜାତୁସ୍ ସଲାସିଲ୍ ଅର୍ଥାତ ଜଞ୍ଜିର ଯୁଦ୍ଧ ଏଇଥିପାଇଁ କୁହାଯାଏ ଯେ ଆରବୀ ଭାଷାରେ ସିଲସିଲାଃ ଜଞ୍ଜିରକୁ କୁହନ୍ତି,ଏବଂ ଏହାର ବହୁବଚନ ହେଉଛି ସଲାସିଲ୍ (ଅର୍ଥାତ୍ ଜଞ୍ଜିରର ଏକ ଶୃଙ୍ଖଳିତ କ୍ରମ) । କାରଣ ଏହି ଯୁଦ୍ଧରେ ଇରାନୀ ସେନା ନିଜକୁ, ପରସ୍ପର ସହିତ ଜଞ୍ଜିର ସାହାଯ୍ୟରେ ବାନ୍ଧି ଦେଇଥିଲେ,ଯଦ୍ୱାରା ସେମାନଙ୍କ ମଧ୍ୟରୁ କୌଣସକି ବ୍ୟକ୍ତି ଏହି ଯୁଦ୍ଧରୁ ପଳାୟନ କରିପାରିବେ ନାହିଁ । କେତେକ ଐତିହାସିକ ଏହି ରିୱାୟତକୁ ସ୍ୱୀକାର କରନ୍ତି ନାହିଁ । ଏହି ଯୁଦ୍ଧ ମୁସଲମାନ୍ ଏବଂ ଇରାନୀମାନଙ୍କ ମଧ୍ୟରେ କାଜିମାଃ ନିକଟସ୍ଥ ସ୍ଥାନରେ ଅନୁଷ୍ଠିତ ହୋଇଥିଲା । ସେଇଥିପାଇଁ ଏହାକୁ କାଜିମାଃ ଯୁଦ୍ଧ ବି କୁହାଯାଏ । କାଜମାଃ ବସରାଃଠାରୁ ବାହାରିନ୍ ରାସ୍ତାରେ ଯିବା ବେଳେ ବହରେ ସୈଫୁଲ୍ ବହର୍‌ଠାରେ ଥିବା ଗୋଟିଏ ବସ୍ତିର ନାମ । ***(ସିରତ୍ ସୟଦନା ସିଦ୍ଦିକ୍ ଅକବର୍ ର ଅ ଅଜ୍ ଉସତାଜ୍ ଉମର ଅବୁଲ୍ ନସର୍ ,ପୃ-୬୬୪)(ଉଦ୍ଧୃତ ଅଲକାମିଲ୍ ଫିତ୍ ତାରିଖ୍ ,ଖ-୦୨ ପୃ-୨୩୯ ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୦୩)(ଅବୁ ବକର୍ ସିଦ୍ଦିକ୍ ଅକବର୍ ର ଅ ,ଅଜ୍ ମୁହମ୍ମଦ୍ ହୁସୈନ୍ ହୈକଲ୍ ,ମୁତରଜିମ୍ ଶେଖ୍ ମୁହମ୍ମଦ୍ ଅହମଦ୍ ପାନିପତି ,ପୃ-୨୭୨ ଇଲମୋ ଇରଫାନ୍ ପବ୍ଲିସରସ୍ ଲାହୋର୍ ୨୦୦୪)(ମୁଅଜମୁଲ୍ ବୁଲଦାନ୍ ,ଖ-୦୪ ପୃ-୪୮୮)***

ଏହି ଯୁଦ୍ଧ ହଫିର୍ ଅଂଚଳରେ ଘଟିଥିବାରୁ ହଫିର୍ ଯୁଦ୍ଧ ନାମରେ ବି ପରିଚିତ । ***(ଅସସିଦ୍ଦିକ୍ ର ଅ, ପୃ-୧୨୭ ,ଲେଖକ ପ୍ରଫେସର୍ ଅଲୀ ମୁହସିନ୍ ସିଦ୍ଦିକୀ)***

ମୁସଲମାନ୍ ମାନଙ୍କ ତରଫରୁ ସେହି ଯୁଦ୍ଧରେ ସେନାଧ୍ୟକ୍ଷ ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅ ଥିଲେ ଏବଂ ଇରାନୀମାନଙ୍କ ତରଫରୁ ହୁର୍ମୁଜ୍ ସେନାଧ୍ୟକ୍ଷ ଥିଲା । ମୁସଲମାନ ମାନଙ୍କ ସୈନ୍ୟବାହିନୀର ସଂଖ୍ୟା ଅଠର ହଜାର୍ ଥିଲା । **(ତାରିଖେ ତିବରୀ ,ଖ-୦୨ ,ପୃ-୩୦୯,*ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୧୨*)**

ଯେମିତି କି ଗତ ଖୁତବାରେ ମୁଁ ବର୍ଣ୍ଣନା କରିଥିଲି ଯେ ହୁର୍ମୁଜ୍ ଇରାନୀମାନଙ୍କ ତରଫରୁ ସେହି ଇଲାକାର ହାକିମ ଥିଲା । ସେ ଇରାନର ଅଧିକାଂଶ ସମ୍ମାନୀୟ ବ୍ୟକ୍ତି ମାନଙ୍କ ମଧ୍ୟରେ ନିଜ ବଂଶ ପରମ୍ପରାରେ ସର୍ବାଗ୍ରେ ଥିଲା । ଇରାନୀୟ ସଂଭ୍ରାନ୍ତମାନଙ୍କର ଏ ଅଭ୍ୟାସ ଥିଲା ଯେ ସେମାନେ ସାଧାରଣ ଟୋପି ପରିବର୍ତ୍ତେ ମୂଲ୍ୟବାନ ଟୋପି ପରିଧାନ କରୁଥିଲେ । ସେତେବେଳେ ସବୁଠରୁ ମୂଲ୍ୟବାନ ଟୋପିର ଦାନ ଏକ ଲକ୍ଷ ଦିରହମ୍ ଥିଲା । ସେହି ଟୋପିକୁ ଏପରି ବ୍ୟକ୍ତି ପିନ୍ଧିପାରୁଥିଲା,ଯିଏ ଭଦ୍ର ,ସମ୍ମାନୀୟ ଏବଂ ମାନ ସମ୍ମାନର ଉଚ୍ଚ ସ୍ତରରେ ପହଂଚି ଥିବ । ହୁର୍ମୁଜର ପଦମର୍ଯ୍ୟାଦା ଏଥିରୁ ଆକଳନ କରାଯାଇପାରେ ଯେ ତା' ଟୋପିର ମୂଲ୍ୟ ଏକ ଲକ୍ଷ ଦିରହମ୍ ଥିଲା ।

ଇରାନୀମାନଙ୍କ ମଧ୍ୟରେ ତାର ବେଶଭୂଷା ସ୍ୱିକାରୀୟ ଥିଲା କିନ୍ତୁ ଇରାକର ସୀମାରେ ରହୁଥିବା ଆରବମାନଙ୍କ ମଧ୍ୟରେ ତାକୁ ଘୃଣା ଦୃଷ୍ଟିରେ ଦେଖାଯାଉଥିଲା । କାରଣ ସେ ସେହି ଆରବୀୟ ମାନଙ୍କ ଉପରେ ସମସ୍ତ ସୀମାନ୍ତ ଅଧିକାରୀଙ୍କ ତୁଳନାରେ ଅଧିକା କଠୋରତା ତଥା ଅଧିକା ଅତ୍ୟାଚାର କରୁଥିଲା । ଆରବୀୟମାନଙ୍କର ତା ପ୍ରତି ଘୃଣଭାବ ଏତେ ମାତ୍ରାରେ ବଢିଯାଇଥିଲା ଯେ (ଅର୍ଥାତ ଯେଉଁ ଅଣମୁସଲମାନ୍ ଆରବମରେନ ସେହି ଇଲାକାରେ ରହୁଥିଲେ ସେମାନଙ୍କ ମନରେ ହୁର୍ମୁଜ୍ ପ୍ରତି ଘୃଣଭାବ ଏତେ ମାତ୍ରାରେ ବଢିଯାଇଥିଲା ଯେ)ସେମାନେ ଯେବେ କୌଣସି ଦୁଷ୍ଟ ପ୍ରକୃତି ଲୋକର ନାମ ଧରୁଥିଲେ, ହୁର୍ମୁଜର ନାମକୁ ଉଦାହରଣ ଭାବରେ ବ୍ୟବହାର କରୁଥିଲେ । ଅତଃ ସେମାନେ କହୁଥିଲେ ଯେ ଅମୁକ ଲୋକ ତ ହୁର୍ମୁଜ୍ ଠାରୁ ବି ଅଧିକା ଖବିସ୍ (ଦୁଷ୍ଟ) । ଅମୁକ ଲୋକ ହୁର୍ମୁଜ୍ ଠାରୁ ବି ଅଧିକା ଅସାମାଜିକ ଏବଂ ଖରାପ ପ୍ରକୃତିର । ଅମୁକ ଲୋକ ହୁର୍ମୁଜ୍ ଠାରୁ ବି ଅଧିକା ସ୍ୱାର୍ଥପର । ଏଇଥିପାଇଁ ହୁର୍ମୁଜ୍‌କୁ ଆରବବାସୀଙ୍କ ତରଫରୁ ଥରକୁ ଥର ପ୍ରତିଘାତର ସମ୍ମୁଖିନ ହେବାକୁ ପଡୁଥିଲା । ଅପର ପକ୍ଷେ ହୁର୍ମୁଜ୍‌ର ମୁହାଁମୁହିଁ ହିନ୍ଦୁସ୍ତାନର ସାମୁଦ୍ରିକ ଦଶ୍ୟୁମାନଙ୍କ ସହିତ ବି ଜାରି ରହିଥିଲା । ***(ଅବୁ ବକର୍ ସିଦ୍ଦିକ୍ ଅକବର୍ ର ଅ ,ଅଜ୍ ମୁହମ୍ମଦ୍ ହୁସୈନ୍ ହୈକଲ୍ ,ମୁତରଜିମ୍ ପୃ-୨୬୯-୨୭୦)***

ସେ ଯାହା ବି ହେଉ ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅ ୟମାମାଃ ଠାରୁ ବାହାରିବା ପୂର୍ବରୁ ହୁର୍ମୁଜକୁ ଗୋଟିଏ ଚିଠି ଲେଖିଥିଲେ । ସେ ତାଙ୍କ ଚିଠିରେ ଲେଖିଥିଲେ ଯେ ଅମ୍ମା ବାଆଦ୍ ! ଆଜ୍ଞାବହତା ସ୍ୱୀକାର କରିନିଅ,ଏତତଦ୍ୱାରା ତୁମେ ସୁରକ୍ଷିତ ରହିବ,ବା ନିଜ କୌମ୍ ଏବଂ ନିଜର ସୁରକ୍ଷା ନିମନ୍ତେ ଜମାନତ ହାସଲ କରିନିଅ । ଜିଜିଆ ଦେବା ପାଇଁ ରାଜି ହୋଇଯାଅ । ଅନ୍ୟଥା ତୁମେ ତୁମ ନିଜ ବ୍ୟତୀତ ଆଉ କାହାକୁ ବି ଅଭିଷାପ ଦେଇପାରିବ ନାହିଁ ।

ମୁଁ ତୁମ ବୁରୁଦ୍ଧରେ ଯୁଦ୍ଧ କରିବା ପାଇଁ ଏପରି କୌମ୍ (ଗୋଷ୍ଠୀ) କୁ ଆଣିଅଛି ,ଯିଏ ମୃତ୍ୟୁକୁ ଏପରି ପସନ୍ଦ କରିଥାନ୍ତି ଯେପରି ତୁମେମାନେ ଜୀବନକୁ ପସନ୍ଦ କରିଥାଅ । **(ତାରିଖେ ତିବରୀ ,ଖ-୦୨ ,ପୃ-୩୦୯,*ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୧୨*)**

ଯେତେବେଳେ ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅଙ୍କ ଚିଠି ହୁର୍ମୁଜ୍ ନିକଟରେ ପହଂଚିଲା,ସେତେବେଳେ ସେ କିସରା ସମ୍ରାଟକୁ ଏହାର ସୂଚନା ଦେଲା ଏବଂ ନିଜ ସେନାକୁ ଏକତ୍ର କରିଲା । ସେ ଗୋଟିଏ ସେନାଦଳକୁ ସାଥିରେ ଧରି ତତକ୍ଷଣାତ୍ ହଜରତ୍ ଖାଲିଦ ର ଅ ଙ୍କ ସହିତ ଯୁଦ୍ଧ କରିବା ପାଇଁ କାଜମାଠାରେ ପହଂଚିଲା ଏବଂ ନିଜ ଘୋଡ଼ାଠାରୁ ବି ଆଗକୁ ବଳିଗଲା । କିନ୍ତୁ ସେ ସେହି ମାର୍ଗରେ ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅ ଙ୍କୁ ପାଇଲା ନାହିଁ । ତାକୁ ଏ ଖବର ମିଳିଲା ଯେ ମୁସଲମାନମାନଙ୍କ ସୈନ୍ୟବାହିନୀ ହଫିରଠାରେ ଏକତ୍ରିତ ହେଉଛନ୍ତି । ତେଣୁ ସେ ଅବିଳମ୍ବେ ହଫିର ଆଡ଼କୁ ବାହାରି ପଡ଼ିଲା । ହଫିର୍ ବସରାଃରୁ ମକ୍କା ଆଡ଼କୁ ଯାଉଥିବା ପ୍ରଥମ ଅବସ୍ଥାନ ଥିଲା । ସେଠାରେ ପହଂଚିବା କ୍ଷଣି ସେ ନିଜ ସୈନ୍ୟବାହିନୀର କ୍ରମସଜ୍ଜା କଲା । ହୁର୍ମୁଜ୍ ନିଜ ଡ଼ାହଣ ପଟେ ଓ ବାମ ପଟେ ଦୁଇ ଭାଇଙ୍କୁ ମୃତୟନ କଲା । ସେମାନଙ୍କ ମଧ୍ୟରୁ ଜଣକର ନାମ ଥିଲା କୁବାଜ୍ ଏବଂ ଅନ୍ୟଜଣକର ନାମ ଥିଲା ଅନୁଶଜାନା

। ଇରାନୀମାନେ ନିଜକୁ ଜଞ୍ଜିରରେ/ଶିକୁଳୀରେ ବାନ୍ଧିଦେଇଥିଲେ । ଏହି ରିଓ୍ୱାୟତରେ ଏହା ହିଁ ବର୍ଣ୍ଣନା କରାଯାଇଅଛି । ଏହା ବି କୁହାଯାଏ ଯେ ଯେଉଁମାନଙ୍କର ରାୟ ଏହାର ବିପରିତ ଥିଲା ,ଯେବେ ସେମାନେ ଏହି ଦୃଶ୍ୟକୁ ଦେଖିଲେ ,କହିଲେ ଯେ ତୁମେମାନେ ଶତୃମାନଙ୍କ ନିମନ୍ତେ ନିଜକୁ ନିଜେ ଶିକୁଳୀରେ ବାନ୍ଧି ଦେଇଛ । ଏପରି କର ନାହିଁ । ଏହା ତୁମପାଇଁ ଖରାପ/ଅଶୁଭ । ଯେଉଁମାନେ ଏହାର ସପକ୍ଷରେ ଥିଲେ ,ସେମାନେ ଏହାର ଉତର ଦେଲେ ଯେ ଜଞ୍ଜିରରେ ବନ୍ଧାହେବା ଉଚିତ । ଅର୍ଥାତ ତୁମମାନଙ୍କ ବିଷୟରେ ଆମକୁ ଏ ସୂଚନା ମିଳିଛି ଯେ ତୁମେମାନେ ପଳାୟନ କରିବାକୁ ଚାହୁଁଛ । ଯେବେ ହଜରତ୍ ଖାଲିଦ୍ ର ଅଙ୍କୁ ହୁର୍ମୁଜ୍ ହଫିରଠାରେ ପହଂଚିବା କଥା ଜଣା ପଡ଼ିଲା ,ସେ ନିଜ ସେନାକୁ ନେଇ କାଜିମାଃ ଆଡ଼କୁ ଅଗ୍ରସର ହେଲେ ।

ହୁର୍ମୁଜ୍‌କୁ ଯେତେବେଳେ ଏହା ଜଣା ପଡ଼ିଲା,ସେ ତତକ୍ଷଣାତ୍ କାଜମାଃ ଆଡ଼କୁ ବାହାରିଗଲା ଏବଂ ସେଠାରେ ନିଜର ଛାଉଣି ସ୍ଥାପନ କଲା । ହୁର୍ମୁଜ୍ ଏବଂ ତା ସୈନିକ ଧାଡ଼ି ବାନ୍ଧି ଛିଡ଼ା ହୋଇଗଲେ । ପାଣି ଉପରେ ତାଙ୍କର କବ୍ଜା ଥିଲା । ଯେବେ ହଜରତ୍ ଖାଲିଦ୍ ବିନ୍ ୱ୍ଲିଦ୍ ର ଅ ଆସିଲେ,ତାଙ୍କୁ ଏମିତି ଏକ ସ୍ଥାନରେ ଓହ୍ଲାଇବାକୁ ପଡ଼ିଲା ଯେଉଁଠି ପାଣି ନଥିଲା । ଲୋକମାନେ ତାଙ୍କ ନିକଟରେ ଏହାର ଅଭିଯୋଗ କଲେ । ତାଙ୍କ ଘୋଷଣାକାରୀ /ପ୍ରଚାରକ ଏ ଘୋଷଣା କଲା ଯେ ସମସ୍ତେ ଓହ୍ଲାଇପଡନ୍ତୁ ଏବଂ ଜିନିଷ ପତ୍ର ସବୁକୁ ଓହ୍ଲାଇ ଦିଅନ୍ତୁ । ପୁଣି ଶତୃଙ୍କ ସହିତ ପାଣି ପାଇଁ ଲଢନ୍ତୁ । କାରଣ ଏହି ଦୁଇ ଗୋଷ୍ଠୀ ମଧ୍ୟରେ ଯିଏ ଅଧିକ ସ୍ଥିର ରହିବ,ପାଣି ଉପରେ ସେହି ଦଳର କବ୍ଜା ହେବ । ସେ ଏହି ଦୁଇଟି ସୈନ୍ୟବାହିନୀ ମଧ୍ୟରେ ଅଧିକା ସମ୍ମାନଜନକ ହେବ । ତାପରେ ସାମାନକୁ ଓହ୍ଲାଇଦିଆଗଲା । ଅଶ୍ୱାରୋହୀମାନେ ସେହି ସ୍ଥାନରେ ଛିଡ଼ା ହୋଇ ରହିଲେ । ପଦାତିକ ବାହିନୀ ଆଗକୁ ଯାଇ ଶତୃଙ୍କ ଉପରେ ଆକ୍ରମଣ କଲେ । ଦୁଇପଟୁ ଯୁଦ୍ଧ ଆରମ୍ଭ ହୋଇଗଲା । ଅଲ୍ଲାଃତାଲା ଗୋଟିଏ ବଦଳା ପଠାଇଲେ । ମୁସଲମାନମାନଙ୍କ ପଛରେ ବର୍ଷା ହେବାକୁ ଲାଗିଲା । ମୁସଲମାନମାନଙ୍କୁ ଏହାଦ୍ୱାରା ଶକ୍ତି ମିଳିଲା । ହୁର୍ମୁଜ୍ ହଜରତ୍ ଖାଲିଦ୍ ବିନ୍ ୱ୍ଲିଦ୍ ର ଅଙ୍କ ପାଇଁ ଗୋଟିଏ ଯୋଜନା ପ୍ରସ୍ତୁତ କଲେ । ସେ ନିଜ ପ୍ରତିରକ୍ଷା ବାହିନୀକୁ କହିଲ ଯେ ମୁଁ ହଜରତ୍ ଖାଲିଦ୍ ବିନ୍ ୱ୍ଲିଦ୍ ର ଅଙ୍କୁ ଲଢ଼େଇ କରିବା ପାଇଁ ନିମନ୍ତ୍ରଣ କରୁଛି । ମୁଁ ଯେପର୍ଯ୍ୟନ୍ତ ତାଙ୍କୁ ଏହି କାର୍ଯ୍ୟରେ ବ୍ୟସ୍ତ ରଖିଥିବି ତୁମେମାନେ ଅଚାନକ ହଜରତ୍ ଖାଲିଦ୍ ବିନ୍ ୱ୍ଲିଦ୍ ର ଅଙ୍କ ଉପରେ ଆକ୍ରମଣ କରିଦେବ । ତାପରେ ହୁର୍ମୁଜ୍ ରଣକ୍ଷେତ୍ରକୁ ବାହାରିଲା । ହଜରତ୍ ଖାଲିଦ୍ ବିନ୍ ୱ୍ଲିଦ୍ ର ଅ ନିଜ ଘୋଡ଼ା ଉପରୁ ଓହ୍ଲାଇଲେ । ସେହିପରି ହୁର୍ମୁଜ ମଧ୍ୟ ନିଜ ଘୋଡ଼ା ଉପରୁ ଓହ୍ଲାଇଲା । ପୁଣି ସେ ହଜରତ୍ ଖାଲିଦ୍ ର ଅଙ୍କୁ ଯୁଦ୍ଧ କରିବା ପାଇଁ ଆମନ୍ତ୍ରଣ କଲା । ହଜରତ୍ ଖାଲିଦ୍ ବିନ୍ ୱ୍ଲିଦ୍ ର ଅ ଚାଲି ଚାଲି ତା ନିକଟକୁ ଆସିଲେ । ତା'ପରେ ଦୁଇଜଣଙ୍କ ମଧ୍ୟରେ ଲଢ଼େଇ ଚାଲିଲା । ଉଭୟ ପାର୍ଶ୍ୱରୁ ଆକ୍ରମଣ ଜାରି ରହିଲା । ହଜରତ୍ ଖାଲିଦ୍ ବିନ୍ ୱ୍ଲିଦ୍ ର ଅ ହୁର୍ମୁଜକୁ ଟାଣିନେଲେ । ଏହା ଦେଖି ହୁର୍ମୁଜର ପ୍ରତିରକ୍ଷା ବାହିନୀ ବିଶ୍ୱାସଘାତକତା କରି ହଜରତ୍ ଖାଲିଦ୍ ବିନ୍ ୱ୍ଲିଦ୍ ର ଅଙ୍କ ଉପରେ ଆକ୍ରମଣ କରିଦେଲେ ଏବଂ ତାଙ୍କୁ ଘେରିଗଲେ । ଯେତେବେଳେ ଜଣକୁ ଜଣେ ଯୁଦ୍ଧ କରୁଥିବେ ,ସେତେବେଳେ ଅନ୍ୟମାନେ ଆକ୍ରମଣ କରିନଥାନ୍ତି । କିନ୍ତୁ ହୁର୍ମୁଜର ସେନା ହଜରତ୍ ଖାଲିଦ୍ ବିନ୍ ୱ୍ଲିଦ୍ ର ଅଙ୍କ ଉପରେ ଆକ୍ରମଣ କରିଦେଲା । ଏହା ସତ୍ୱେ ବି ହଜରତ୍ ଖାଲିଦ୍ ବିନ୍ ୱ୍ଲିଦ୍ ର ଅ ହୁର୍ମୁଜର କାମ ଶେଷ କରିଦେଲେ । (ଅର୍ଥାତ ହୁର୍ମୁଜକୁ ନିହତ କରିଦେଲେ) ।

ହଜରତ୍ କଅକାଅ ବିନ୍ ଅମରୋ ର ଅ ଇରାନୀୟମାନଙ୍କ ଏପରି ବିଶ୍ୱାସଘାତକତାକୁ ଦେଖିବା ମାତ୍ରେ ,ସେ ହୁର୍ମୁଜର ପ୍ରତିରକ୍ଷା ବାହିନୀ ଉପରେ ଆକ୍ରମଣ କରିଦେଲେ ଏବଂ ସେମାନଙ୍କୁ ଘେରାଉଟ୍ କରି ସେମାନଙ୍କୁ ମୃତ୍ୟୁ ଶେଯରେ ଶୁଆଇଦେଲେ । ଇରାନୀୟମାନଙ୍କାର ସୋଚନୀୟ ପରାସ୍ତ ହେଲା ଏବଂ ସେମାନେ ସେଠାରୁ ପଳାୟନ କଲେ । ପଳାୟନ କରିଥିବା ଲୋକଙ୍କ ମଧ୍ୟରେ କୁବାଜ୍ ଏବଂ ଅନୁଶଜାନ୍ ମଧ୍ୟ ଥିଲେ । ମୁସଲମାନ୍‌ମାନେ ରତିର ଅନ୍ଧକାରରେ ଇରାନୀୟମାନଙ୍କୁ ଗୋଡ଼ାଇ ଗୋଡ଼ାଇ ଫୁରାତ ନଦୀର ବଡ଼ ପୋଲ ପର୍ଯ୍ୟନ୍ତ ହତ୍ୟା କରିଚାଲିଥିଲେ । ଆଜିକାଲି ସେଠାରେ ବସରାଃ ସହର ରହିଛି । ଯୁଦ୍ଧ ଶେଷରେ ହଜରତ୍ ଖାଲିଦ୍ ବିନ୍ ୱ୍ଲିଦ୍ ର ଅ ମାଲେ ଗନିମତ୍ (ଯୁଦ୍ଧରେ ଜିଣାଯାଇଥିବା ଧନ ସମ୍ପତି) ଗୁଡ଼ିକ ଏକାଠି କଲେ । ସେଥିମଧ୍ୟରେ ଗୋଟିଏ ଓଟର ଭାର ସହିତ ସମାନ ଜଞ୍ଜିର/ ଶିକୁଳି ବି ରହିଥିଲା । ସେହି ଶିକୁଳିଗୁଡ଼ିକର ଓଜନ ଏକ ହଜାର୍ ରତଲ୍ ଥିଲା । ଅର୍ଥାତ୍ ଜଞ୍ଜିର ଗୁଡ଼ିକର ଓଜନ ପ୍ରାୟ ତିନି ଶହ ପଂଚସ୍ତରୀ କିଲୋ ଥିଲା । ଯେଉଁ ମାଲେ ଗନିମତ୍ ହଜରତ୍ ଅବୁ ବକର୍ ର ଅଙ୍କ ନିକଟକୁ ପଠାଯାଇଥିଲା, ସେଥିରେ ହୁର୍ମୁଜର ଗୋଟିଏ ଟୋପି ମଧ୍ୟ ସାମିଲ ଥିଲା । ସେହି ଟୋପିଟିର ମ୍ୟଲ୍ୟ ଏକ ଲକ୍ଷ ଦିରହମ୍ ଥିଲା,ଏବଂ ତାହା ଅଳଙ୍କାରରେ ସୁସଜ୍ଜିତ ଥିଲା । ହଜରତ୍ ଅବୁ ବକର୍ ର ଅ ସେହି ଟୋପିଟିକୁ ହଜରତ୍ ଖାଲିଦ୍ ବିନ୍ ୱ୍ଲିଦ୍ ର ଅଙ୍କୁ ପ୍ରଦାନ କରିଦେଲେ । ହଜରତ୍ ଖାଲିଦ୍ ବିନ୍ ୱ୍ଲିଦ୍ ର ଅ ବିଜୟର ସୁସମାଚାର ,ମାଲେ ଗନିମତ୍ ମଧ୍ୟରୁ ଏକପଂଚମାଂଶ (ଖୁମୁସ୍) ଏବଂ ଗୋଟିଏ ହାତି ମଦିନା ପ୍ରେରଣ କରିଲେ ଏବଂ ଚାରିଆଡ଼େ ଇସଲାମୀୟ ସେନାର ବିଜୟ ବାର୍ତା ବିଷୟରେ ଘୋଷଣା କରିଦେଲେ । ଜିର୍ ବିନ୍ କୁଲୈବ୍ ଖୁମୁସ୍ ତଥା ହାତିକୁ ଧରି ମଦିନାରେ ପହଂଚିଲେ । ମଦିନାବାସୀ ଏହା ପୂର୍ବରୁ କେବେ ହାତି ଦେଖିନଥିଲେ । ମଦିନାବାସୀଙ୍କ କଥା ଛାଡ଼ନ୍ତୁ ଆରବର ଅନ୍ୟ କୌଣସି ସ୍ଥାନର ବାସିନ୍ଦା ମଧ୍ୟ ଅବରହାର ହାତି ବ୍ୟତୀତ ଆଜି ପର୍ଯ୍ୟନ୍ତ ଆଉ କେବେ ହାତିର ରୂପ ବି ଦେଖି ନଥିଲେ । ଯେତେବେଳେ ଲୋକମାନଙ୍କୁ ଦେଖାଇବା ପାଇଁ ସେହି ହାତିକୁ ସାରା ସହରରେ ବୁଲା ଗଲା, ଜଣେ ବୃଦ୍ଧା ମହିଳା ସେହି ହାତିଟିକୁ ଦେଖି ବହୁତ ଆଶ୍ଚର୍ଯ୍ୟ ହେଲା ଏବଂ କହିବାକୁ ଲାଗିଲା ଯେ ଯାହା ଆମେ ଦେଖୁଅଛେ କ'ଣ ଏହା ଈଶ୍ୱରଙ୍କ ସୃଷ୍ଟି ମଧ୍ୟରୁ ଗୋଟିଏ ? ସେ ଏହା ଭାବିଲେ ଯେ ବୋଧହୁଏ ଏହା ଗୋଟିଏ ନକଲି ଜିନିଷ । ସେହି ହାତିଟିକୁ ହଜରତ୍ ଅବୁ ବକର୍ ର ଅ ଜିରରାଃ ସହିତ ହଜରତ୍ ଖାଲିଦ୍ ବିନ ୱ୍ଲିଦ୍ ର ଅଙ୍କ ନିକଟକୁ ଫେରାଇ ଦେଇଥିଲେ । ***(ତାରିଖେ ତିବରୀ ଖ-୦୨ ପୃ-୩୦୯-୩୧୦ ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟା ଲେବନାନ୍ ୨୦୧୨)(ସୟଦନା ଅବୁ ବକର୍ ସିଦ୍ଦିକ୍ ର ଅ ଅଜ୍ ଡ଼ାଃ ଅଲୀ ମୁହମ୍ମଦ୍ ସଲାବୀ ପୃ-୪୦୪--,୪୦୫) (ହଜରତ୍ ସୟଦନା ଅବୁ ବକର୍ ସିଦ୍ଦିକ୍ ର ଅ ଅଜ୍ ମୁହମ୍ମଦ୍ ହୁସୈନ୍ ହୈକଲ୍ ,ପୃ-୨୭୧-୨୭୩)(ମୁଅଜମୁଲ୍ ବୁଲଦାନ୍ ,ଖ-୦୧,ପୃ-୧୦୯)(ମୁଅଜମୁଲ୍ ବୁଲଦାନ୍ ,ଖ-୦୨,ପୃ-୩୧୯ ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟା ଲେବନାନ୍) (ଲୁଗାତୁଲ୍ ହଦିସ୍ ଜେରେ ଲଫଜ୍ ରତଲ୍ ,ଖ-୦୨, ପୃ-୧୨୧)***

ସେହି ଯୁଦ୍ଧରେ ମୁସଲମାନମାନଙ୍କ ବିଜୟ ହେବାର ଗୋଟିଏ ବଡ଼ କାରଣ ହଜରତ୍ ଅବୁ ବକର୍ ର ଅଙ୍କ ରଣନୀତି ବି ଥିଲା, ଯାହା ସେ ଇରାକର କୃଶକମାନଙ୍କ ସମ୍ବନ୍ଧରେ ଆଦେଶ ଦେଇଥିଲେ,ଏବଂ ହଜରତ୍ ଖାଲିଦ୍ ର ଅ ବି ତା ଉପରେ କଠୋରତାର ସହିତ ପାଳନ କରିଥିଲେ ।

ଏହି ପଲିସି ଅନୁଯାୟୀ ସେ କୃଷକମାନଙ୍କୁ ଦୁର୍ବ୍ୟବହାର କରିନଥିଲେ । ସେମାନେ ଯେଉଁ ଇଲାକାରେ ବି ରହୁଥିଲେ,ସେମାନଙ୍କୁ ସେଠାରେ ରହିବାକୁ ଦିଆଗଲା । ଅଳ୍ପ ପରିମାଣର ଜିଜିଆ ବ୍ୟତୀତ ସେମାନଙ୍କଠାରୁ କୌଣସି ପ୍ରକାରର କର ବା ଟ୍ୟାକ୍ସ ନିଆଗଲା ନାହିଁ । ***(ହଜରତ୍ ସୟଦନା ଅବୁ ବକର୍ ସିଦ୍ଦିକ୍ ର ଅ ଅଜ୍ ମୁହମ୍ମଦ୍ ହୁସୈନ୍ ହୈକଲ୍ ,ପୃ-୨୭୨)***

ଜାତୁଲ୍ ସଲାସିଲ୍ ଯୁଦ୍ଧରେ ଯୋଗ ଦେଇଥିବା ଅଶ୍ୱାରୋହୀଙ୍କୁ ଏକ ହଜାର ଦିରହମ୍ ଭାଗ ମିଳିଲା । ସେହିପରି ପଦାତିକ ବାହିନୀକୁ ତାହାର ଏକ ତୃତୀୟାଂଶ ଭାଗ ମିଳିଲା । ***(ତାରିଖେ ତିବରୀ ଖ-୦୨ ପୃ-୩୦୯-୩୧୧ ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟା ଲେବନାନ୍ ୨୦୧୨)***

କାଜିମାଃ ଯୁଦ୍ଧ ସୁଦୂରପ୍ରସାରୀ ପରିଣାମ ବାହାର କରିବାରେ ପ୍ରମାଣିତ ହେଲା ।

ଏହି ଯୁଦ୍ଧ ମୁସଲମାନମାନଙ୍କ ଆଖି ଖୋଲିଦେଇଥିଲା । ସେମାନେ ଦେଖିଲେ ଯେ ସେହି ଇରାନୀୟମାନେ ,ଯେଉଁମାନଙ୍କର ଖ୍ୟାତି ଦୀର୍ଘଦିନ ହେବା ଶୁଣିବାକୁ ମିଳୁଥିଲା ,ସେମାନେ ନିଜର ସମ୍ପୂର୍ଣ୍ଣ ଶକ୍ତି ରଖିଥିବା ସତ୍ୱେ ବି ମୁସଲମାନଙ୍କ ମାମୁଲି ସେନାର ମୁକାବିଲା କରିପାରିଲେ ନାହିଁ । ଏହି ଯୁଦ୍ଧରେ ସେମାନେ ଯେଉଁ ମାଲେ ଗନିମତ୍ (ଯୁଦ୍ଧରେ ଜିଣାଯାଇଥିବା ଧନ ସମ୍ପତି) ପାଇଥିଲେ ,ମୁସଲମାନ ମାନେ ଏହାର କଳ୍ପନା ବି କରିନଥିଲେ । **(ହଜରତ୍ ଅବୁ ବକର୍ ସିଦ୍ଦିକେ ଅକବର୍ ର ଅ ଅଜ୍ ମୁହମ୍ମଦ୍ ହୁସୈନ୍ ହୈକଲ୍ ,ପୃ-୨୭୨ ମୁତରଜିମ୍ ଶେଖ୍ ମୁହମ୍ମଦ୍ ଅହମଦ୍ ପାନି ପତୀ ଇଲମୋ ଇରଫାଁ ପବ୍ଲିସର୍ସ ଲାହୋର୍ ୨୦୦୪)**

ପୁଣି ଉବୁଲ୍ଲଃ ଯୁଦ୍ଧ ବିଷୟେରେ ଉଲ୍ଲେଖ ରହିଛି । ଏହା ୧୨ହିଜରିରେ ଲଢାଯାଇଥିଲା । ହଜରତ୍ ଅବୁ ବକର୍ ର ଅ ହଜରତ୍ ଖାଲିଦ୍ ର ଅଙ୍କୁ ଏ ନିର୍ଦ୍ଦେଶ ଦେଇଥିଲେ ଯେ ସେ ଇରାକରେ ଯୁଦ୍ଧର ପ୍ରାରମ୍ଭ ଉବୁଲ୍ଲଃଠାରୁ କରିବେ । ତାହା ପାରସ୍ୟ ଉପସାଗରର ଗୋଟୋଏ ସୀମାନ୍ତ ଅଂଚଳ ଥିଲା । ହିନ୍ଦୁସ୍ତାନ ଏବଂ ସିନ୍ଧ ଇଲାକାକୁ ଯେଉଁ ବାଣିଜ୍ୟିକ କାଫିଲା(କାରାଭାନ) ଇରାକରୁ ଆସୁଥିଲା,ସେଗୁଡ଼ିକ ସର୍ବପ୍ରଥମେ ଉବୁଲ୍ଲଃଠାରେ ରହିଆସୁଥିଲେ । ଉବୁଲ୍ଲଃ ଉପରେ ବିଜୟପ୍ରାପ୍ତ କରିବା ପ୍ରସଙ୍ଗରେ ଦୁଇଟି ରିଓ୍ୱାୟତ୍ ଉଲ୍ଲେଖ ରହିଛି । ଗୋଟିଏ ହେଉଛି ଏହା କି ମୁସଲମାନମାନେ ଉବୁଲ୍ଲଃକୁ ସର୍ବପ୍ରଥମେ ହଜରତ୍ ଅବୁ ବକର୍ ର ଅ ଙ୍କ ଖିଲାଫତ କାଳରେ ଜୟ କରିଥିଲେ । କିନ୍ତୁ ପରେ ଏହା ପୁନର୍ବାର ଇରାନୀୟମାନଙ୍କ କବ୍ଜାକୁ ଚାଲିଯାଇଥିଲା । ପୁଣି ହଜରତ୍ ଉମର ବିନ୍ ଖତାବ୍ ର ଅଙ୍କ ଖିଲାଫତ୍ ସମୟରେ ମୁସଲମାନ୍ ତା ଉପରେ ବିଜୟ ପ୍ରାପ୍ତ କରିଥିଲେ । ଅନ୍ୟ ଏକ ରିଓ୍ୱାୟତରେ ବର୍ଣ୍ଣିତ ଅଛି ଯେ ତା ଉପରେ ବିଜୟ ହଜରତ୍ ଉମର ବିନ୍ ଖତାବ୍ ର ଅଙ୍କ ଖିଲାଫତ୍ ସମୟରେ ହୋଇଥିଲା ।**(ହଜରତ୍ ଅବୁ ବକର୍ ସିଦ୍ଦିକେ ଅକବର୍ ର ଅ ଅଜ୍ ମୁହମ୍ମଦ୍ ହୁସୈନ୍ ହୈକଲ୍ ,ପୃ-୨୬୯)**

ପ୍ରକାଶ ଥାଉ କି ,ଅଲ୍ଲାମା ତିବରୀ ନିଜ ପୁସ୍ତକରେ ହଜରତ୍ ଅବୁ ବକର୍ ର ଅଙ୍କ ଖିଲାଫତ୍ ସମୟରେ ଏହି ଯୁଦ୍ଧ ବିଷୟରେ ସଂକ୍ଷିପ୍ତରେ ବର୍ଣ୍ଣନା କରିଛନ୍ତି । କିନ୍ତୁ ସେଥିରେ ସେ ଏହା ଲେଖିଛନ୍ତି ଯେ ହଜରତ୍ ଅବୁ ବକର୍ ର ଅଙ୍କ ଖିଲାଫତ୍ ସମୟରେ ଉବୁଲ୍ଲଃ ଉପରେ ବିଜୟ ପାଇବାର କାହାଣୀ ସାଧାରଣ ଜୀବନୀ ଲେଖାଳୀ ତଥା ପ୍ରମାଣିକ ରିଓ୍ୱାୟତର ବିରୁଦ୍ଧରେ ରିହିଛି । କାରଣ ଉବୁଲ୍ଲଃ ଉପରେ ବିଜୟ ହଜରତ୍ ଉମର ବିନ୍ ଖତାବ୍ ର ଅଙ୍କ ଖିଲାଫତ୍ ସମୟରେ ୧୪ ହିଜରୀରେ ହଜରତ୍ ଉତବାଃ ବିନ୍ ଗଜଓ୍ୱାନ ର ଅଙ୍କ ଜରିଆରେ କରାଯାଇଥିଲା ।***(ତାରିଖେ ତିବରୀ ଖ-୦୨ ପୃ-୩୧୦ ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୧୨)***

ଇତିହାସ ତଥା ଅନ୍ୟ ପୁସ୍ତକଗୁଡ଼ିକରେ ଉବୁଲ୍ଲଃ ଉପରେ ବିଜୟ ପ୍ରାପ୍ତ କରିବା ବିଷୟରେ ଏପରି ଉଲ୍ଲେଖ ରହିଛି ଯେ କେତେକ ଐତିହାସିକ ଏହାକୁ ପ୍ରଥମ ଥର ହଜରତ୍ ଅବୁ ବକର୍ ର ଅଙ୍କ ଖିଲାଫତ ସମୟରେ ପରାସ୍ତ କରାଯାଇଥିଲା । କେହି କେହି ଏହାକୁ ଅସ୍ୱୀକାର କରି କହିଛନ୍ତି ଯେ ଏହି ଯୁଦ୍ଧ ହଜରତ୍ ଅବୁ ବକର୍ ର ଅଙ୍କ ଖିଲାଫତ ସମୟରେ ହୋଇନଥିଲା ବରଂ ହଜରତ୍ ଉମର ବିନ୍ ଖତାବ୍ ର ଅଙ୍କ ଖିଲାଫତ୍ ସମୟରେ ହୋଇଥିଲା । କିନ୍ତୁ ଇତିହାସ ପୁସ୍ତକମାନଙ୍କରେ ହଜରତ୍ ଅବୁ ବକର୍ ର ଅ ଏବଂ ହଜରତ୍ ଉମର ବିନ୍ ଖତାବ୍ ର ଅ ଉଭୟଙ୍କ ପବିତ୍ର ଯୁଗରେ ଉବୁଲ୍ଲଃ ଯୁଦ୍ଧ ଏବଂ ଉବୁଲ୍ଲଃ ଉପରେ ବିଜୟ ପ୍ରାପ୍ତ କରାଯାଇଥିବା ବିଷୟ ଉଲ୍ଲେଖ ରହିଛି । ଜଣା ପଡୁଛି ହଜରତ୍ ଅବୁ ବକର୍ ର ଅଙ୍କ ଖିଲାଫତ୍ କାଳରେ ଏହି ଉବୁଲ୍ଲଃ ଉପରେ ପ୍ରଥମେ ବିଜୟ ପ୍ରାପ୍ତ କରାଯାଇଥିଲା କିନ୍ତୁ ପରିବର୍ତୀ ସମୟରେ ଇରାନୀୟମାନଙ୍କ ସାମୁଦ୍ରିକ ସାହାଯ୍ୟ ମିଳିଯିବା ହେତୁ ଉବୁଲ୍ଲଃବାସୀ ପୁଣି ବିଦ୍ରୋହ ଆରମ୍ଭ କରି

ସ୍ୱାଧିନ ହୋଇଯାଇଥିଲେ । ପୁଣି ହଜରତ୍ ଉମର ବିନ୍ ଖତାବ୍ ର ଅଙ୍କ ଖିଲାଫତ୍ ସମୟରେ ତାହା ପୁନର୍ବାର ପରାଜିତ ହେଲା । ***(ଅସ୍ ସିଦ୍ଦିକ୍ ,ଅଲ୍ ପ୍ରଫେସର୍ ଅଲୀ ମୁହସିନ୍ ସିଦ୍ଦିକି ପୃ-୧୨୮)***

ତେବେ ସେ ଯାହା ବି ହେଉ ଉବୁଲ୍ଲଃ ଯୁଦ୍ଧର ସବିଶେଷ ବିବରଣୀ ହେଉଛି ଏପରି କି ଜାତୁଲ୍ ସଲାସିଲ୍ ଯୁଦ୍ଧ ଶେଷ ହେବା ପରେ ହଜରତ୍ ଖାଲିଦ୍ ବିନ୍ ୱ୍ଲିଦ୍ ର ଅ ହଜରତ୍ ମୁଦନ୍ନା ର ଅଙ୍କୁ ଇରାନୀୟମାନଙ୍କ ପରାଜିତ ସେନାର ଅନୁସରଣ କରିବା ପାଇଁ ପଠାଇଲେ । ତତ୍‌ସହିତ ହଜରତ୍ ମାଅକଲ୍ ର ଅଙ୍କୁ ଉବୁଲ୍ଲଃ ପଠାଇଲେ ଯେ ସେ ସେଠାରେ ପହଂଚି ମାଲେ ଗନିମତ୍ ଏକାଠି କରିବେ ଏବଂ କଏଦିମାନଙ୍କୁ ଗିରଫ କରିବେ । ଅତଃ ହଜରତ୍ ମାଅକଲ୍ ର ଅ ସେଠାରୁ ବାହାରି ପଡ଼ିଲେ ଏବଂ ଉବୁଲ୍ଲଃଠାରେ ଯାଇ ପହଂଚିଗଲେ । ସେଠାରେ ସେ ମାଲେ ଗନିମତ୍ ତଥା କଏଦିମାନଙ୍କୁ ଏକାଠି କରିଲେ । ***(ତାରିଖେ ତିବରୀ ଖ-୦୨ ପୃ-୩୧୦ ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୧୨)***

ପରେ,ହଜରତ୍ ଉମର ବିନ୍ ଖତାବ୍ ର ଅଙ୍କ ଖିଲାଫତ୍ ସମୟରେ ତା ଉପରେ ବିଜୟ ପ୍ରାପ୍ତ କରିବାର ବିବରଣୀ କଛିଟା ଏପରି ବର୍ଣ୍ଣିତ ରହିଛି ଯେ ହଜରତ୍ ଉମର୍ ର ଅ ହଜରତ୍ ଉତବାଃ ବିନ୍ ଗଜୱାନ୍ ର ଅଙ୍କୁ ଚଉଦ ବା ଷୋହଳ ହିଜରିରେ ବସରାଃ ପଠାଇଥିଲେ । ହଜରତ୍ ଉତବାଃ ବିନ୍ ଗଜୱାନ୍ ର ଅ ସେଠାରେ ଏକମାସ ରହିଲେ । ଉବୁଲ୍ଲଃବାସୀ ତାଙ୍କ ସହିତ ଯୁଦ୍ଧ କରିବା ପାଇଁ ବାହାରିଲେ । ସେମାନେ ପାଂଚ ଶହ ଅଜମୀ (ବିଦେଶୀ) ସୈନିକ ଥିଲେ,ଯେଉଁମାନେ ଉବୁଲ୍ଲଃକୁ ସୁରକ୍ଷିତ ରଖିବା ପାଇଁ ନିୟୋଜିତ ହୋଇଥିଲେ । ହଜରତ୍ ଉତବାଃ ବିନ୍ ଗଜୱାନ୍ ର ଅ ସେମାନଙ୍କ ସହିତ ଯୁଦ୍ଧ କଲେ ଏବଂ ସେମାନଙ୍କୁ ପରାସ୍ତ କରିଦେଲେ,ଫଳତଃ ଇରାନୀମାନେ ସହର ଭିତରେ ପ୍ରବେଶ କରିଗଲେ । ହଜରତ୍ ଉତବାଃ ବିନ୍ ଗଜୱାନ୍ ର ଅ ନିଜ ସୈନ୍ୟବାହିନୀ ନିକଟକୁ ଫେରିଆସିଲେ । ଅଲ୍ଲାଃତାଲା ପାର୍ସୀମାନଙ୍କ ହୃଦୟରେ ଭୟ ସଂଚାର କରିଦେଲେ । ସେମାନେ ଅଳ୍ପ ବହୁତ କିଛି ସାମାନ ଧରି ସହରରୁ ବାହାରି ଯାଇ ଡ଼ଙ୍ଗାରେ ବସିପଡ଼ିଲେ,ଏବଂ ନଦୀ ପାର ହୋଇ ସେଠାରୁ ପଳାୟନ କଲେ । ଏହିପରି ସମ୍ପୂର୍ଣ୍ଣ ସହରଟି ଖାଲି ହୋଇଗଲା । ମୁସଲମାନମାନେ ସହର ଭିତରେ ପ୍ରବେଶ କଲେ । ସେଠାରୁ ମୁସଲମାନମାନଙ୍କୁ ବହୁତ କିଛି ଜିନିଷ,ଅସ୍ତ୍ରଶସ୍ତ୍ର ଏବଂ କଏଦି ବି ପ୍ରାପ୍ତ ହେଲେ । ଏହି ସମସ୍ତ ସାମଗ୍ରୀର ଏକପଂଚମାଂଶ (ଖୁମୁସ୍) ବାହାର କରି ଅବଶିଷ୍ଟ ମାଲେ ଗନିମତକୁ ମୁଜାହିଦ୍ଦୀନ୍ ମାନଙ୍କ ମଧ୍ୟରେ ବଂଟନ କରିଦିଆଗଲା । ମୁସଲମାନମାନଙ୍କର ସଂଖ୍ୟା ତିନି ଶହ ଥିଲା । (ଅଲକାମିଲ୍ ଫିତ୍ ତାରିଖ୍ ,ଖ-୦୨ ପୃ-୩୩୫ ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍ ୨୦୦୬)

ପୁଣି ତା ପରେ ଗୋଟିଏ ଯୁଦ୍ଧ ହୋଇଥିଲା,ତା ନାମ ହେଉଛି ମଜାର୍ ଯୁଦ୍ଧ । ଏହି ଯୁଦ୍ଧ ସଫର୍ ମାସ ୧୨ହିଜରୀରେ ହୋଇଥିଲା । ***(ତାରିଖେ ତିବରୀ ଖ-୦୨ ପୃ-୩୧୦ ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୧୨)***

ମଜାର୍ ହେଉଛି ମୈସାନର ଗୋଟିଏ କସବାର ନାମ । ମଜାର୍ ଏବଂ ବସରାଃ ମଧ୍ୟରେ ଦୂରତା ହେଉଛି ଚାରି ଦିନର ଯାତ୍ରା ସହିତ ସମାନ । ***(ମୁଅଜମୁଲ୍ ବୁଲଦାନ୍ ,ଖ-୦୫,ପୃ-୧୦୪ ଅଲମଜାର୍ , ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟା ଲେବନାନ୍)***

ଏହି ଯୁଦ୍ଧ ଦିନ ଲୋକମାନଙ୍କ ଜିଭରେ ଏ ଭାଷା/କଥା ବାହାରୁ ଥିଲା ଯେ ସଫର୍ ମାସ ଆସି ଯାଇଅଛି । ଏହି ମାସରେ ପ୍ରତ୍ୟେକ ଅତ୍ୟାଚାରୀ ତଥା ବିଦ୍ରୋହିକୁ ହତ୍ୟା କରାଯିବ । ଯେଉଁଠାରେ ନଦୀ ମିଶିଛି । ହୁର୍ମୁଜ୍ ଜାତୁସ୍ ସଲାସିଲ୍ ଯୁଦ୍ଧରେ ହଜରତ୍ ଖାଲିଦ୍ ର ଅ ଙ୍କ ବିରୁଦ୍ଧରେ ଛିଡ଼ା ହୋଇଥିଲା । ସେ ତା ରାଜାଙ୍କ ନିକଟକୁ ସାହାଯ୍ୟ ପାଇଁ ଲେଖିଥିଲା । ତାକୁ ସାହାଯ୍ୟ କରିବା ପାଇଁ ରାଜା କାରିନର ନେତୃତ୍ୱରେ ଗୋଟିଏ ସୈନ୍ୟବାହିନୀ ପଠାଇଲେ କିନ୍ତୁ ସେହି ସୈନ୍ୟବାହିନୀ ଏବେ ଏବଏ ମଜାରରେ ପହଂଚିଥିଲା ଯେ ତାହାକୁ ଜାତୁସ୍ ସଲାସିଲ୍ ଯୁଦ୍ଧରେ ହୁର୍ମୁଜର ପରାସ୍ତ ହେବା ତଥା ତା ମୃତ୍ୟୁ ଖବର ମିଳିଗଲା ସେହିପରି ହୁର୍ମୁଜ୍‌ର ହାରି ଯାଇଥିବା ସୈନିକମାନେ ବି ମଜାରଠାରେ ଆସି କାରିନ ସହିତ ମିଶିଗଲେ । ସେମାନଙ୍କ ମଧ୍ୟରୁ କେତେକ ସୈନିକ ଅନ୍ୟ ଦଳର ସୈନିକ ମାନଙ୍କୁ କହିବାକୁ ଲାଗିଲେ ଯେ ଯଦି ଆଜି ତୁମେମାନେ ବିଭାଜିତ ହୋଇଯାଅ ତାହେଲେ ଆଉ କେବେ ବି ତୁମେମାନେ ଏକାଠି ହୋଇପାରିବ ନାହିଁ । ତେଣୁ ପୁଣି ଥରେ ଏକତ୍ରିତ ହୋଇ ଛିଡ଼ା ହୋଇଯାଅ । ସେହି ପଳାୟନ କରିଥିବା ସେନା ଏବଂ ନୂଆ ସେନା ଉଭୟ ଏକାଠି ହୋଇଯାଇଥିଲେ ଏବଂ ପରସ୍ପର ମଧ୍ୟରେ ବାର୍ତାଳାପ କରୁଥିଲେ । ପରସ୍ପରକୁ ଉତ୍ସାହିତ କରୁଥିଲେ । ଯେଉଁମାନେ ପଳାୟନ କରି ଆସିଥିଲେ,ସେମାନେ ଏହି ସାହାଯ୍ୟ କରିବାକୁ ଆସିଥିବା ସୈନ୍ୟକୁ ଦେଖି ଆପୋଷରେ କହିବାକୁ ଲାଗିଲେ ଯେ ଦେଖ ଆମକୁ ସାହାଯ୍ୟ କରିବା ପାଇଁ କାରିନ୍ ସେନାଧ୍ୟକ୍ଷ ଆସି ପହଂଚି ଯାଇଛନ୍ତି । ବୋଧହୁଏ ଈଶ୍ୱର ଆମକୁ ବିଜୟ ପ୍ରଦାନ କରିବେ । ଆମ ଶତ୍ରୁମାନଙ୍କ କବଳରୁ ଆମକୁ ଈଶ୍ୱର ରକ୍ଷାକରିବେ । ଆମେ ଆମ କ୍ଷତିପୂରଣ କରିପାରିବା । ସୁତରାଂ ସେମାନେ ସେହିପରି ହିଁ କଲେ । ସେମାନେ ମଜାରରେ ନିଜର ଛାଉଣି ପକାଇଲେ । କାରିନ୍ ସୈନ୍ୟର ଆଗ ଧାଡ଼ିରେ କୁବାଜ୍ ଏବଂ ଅନୁ ଶଜାନକୁ ନିୟୋଜିତ କଲା,ଯେ଼ଉଁମାନେ ଜାତୁସ୍ ସଲାସିଲ୍ ଯୁଦ୍ଧରୁ ପଳାୟନ କରି ଚାଲି ଆସିଥିଲେ । ଅପରପକ୍ଷରେ,ଶତ୍ରୁଙ୍କ ଏହି ଯୋଜନା ଏବଂ ପ୍ରସ୍ତୁତି ବିଷୟରେ ସୂଚନା ହଜରତ୍ ମୁସନ୍ନା ର ଅ ଏବଂ ହଜରତ୍ ମୁଅନ୍ନା ଉଭୟେ ହଜରତ୍ ଖାଲିଦ୍ ର ଅଙ୍କୁ ପଠାଇଦେଲେ । ହଜରତ୍ ଖାଲିଦ୍ ର ଅ କାରିନ ବିଷୟରେ ଏହି ସୂଚନା ପାଇବା ମାତ୍ରେ ଜାତୁସ୍ ସଲାସିଲ୍ ଯୁଦ୍ଧରେ ହାସଲ କରାଯାଇଥିବା ମାଲେ ଗନିମତ୍ ସେହି ମୁଜାହିଦ୍ଦୀନମାନଙ୍କ ମଧ୍ୟରେ ବଂଟନ କରିଦେଲେ । ଯାହା ସବୁକୁ ଖୁଦାତାଲା ତାଙ୍କୁ ଦେଇଥିଲେ । ଖୁମୁସ୍ ମଧ୍ୟରୁ ଆହୁରି ଯେତେ ଇଚ୍ଛାକଲେ ଦେଇଦେଲେ । ଜାତୁସ୍ ସଲାସିଲ୍ ଯୁଦ୍ଧରେ ହାସଲ କରାଯାଇଥିବା ଅବଶିଷ୍ଟ ମାଲେ ଗନିମତ୍ ଏବଂ ସେହି ଯୁଦ୍ଧରେ ଯେଉଁ ବିଜୟ ହୋଇଥିଲା,ତାହାର ସୁସମାଚାର ହଜରତ୍ ଅବୁ ବକର୍ ର ଅ ଙ୍କ ନିକଟକୁ ପଠାଇଦେଲେ । ଏବଂ ଏକଥା ବି ଜଣାଇଲେ ଯେ ଜାତୁସ୍ ସଲାସିଲ୍ ଯୁଦ୍ଧରେ ଶତ୍ରୁପକ୍ଷର ହାରିଯାଇଥିବା ସୈନିକ ଏବଂ କାରିନର ନେତୃତ୍ୱରେ ଆସିଥିବା ନୂଆ ସୈନ୍ୟବାହିନୀ ଗୋଟିଏ ସ୍ଥାନରେ ଏକତ୍ରିତ ହେଉଛନ୍ତି । ଅତଃ ହଜରତ୍ ଖାଲିଦ୍ ର ଅ ବାହାରି ପଡ଼ିଲେ । ମଜାରଠାର କାରିନ୍‌ର ସେନା ସହିତ ଯୁଦ୍ଧ କରିବା ପାଇଁ ନିଜ ସେନାକୁ ଧାଡ଼ିରେ ଛିଡ଼ା କରାଇଦେଲେ । ଉଭୟଙ୍କ ମଧ୍ୟରେ ଯୁଦ୍ଧ ହେଲା । ଦୁଇ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ କ୍ରୋଧ ଭରି ରହିଥିଲା । କାରିନ୍ ଯୁଦ୍ଧ କରିବାକୁ ରଣ କ୍ଷେତ୍ରକୁ ଓହ୍ଲାଇଲା । ଅପରପକ୍ଷେ ହଜରତ୍ ଖାଲିଦ୍ ର ଅ ଏବଂ ହଜରତ୍ ମାଅକଲ୍ ବିନ୍ ଆଶା ର ଅ ଆଗକୁ ଅଗ୍ରସର ହେଲେ । ଦୁହେଁ କାରିନ ଆଡ଼କୁ ବଢିଲେ,କିନ୍ତୁ ହଜରତ୍ ମାଅକଲ୍ ର ଅ ହଜରତ୍ ଖାଲିଦ୍ ର ଅଙ୍କ ପୂର୍ବରୁ କାରିନ୍ ନିକଟରେ ପହଂଚିଗଲେ ଏବଂ ତାକୁ ବଧ କରିଦେଲେ । ହଜରତ୍ ଆସିମ୍ ର ଅ ଅନୁ ଶଜାନ୍‌କୁ ଏବଂ ହଜରତ୍ ଅଦି କୁବାଜକୁ ହତ୍ୟା କଲେ । ଏହି ତିନିଜଣ ସର୍ଦାରମାନଙ୍କୁ ହତ୍ୟା କରାଯିବା ଯୋଗୁଁ ଇରାନୀୟମାନେ ସାହସ ହରାଇ ରଣ କ୍ଷେତ୍ର ଛାଡ଼ି ପଳାୟନ କରିବାକୁ ଲାଗିଲେ । ଏହି ଯୁଦ୍ଧରେ ବହୁ ସଂଖ୍ୟକ ପାରସ୍ୟବାସୀ ନିହତ ହେଲେ । ଯେଉଁଲୋକମାନେ ପ୍ରତ୍ୟାହୃତ ହେଲେ,ସେମାନେ ଡ଼ଙ୍ଗାରେ ବସି ପଳାୟନ କଲେ । ହଜରତ୍ ଖାଲିଦ୍ ର ଅ ମଜାରରେ ରହିଲେ ଏବଂ ଯୁଦ୍ଧରେ ମରିଯାଇଥିବା ପ୍ରତ୍ୟେକ ଲୋକଙ୍କ ସାମଗ୍ରୀ,ତାହା କୌଣସି ମୂଲ୍ୟର ବି ହେଉ ସେହି ମୁଜାହିଦ୍ ମାନଙ୍କୁ ପ୍ରଦାନ କରିଦେଲେ । ଯିଏ ତାହାକୁ ହତ୍ୟା କରିଥିଲା । ମାଲେ ଫୈ କୁ ମଧ୍ୟ ସେମାନଙ୍କ ମଧ୍ୟରେ ବଂଟନ କରିଦେଲେ । ପୁଣି ଖୁମୁସ୍ ମଧ୍ୟରୁ ସେହି ଲୋକମାନଙ୍କୁ ବି ଭାଗ ଦେ଼େ,ଯେଉଁମାନେ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ । ଖୁମୁସର ଅବଶିଷ୍ଟ ଜିନିଷକୁ ଗୋଟିଏ ପ୍ରତିନିଧି ଦଳ ସହିତ ହଜରତ୍ ସଇଦ୍ ବିନ୍ ନୁମାନ୍‌ଙ୍କ ନେତୃତ୍ୱରେ ମଦିନା ପଠାଇଦେଲେ । ଆଉ ଏକ ରିୱାୟତ ମୁତାବକ ସେହି ଯୁଦ୍ଧରେ ତିରିଶି ହଜାର ଇରାନୀୟଙ୍କ ମୃତ୍ୟୁ ହୋଇଥିଲା । ଏତତବ୍ୟତୀତ କିଛି ନଦୀରେ ବୁଡ଼ି ବି ମରିଥିଲେ । କୁହାଯାଏ ଯେ ଯଦି ସେହି ପାଣି ସେମାନଙ୍କୁ ରୋକି ନଥାନ୍ତା,ତାହେଲେ ସେମାନଙ୍କ ମଧ୍ୟରୁ ଜଣେ ବି ବଂଚିନଥାନ୍ତେ । ଅବଶ୍ୟ ଯେ଼ଉଁମାନେ ବଂଚି ପଳାୟନ କରିଥିଲେ,ସେମାନେ ସମସ୍ତେ ନିଜର ଦୟନୀୟ ଅବସ୍ଥାରେ ସମସ୍ତ ଜିନିଷ ପତ୍ର ଛାଡ଼ି ପଳାୟନ କରିଥିଲେ । ଯୁଦ୍ଧ ପରେ ଏହି ଯୁଦ୍ଧରେ ଭାଗ ନେଇଥିବା ଲୋକଙ୍କୁ ଏବଂ ଇରାନୀ ସେନାଙ୍କୁ ସମର୍ଥନ କରିଥିବା ଲୋକମାନଙ୍କୁ ସେମାନଙ୍କ ପରିବାର ସମେତ ବନ୍ଦୀ କରାଗଲା । ସେହି କଏଦି ମାନଙ୍କ ମଧ୍ୟରେ ଅବୁଲ୍ ହସନ୍ ବସରୀଙ୍କ ବାପା ବି ଥିଲେ । ଅବୁଲ୍ ହସନ୍ ବସରୀଙ୍କ ସମ୍ବନ୍ଧରେ କୁହା ଯାଏ ଯେ ସେ ଇମାମ୍ ହସନ୍ ବସରୀଙ୍କ ବାପା ଥିଲେ । ସେ ବସରାର ପ୍ରଶିଦ୍ଧ ପ୍ରଚାରକ ଏବଂ ସୁଫି ଥିଲେ । ସେ ମୁସଲମାନ୍ ହୋଇଯାଇଥିଲେ । କୁହାଯାଏ ଯେ ଅବୁଲ୍ ହସନ୍ ବସରୀଙ୍କୁ ବନ୍ଦୀ କରିବା ପରେ ମଦିନା ଅଣାଗଲା । ସେଠାରେ ତାଙ୍କ ମାଲିକାଣୀ ତାଙ୍କୁ ମୁକ୍ତ/ସ୍ୱାଧିନ କରିଦେଇଥିଲେ । ***(ତାରିଖେ ତିବରୀ ଖ-୦୨ ପୃ-୩୧୧-୩୧୨ ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୧୨) (ଉର୍ଦ୍ଦୁ ଦାଏରାଏ ମାଆରିଫ୍ ଇସଲାମୀୟା,ଖ-୦୮,ପୃ-୨୬୨)***

ଏହି ବିଜୟ ପରେ ସାଧାରଣ ଜନତାଙ୍କ ସହିତ ଅତ୍ୟନ୍ତ ବିନମ୍ର ବ୍ୟବହାର କରାଗଲା । କୃଷକ ଏବଂ ସେହିପରି ସମସ୍ତ ଲୋକମାନଙ୍କୁ ବିନା କୌଣସି କଷ୍ଟ ପହଂଚାଇ ଜିଜିଆ ଦେବା ପାଇଁ ଉତ୍ସାହିତ କରାଗଲା ଏବଂ ସେମାନଙ୍କୁ ସେମାନଙ୍କ ଜମି ଏବଂ ଯାଗାରେ ରଖାଗଲା । ଏହି ପ୍ରରମ୍ଭିକ କାର୍ଯ୍ୟରୁ ମୁକ୍ତ ହେବା ପରେ ହଜରତ୍ ଖାଲିଦ୍ ର ଅ ବିଜୟ ପ୍ରାପ୍ତ କରାଯାଇଥିବା ଇଲାକାରେ ଶାନ୍ତି ଶୃଙ୍ଖଳା ଏବଂ ପ୍ରଶାସନ ପରିଚାଳନା ପ୍ରତି ଧ୍ୟାନ ଦେଇଥିଲେ ।

ଜିଜିଆ ଅସୁଲ କରିବା ପାଇଁ ସ୍ଥାନେ ସ୍ଥାନେ ଉମ୍ମାଲ୍ (ଭାର ପ୍ରାପ୍ତ ଅଧିକାରୀ)ମାନଙ୍କୁ ନିଯୁକ୍ତି ଦେଇଥିଲେ । ବିଜୟ ପ୍ରାପ୍ତ କରାଯାଇଥିବା ଇଲାକାର ସରୁକ୍ଷା ନମନ୍ତେ ସେ ହଫିର୍ ଏବଂ ଜିସରେ ଆଜମ୍ ଅର୍ଥାତ୍ ସବୁଠାରୁ ବଡ଼ ସେତୁ ଉପରେ ସେନା ମୃତୟନ କରିରଖିଥିଲେ । ସେମାନଙ୍କ ରହିବାର ବ୍ୟବସ୍ଥାକୁ ବହୁତ ଉଚ୍ଚ କୋଟିର କରିଥିଲେ । ସେନାର ସମସ୍ତ ଟ୍ରୁପ୍‌କୁ ବିଭିନ୍ନ ଅଫିସର୍ (ଅଧକାରୀ)ମାନଙ୍କ ତତ୍ୱାବଧାନରେ ଦେଇ ସେମାନଙ୍କୁ ଶତ୍ରୁମାନଙ୍କ ଗୁପ୍ତ ତଥା ସର୍ବସାଧାରଣ କାର୍ଯ୍ୟକଳାପ ବିଷୟରେ ସତର୍କ କରାଇଥିଲେ ଏବଂ ସୁଯୋଗ ମିଳିଲେ ସେମାନଙ୍କ ସହିତ ଲଢିବାକୁ ନିର୍ଦ୍ଦେଶ ଦେଇଥିଲେ । ଖାଲିଦ୍ ର ଅଙ୍କ ଯୁଦ୍ଧ ନିପୁଣତା/ଦକ୍ଷତା ର ପ୍ରମାଣ ଏହାଠାରୁ ବଳି ଆଉ କ'ଣ ହୋଇପାରେ ଯେ ଇରାନ ଭୂମିରେ ତାଙ୍କର ଯୁଦ୍ଧ ଅଭିଯାନର ଆରମ୍ଭରୁ ହିଁ କିସରାର ଶକ୍ତିଶାଳୀ ସେନା ପରାଜୟ ହେବାକୁ ଲାଗିଲା ଏବଂ ସେମାନଙ୍କର ସାହସ , ମନୋବଳ ଏବଂ ଅଭୀଳାଷ ସବୁ ଶୀତଳ ପଡ଼ିଗଲା ।

ମଜାର ଯୁଦ୍ଧ ହିରାଃଠାରୁ କିଛି ଦୂରତାରେ ହିଁ ଅବସ୍ଥିତ ଥିଲା । ଖାଡି (ଗଲ୍ଫ) ଏବଂ ମଦାଇନ୍‌ର ପ୍ରାୟତଃ ମଧ୍ୟବର୍ତୀ ସ୍ଥାନରେ ହି ହିରାଃ ଅବସ୍ଥିତ ଥିଲା । **(ହଜରତ୍ ଅବୁ ବକର୍ ସିଦ୍ଦିକେ ଅକବର୍ ର ଅ ଅଲ୍ ମୁହମ୍ମଦ୍ ହୁସୈନ୍ ହୈକଲ୍ ,ପୃ-୨୭୫ ମୁତରଜିମ୍ ଶେଖ୍ ମୁହମ୍ମଦ୍ ଅହମଦ୍ ପାନି ପତୀ ଇଲମୋ ଇରଫାଁ ପବ୍ଲିସର୍ସ ଲାହୋର୍ ୨୦୦୪)**

ସେହି ଯୁଦ୍ଧ ପରେ ସବୁ କାମ ଶେଷ କରି ହଜରତ୍ ଖାଲିଦ୍ ବିନ୍ ୱ୍ଲିଦ୍ ର ଅ ଶତ୍ରୁଙ୍କ ଗତିବିଧି ବିଷୟରେ ଖବର ସଂଗ୍ରହ କରିବାରେ ଲାଗିପଡ଼ିଲେ । ***(ତାରିଖେ ତିବରୀ ଖ-୦୨ ପୃ-୩୧୨ ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୧୨)*** ଏତତ୍‌ଦ୍ୱାରା ସେ ଜାଣିପାରିବେ ଯେ ଶତ୍ରୁର ମନରେ କ'ଣ ରହିଛି । ସେମାନେ ପୁନର୍ବାର ଇସଲାମ୍ ବିରୁଦ୍ଧରେ ଏକତ୍ରିତ ହେଉ ନାହାଁନ୍ତି ତ ?

ଆଉ ଗୋଟିଏ ଯୁଦ୍ଧ ହେଉଛି ୱ୍ଲଜାଃ ଯୁଦ୍ଧ । ତାହା ୧୨ ହିଜରୀ ରେ ହୋଇଥିଲା ।

ୱ୍ଲଜାଃ ହେଉଛି କସକର୍ ନିକଟବର୍ତ୍ତୀ ଗୋଟିଏ ଶୁଷ୍କ ଅଂଚଳର ନାମ । ମଜାର ଯୁଦ୍ଧରେ ଇରାନୀୟମାନେ ଏକ ଲଜ୍ଜାଜନକ ପରାଜୟର ସମ୍ମୁଖିନ ହୋଇଥିଲେ । ସେଥିରେ ସେମାନଙ୍କର ବଡ଼ ବଡ଼ ନେତା ନିହତ ହୋଇଥିଲେ । ସେଥିଯୋଗୁଁ ଇରାନୀ ସମ୍ରାଟ ଆଉ ଏକ ରଣନୀତ ତିଆରି କରି ଆହୁରି ଅଧିକା ପ୍ରସ୍ତୁତ ହୋଇ ମୁସଲମାନମାନଙ୍କ ସହିତ ଯୁଦ୍ଧ କରିବା ପାଇଁ ଯୋଜନା କରିଲା । ଅତଃ ଇରାନୀ ସରକାର ଇରାକରେ ବସବାସ କରୁଥିବା ଖ୍ରୀଷ୍ଟିଆନ୍ ମାନଙ୍କର ଗୋଟିଏ ବୃହତ କବିଲା ବକର୍ ବିନ୍ ୱାଇଲ୍‌ର ନେତୃଶେଣୀୟ ଲୋକମାନଙ୍କୁ ଇରାନର ଦରବାରକୁ ଆମନ୍ତ୍ରଣ କଲା ଏବଂ ସେମାନଙ୍କୁ ମୁସଲମାନମାନଙ୍କ ସହିତ ଯୁଦ୍ଧ କରିବା ପାଇଁ ପ୍ରବର୍ତ୍ତାଇ ଗୋଟିଏ ସୈନ୍ୟବାହିନୀ ପ୍ରସ୍ତୁତ କରିଲା । ସେହି ସୈନ୍ୟବାହିନୀର ନେତୃତ୍ୱ ଜଣେ ପ୍ରଶିଦ୍ଧ ଅଶ୍ୱାରୋହୀ ଅନଦର୍ ଜଗର୍ ହାତରେ ଦେଲା । ସେହି ସୈନ୍ୟବାହିନୀ ୱ୍ଲଜାଃ ଆଡ଼କୁ ଅଗ୍ରସର ହେଲା । ଇରାକରେ ଖ୍ରୀଷ୍ଟିଆନ୍ ମାନଙ୍କର ଗୋଟିଏ ବୃହତ କବିଲା ବକର୍ ବିନ୍ ୱାଇଲ୍ ରହୁଥିଲା । ଅରଦଶୀର୍ ସମ୍ରାଟ ସେମାନଙ୍କୁ ଡ଼କାଇଲେ ଏବଂ ସେମାନଙ୍କ ପାଇଁ ଗୋଟିଏ ସେନା ଗଠନ କରି ସେମାନଙ୍କୁ ମୁସଲମାନମାନଙ୍କ ସହିତ ଲଢିବା ପାଇଁ ୱ୍ଲଜାଃ ଆଡ଼କୁ ପ୍ରେରଣ କଲା । ହିରାଃ ଏବଂ କସକର୍ ଉପାନ୍ତ ଇଲାକାର ଲୋକମାନେ ତଥା କୃଷକମାନେ ମଧ୍ୟ ସେହି ସେନାରେ ମିଶି ଗଲେ । ହିରାଃ କୁଫାଠାରୁ ତିନି ମାଇଲ୍ ଦୂରତାରେ ଦକ୍ଷିଣ ପଶ୍ଚିମ ଦିଗରେ ଅବସ୍ଥିତ ଗୋଟିଏ ସହରର ନାମ । କସକର୍ କୁଫା୍ ଏବଂ ବସରାଃ ମଧ୍ୟସ୍ଥ ଗୋଟିଏ କସବା (ଛୋଟ ସହର) ଥିଲା । ମୁସଲମାନମାନଙ୍କ ଉପରେ ବିଜୟର ଶ୍ରେୟ ସମ୍ପୂର୍ଣ୍ଣ ରୂପେ ଆରବୀୟ ଖ୍ରୀଷ୍ଟିଆନମାନଙ୍କ ଭାଗରେ ନପଡୁ,ସେଥିପାଇଁ ସେ ନିଜର ଜଣେ ବଡ଼ କମାଣ୍ଡର ବହମନ୍ ଜାଜୱ୍ୱିୟାକୁ ମଧ୍ୟ ଗୋଟିଏ ବଡ଼ ସୈନ୍ୟବାହିନୀ ସହିତ ସେମାନଙ୍କ ପଛେ ପଛେ ପଠାଇଲା । ***(ତାରିଖେ ତିବରୀ ଖ-୦୨ ପୃ-୩୧୨ ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୧୨)*** **(ହଜରତ୍ ଅବୁ ବକର୍ ସିଦ୍ଧିକେ ଅକବର୍ ର ଅ ଅଜ୍ ମୁହମ୍ମଦ୍ ହୁସୈନ୍ ହୈକଲ୍ ମୁତରଜିମ୍ ,ପୃ-୨୮୭-୨୮୮)**

ଯେତେବେଳେ ସେହି ପାରସ୍ୟ ସର୍ଦ୍ଦାର ଏକଥା ଅନୁଭବ କଲେ ଯେ ତାଙ୍କ ସେନା ଏବେ ବହୁତ ବଡ଼ ହୋଇଯାଇଛି ,ସେ ହଜରତ୍ ଖାଲିଦ୍ ବିନ୍ ୱ୍ଲିଦ୍ ର ଅଙ୍କ ଉପରେ ଆକ୍ରମଣ କରିବା ପାଇଁ ନିଷ୍ପତି କଲା । ଯେତେବେଳେ ଜରତ୍ ଖାଲିଦ୍ ବିନ୍ ୱ୍ଲିଦ୍ ର ଅଙ୍କୁ ପାରସ୍ୟ ସେନାଙ୍କ ୱ୍ଲଜାଃଠାରେ ଏକତ୍ରିତ ହେବାର ସୂଚନା ମିଳିଲା,ସେତେବେଳେ ସେ (ଜରତ୍ ଖାଲିଦ୍ ବିନ୍ ୱ୍ଲିଦ୍ ର ଅ) ବସରାଃ ନିକଟରେ ଥିଲେ । ସେ ପାରସ୍ୟ ସେନାଙ୍କ ଉପରେ ତିନୋଟି ଦିଗରୁ ଆକ୍ରମଣ କରିବା ପାଇଁ ଉଚିତ ମଣିଲେ ଯଦ୍ୱାରା ସେମାନଙ୍କ ସମାବେଶ ଛିନ୍ନ ଭିନ୍ନ ହୋଇଯିବ ଓ ଏହିପରି ଅଚାନକ ଆକ୍ରମଣ କରିବା ଦ୍ୱାରା ପାରସ୍ୟ ସେନା ଅସୁବିଧାରେ ପଡ଼ିଯିବେ । **(ସୟଦନା ଅବୁ ବକର୍ ସିଦ୍ଧିକ୍ ର ଅ ଅଜ୍ ଡ଼ାଃ ଅଲୀ ମୁହମ୍ମଦ୍ ସଲାବୀ ମୁତରଜିମ୍ ପୃ-୪୦୬)**

ତେଣୁ ସେ ସୁୱେଦ୍ ବିନ୍ ମୁକରରିନ୍ ଙ୍କୁ ଭାରପ୍ରାପ୍ର ଅଧିକାରୀ ଭାବରେ ନିଯୁକ୍ତି କଲେ । ତାଙ୍କୁ ହଫିରଠାରେ ହିଁ ରହିବା ପାଇଁ ଆଦେଶ ଦେଲେ । ପୁଣି ସେମାନଙ୍କ ନିକଟରେ ପହଂଚିଲେ ଯେଉଁମାନେ ସେ ଦିଜଲାଃର ନିମ୍ନ ପାର୍ଶ୍ୱରେ ଛାଡ଼ି ଆସିଥିଲେ । ସେମାନଙ୍କୁ ଆଦେଶ ଦେଲେ ଯେ ଶତୃମାନଙ୍କ ବିଷୟରେ ସର୍ବଦା ସଜାଗ ରୁହ । ଅସାବଧାନତା ଏବଂ ଧୋକା ଖାଅନାହିଁ । ପୁଣି ନିଜ ସେନାକୁ ଧରି ୱ୍ଲଜାଃ ଆଡ଼କୁ ଅଗ୍ରସର ହେଲେ । ଶତୃ ତଥା ସେମାନଙ୍କ ସହଯୋଗୀମାନଙ୍କ ସହିତ ଯୁଦ୍ଧ କଲେ । ସେଠାରେ ଭିଷଣ ଭୟଙ୍କର ଯୁଦ୍ଧ ହେଲା । ହଜରତ୍ ଖାଲିଦ୍ ବିନ୍ ୱ୍ଲିଦ୍ ର ଅ ସେନାର ଦୁଇ ପାର୍ଶ୍ୱରେ ମୁଜାହିଦୀନ୍‌ମାନଙ୍କୁ ଆକ୍ରମଣ କରିବା ପାଇଁ ପ୍ରସ୍ତୁତ କରିରଖିଥିଲେ । ଶେଷରେ ସେହି ଦୁଇ ଦଳ ଦୁଇପଟୁ ଶତୃଙ୍କ ଉପରେ ଆକ୍ରମଣ କରିଦେଲା । ଇରାନୀମାନଙ୍କ ସେନା ପରାସ୍ତ ହୋଇ ପଳାୟନ କଲା । କିନ୍ତୁ ହଜରତ୍ ଖାଲିଦ୍ ର ଅ ଆଗପଟରୁ ଏବଂ ଛକି ରହିଥିବା ଦୁଇଟିଯାକ ସୈନ୍ୟ ଟୁକୁଡ଼ିକୁ ପଛପଟୁ ଶତୃଙ୍କୁ ଏମିତି ଘେରିଗଲେ ଯେ ସେମାନେ ଆବାକାବ ହୋଇଗଲେ । ଏପରିକି କାହାକୁ ନିଜ ସାଥିର ହତ୍ୟା ବିଷୟରେ ବି ଜଣା ପଡ଼ିଲା ନାହିଁ । ଶତୃଙ୍କ ସୈନ୍ୟବାହିନୀର ସେନାପତି ପରିଶେଷରେ ଦୟନୀୟ ଅବସ୍ଥାରେ ମଲା । କୃଷକମାନଙ୍କ ସହିତ ହଜରତ୍ ଖାଲିଦ୍ ବିନ୍ ୱ୍ଲିଦ୍ ର ଅ ସେହିପରି ବ୍ୟବହାର କଲା ଯାହା ତାଙ୍କର ଶୈଳୀ ଥିଲା । ଅର୍ଥାତ୍ ସେମାନଙ୍କ ମଧ୍ୟରୁ କାହାକୁ ବି ହତ୍ୟା କଲେନାହିଁ । କେବଳ ଯୁଦ୍ଧଖୋର୍ ଲୋକମାନଙ୍କ ସନ୍ତାନ ତଥା ସେମାନଙ୍କ ସହଯୋଗୀମାନଙ୍କୁ ଗିରଫ କଲେ । ଏବଂ ଦେଶର ସାଧାରଣ ଅଧିବାସୀମାନଙ୍କୁ ଜିଜିଆ ଦେବା ପାଇଁ ତଥା ଜିମ୍ମି ହେବାକୁ ଆମନ୍ତ୍ରଣ କଲେ । ତାହା ସେମାନେ ଗ୍ରହଣ ବି କଲେ । ***(ତାରିଖେ ତିବରୀ ଖ-୦୨ ପୃ-୩୧୨ ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୧୨)***

ପୁଣି ଉଲୈସ୍ ଯୁଦ୍ଧ ବିଷୟରେ ଉଲ୍ଲେଖ ରହିଛି । ଉଲୈସ୍ ଯୁଦ୍ଧ ସଫର୍ ମାସ ୧୨ ହିଜରୀରେ ହୋଇଥିଲା । ଉଲୈସ୍ ବୁ ଇରାକର ଅମ୍ବାର ବସ୍ତିମାନଙ୍କ ମଧ୍ୟରୁ ଗୋଟିଏ ବସ୍ତିର ନାମ ଥିଲା । ହଜରତ୍ ଖାଲିଦ୍ ବିନ୍ ୱ୍ଲିଦ୍ ର ଅ ଙ୍କ ହାତରେ ୱ୍ଲଜାଃ ଯୁଦ୍ଧ ଦିନ ବକର୍ ବିନ୍ ୱାଇଲ୍ କବିଲା ଏବଂ ଇରାନୀମାନେ ଯେଉଁ ଭୟଙ୍କର ପରାଜୟର ସମ୍ମୁଖିନ ହୋଇଥିଲେ ଏତତଦ୍ୱାରା ସେମାନଙ୍କ ନିଜ ଦେଶର ଖ୍ରୀଷ୍ଟିଆନ୍ ମାନେ ବି ଭିଷଣ କ୍ରୋଧିତ ହୋଇଯାଇଥିଲେ । ସେମାନେ ଇରାନୀମାନଙ୍କ ନିକଟକୁ ଏବଂ ଇରାନୀମାନେ ସେମାନଙ୍କ ନିକଟକୁ ଚିଠି ଲେଖିଲେ । ପୁଣି ଉଲୈସ୍‌ଠାରେ ସମସ୍ତେ ଏକାଠି ହୋଇଗଲେ । ସେମାନଙ୍କର ସର୍ଦ୍ଦାର ଅବ୍ଦୁଲ୍ ଅସୱ୍ୱଦ୍ ଇଜଲୀ ନିଯୁକ୍ତ ହେଲେ । ସେହିପରି ଇରାନୀ ସମ୍ରାଟ ବହମନ୍ ଜାଜୱ୍ୱିୟାକୁ ଚିଠି ଲେଖିଲେ ଯେ ତୁମେ ନିଜ ସେନାକୁ ନେଇ ଉଲୈସଠାରେ ପହଂଚ ଏବଂ ପାରସ୍ୟ ତଥା ଆରବର ଖ୍ରୀଷ୍ଟିଆନ୍‌ମାନଙ୍କ ମଧ୍ୟରେ ଯେଉଁମାନେ ସେଠାରେ ଏକତ୍ରିତ ହୋଇଥିଲେ, ସେମାନଙ୍କ ସହିତ ଯାଇ ଭେଟକର । କିନ୍ତୁ ବହମନ୍ ଜାଜୱ୍ୱିୟା ନିଜେ ସେନା ସହିତ ତ ଗଲା ନାହିଁ କିନ୍ତୁ ସେ ନିଜ ସ୍ଥାନରେ ଜଣେ ଜଣାଶୁଣା ସାହସୀ ଯବାନ ଜାବାନକୁ ପଠାଇଲା ଏବଂ ତାକୁ ଆଦେଶ ଦେଲା ଯେ ଲୋକମାନଙ୍କ ମନରେ ଯୁଦ୍ଧର ଯୋଶ୍ (ଉତ୍ସାହ) ସୃଷ୍ଟି କର କିନ୍ତୁ ମୋ ଆସିବା ପର୍ଯ୍ୟନ୍ତ ଶତୃଙ୍କ ସହିତ ଯୁଦ୍ଧ କରିବ ନାହିଁ । କେବଳ ଯଦି ସେମାନେ ପ୍ରଥମେ ଯୁଦ୍ଧ କରିବେ ତାହେଲେ ତୁମେ ଯୁଦ୍ଧ କରିବ । ପୁଣି ଜାବାନ ଉଲୈସ୍ ଆଡ଼କୁ ଚାଲିଗଲା । ସେ ନିଜେ ସମ୍ରାଟ ଅରଦଶେର ନିକଟକୁ ପରାମର୍ଶ ପାଇଁ ଗଲା । କିନ୍ତୁ ଯାଇ ଦେଖିଲା ଯେ ରାଜା ବେମାର ପଡ଼ିଛନ୍ତି । ତେଣୁ ସେ ରାଜାଙ୍କ ସେବାକାର୍ଯ୍ୟରେ ଲାଗିଗଲା ଏବଂ ଜାବାନକୁ କୌଣସି ଆଦେଶ ପଠଇଇଲା ନାହିଁ । ଜାବାନ ଏକୁଟିଆ ସୈନ୍ୟସାମନ୍ତକୁ ନେଇ ଯୁଦ୍ଧ କରିବା ପାଇଂ ଚାଲିଗଲା । ସେ ସଫର ମାସରେ ଯାଇ ଉଲୈସଠାରେ ପହଂଚିଲା । ***(ତାରିଖେ ତିବରୀ ଖ-୦୨ ପୃ-୩୧୩ ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୧୨)*** **(ମୁଅଜମୁଲ୍ ବୁଲଦାନ୍ ,ଖ-୦୧,ପୃ-୧୦୯)(ମୁଅଜମୁଲ୍ ବୁଲଦାନ୍ ,ଖ-୦୧,ପୃ-୨୯୪ *ଦାରୁଲ୍ କୁତୁବୁଲ୍ ଅଲମିୟା* ବେରୁତ୍)**

ବିଭିନ୍ନ କବିଲା ତଥା ହିରାଃର ଉପାନ୍ତ ଅଂଚଳର ବସବାସ କରୁଥିବା ଖ୍ରୀଷ୍ଟିଆନ ଲୋକେ ଜାବାନ ନିକଟରେ ଯାଇ ଏକାଠି ହେଲେ । ହଜରତ୍ ଖାଲିଦ୍ ର ଅଙ୍କୁ ଯେବେ ସେହି ଇସାଇ ମାନଙ୍କ ଏକତ୍ରିତ ହେବା ବିଷୟରେ ଜଣାପଡ଼ିଲା ,ସେ ସେମାନଙ୍କ ସହିତ ଲଢିବା ପାଇଂ ବାହାରିଲେ । କିନ୍ତୁ ତାଙ୍କୁ ଏକଥା ଜଣା ନଥିଲା ଯେ ଜାବାନ ଆସି ସେଠାରେ ପହଂଚିଛି ବୋଲି । ହଜରତ୍ ଖାଲିଦ୍ ର ଅ କେବଳ ସେହି ଆରବମାନଙ୍କ ସହିତ ତଥା ସେହି ଇସାଇମାନଙ୍କ ସହିତ ଯୁଦ୍ଧ କରିବା ପାଇଁ ଆସିଥିଲେ କିନ୍ତୁ ଉଲୈସଠାରେ ଜାବାନ ସହିତ ତାଙ୍କର ମୁହାଁ ମୁହିଁ ହୋଇଗଲା । ଯେବେ ଜାବାନ ଉଲୈସ ପହଂଚିଲା ,ଅଜମି (ଅର୍ଥାତ୍ ଅଣଆରବୀୟମାନେ) ଜାବନକୁ ପଚାରିଲେ ଯେ ଆପଣଙ୍କର ମତ କ'ଣ ? ପ୍ରଥମେ ଆମେ ସେମାନଙ୍କ ସହିତ ଲଢିବୁ ବା ପ୍ରଥମେ ଖାଦ୍ୟ ଖାଇନେବୁ ଏବଂ ଖାଇସାରିବା ପରେ ସେମାନଙ୍କ ସହିତ ଯୁଦ୍ଧ କରିବୁ ? ଜାବାନ କହିଲା ଯଦି ଶତୃ ତୁମ ସହିତ କୌଣସି ପ୍ରକାରର ଯୁଦ୍ଧ ନକରନ୍ତି ତାହେଲେ ତୁମେ ନୀରବ ରୁହ । କିନ୍ତୁ ମୋର ମତ ହେଉଛି ଏହା କି ସେମାନେ ତମ ଉପରେ ଅଚାନକ ଆକ୍ରମଣ କରିବେ ଓ ତୁମମାନଙ୍କୁ ଖାଇବାକୁ ଦେବେନାହିଁ । ସେମାନେ ଜାବାନର କଥାକୁ ମାନିଲେ ନାହିଁ । ଖାଇବା ଚାଦର ବିଛାଇଲେ । ସମସ୍ତଙ୍କୁ ଡ଼ାକି ଖାଦ୍ୟ ଖାଇବାରେ ବ୍ୟସ୍ତ ହୋଇଗଲେ ।**(ଅଲକାମିଲ୍ ଫିତ୍ ତାରିଖ୍ ,,ଖ-୦୨,ପୃ-୨୪୧ *ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୦୬*)**

ହଜରତ୍ ଖାଲିଦ୍ ର ଅ ଶତୃଙ୍କ ସହିତ ଲଢିବା ପାଇଁ ପହଂଚି ଅଟକି ଗଲେ । ସାମାନ ଓହ୍ଲାଇବା ପାଇଁ ଆଦେଶ ଦେଲେ । ସେହି କାମ ଶେଷ କରିବା ପରେ ଶତୃ ଆଡ଼କୁ ଅଗ୍ରସର ହେଲେ । ହଜରତ୍ ଖାଲିଦ୍ ର ଅ ସୈନ୍ୟଦଳର ପଛପଟକୁ ସୁରକ୍ଷା ଦେବା ପାଇଁ ସୁରକ୍ଷା ବାହିନୀ ନିୟୋଜିତ କଲେ । ତାପରେ ଶତୃ ଆଡ଼କୁ ମୁହାଁଇ ଚିତ୍କାର କରି ଡ଼ାକିଲେ : ଅବଜର୍ କେଉଁଠି ଅଛ ? **ଅବ୍ଦୁଲ୍ ଅସୱ୍ୱଦ୍** କେଉଁଠି ଅଛ ? ମାଲିକ୍ ବିନ୍ କୈସ୍ କେଉଁଠି ଅଛ ?ମାଲିକଙ୍କ ବ୍ୟତୀତ ସମସ୍ତେ ଭୟରେ ନୀରବ ରହିଲେ । ମାଲିକ ଆପଣଙ୍କ ସହିତ ମୁକାବିଲା କରିବାକୁ ଆସିଲା । ହଜରତ୍ ଖାଲିଦ୍ ତାକୁ କହିଲେ : ଏମାନଙ୍କ ମଧ୍ୟରୁ ତୁମକୁ ମୋ ସହିତ ଯୁଦ୍ଧ କରିବା ପାଇଁ କିଏ ସାହାସ ଦେଇଛି ? ମୋ ସହିତ ଲଢିବା ପାଇଁ ତୋଠାରେ ଶକ୍ତି କାହୁଁ ରହିଛି ? ଏହା କହି ହଜରତ୍ ଖାଲିଦ୍ ତା ଉପରକୁ ଆକ୍ରମଣ କରିଦେଲେ ଏବଂ ତାକୁ ସେଠାରେ ବଧ କରିଦେଲେ । ଅଜମୀମାନଙ୍କ ଖାଇବା ପୂର୍ବରୁ ତାଙ୍କୁ ତାଙ୍କ ଖାଇବା ସ୍ଥାନରୁ ଉଠାଇଦେଲେ । ଜାବାନ ତ ଲୋକମାନଙ୍କୁ କହିଲା ମୁଁ ତୁମକୁ କ'ଣ ପୂର୍ବରୁ ଏକଥା କହିନଥିଲି ଯେ ଏବେ ଖାଅ ନାହିଁ ବୋଲି । ଅଲ୍ଲାଙ୍କ ରାଣ ! ମତେ କୌଣସି ସେନାପତିକୁ ଆଜିଠାରୁ ପୂର୍ବେ କେବେ ବି ଭୟ କରିନାହିଁ ଯେତେ ଭୟ ଆଜି ମୁଁ ଏହି ଯୁଦ୍ଧରେ କରୁଛି । ଯେବେ ସେମାନେ ଖାଇବାକୁ ଅସମର୍ଥ ହେଲେ ,ନିଜ ସାହସକୁ ଦେଖାଇବା ପାଇଁ କହିବାକୁ ଲାଗିଲେ ଯେ ଏବେ ଆମେ ଖାଇବା ଛାଡ଼ିଦେଉଛୁ । ଏପରିକି ଆମେ ଏବେ ମୁସଲମାନମାନଙ୍କୁ ପରାସ୍ତ କରି ହିଁ ଖାଇବୁ । ଜାବାନ କହିଲା ଈଶ୍ୱରଙ୍କ ରାଣ ! ମୁଁ ଭାବୁଛି ଯେ ତୁମେମାନେ ଏହି ଖାଦ୍ୟ ଶତୃଙ୍କ ପାଇଁ ରଖିଅଛ । ଏକଥା ଭାବନାହିଁ ଯେ ତୁମେମାନେ ଜିତିଯିବ ଏବଂ ତାପରେ ଆସି ଖାଇବ । ବରଂ ମତେ ଏମିତି ଲାଗୁଛି ଯେ ଏହି ଖାଦ୍ୟ ତୁମ ଶତୃ ହିଁ ଖାଇବେ । ଅର୍ଥାତ ମୁସଲମାନମାନେ ହିଁ ଖାଇବେ । ଯେବେକି ତୁମେ ସଚେତନ ନୁହଁ । ପୁଣି ସେ କହିଲା ମୋ କଥାକୁ ମାନି ଏହି ଖାଦ୍ୟରେ ବିଷ ମିଶାଇ ଦିଅ । ଯଦି ତୁମର ବିଜୟ ହେଲା ,ତାହେଲେ ଏହି କ୍ଷତି ବହୁତ କମ୍ । ଅର୍ଥାତ୍ ଖାଦ୍ୟ ନଷ୍ଟ ହେବାର କ୍ଷତି । କିନ୍ତୁ ଯଦି ଶତୃପକ୍ଷର ବିଜୟ ହୁଏ ତାହେଲେ ତୁମେ ଏମିତି କିଛି କାମ କରିସାରିଥିବ, ଯଦ୍ୱାରା ଶତୃ ବିଷମିଶା ଖାଦ୍ୟ ଖାଇ ଅସୁବିଧାରେ ପଡ଼ିଯିବେ । କିନ୍ତୁ ସେମାନଙ୍କୁ ନିଜ ବିଜୟ ଉପରେ ନିଶ୍ଚିତ ବିଶ୍ୱାସ ଥିଲା । ସେମାନେ କହିଲେ ଯେ ନାଁ ଖାଦ୍ୟରେ ବିଷ ମିଶାଇବାର କୌଣସି ଆବଶ୍ୟକତା ନାହିଁ । ଆମେ ବହୁତ ସହଜରେ ଏହି ଯୁଦ୍ଧକୁ ଜିତି ଯିବୁ ,ତାପରେ ଯାଇ ଆମେ ଖାଇବୁ । ହଜରତ୍ ଖାଲିଦ୍ ର ଅ ନିଜ ସେନାକୁ ପୂର୍ବ ଯୋଜନା ମୁତାବକ,ଯେମିତି ସେ ଯୁଦ୍ଧରେ କରିଥାନ୍ତି, ଧାଡ଼ିରେ ଛିଡ଼ା କରାଇଦେଲେ । ଭିଷଣ ଯୁଦ୍ଧ ହେଲା । ଇରାନୀୟମାନଙ୍କୁ ବହମନ୍ ଜାଜୱ୍ୱିୟାଙ୍କ ଆସିବାର ଆଶା ଥିଲା । ତେଣୁ ସେମାନେ ବହୁତ ଦୃଢତାର ସହିତ ଲଢିଲେ । କାରଣ ଜାବାନ ସେମାନଙ୍କୁ ଖୁବ୍ ସାହାସ ଏବଂ ଆଶା ଦେଉଥିଲେ ଯେ ସେ ଗୋଟିଏ ବହୁତ ବଡ଼ ସେନାକୁ ନେଇ ବାହାରି ପଡ଼ିଲାଣି । ଏବେ ସେ ପହଂଚିଯିବ । ଯେବେକି ଅସଲ କଥା ଏହା ଥିଲା ଯେ ବହମନ୍‌କୁ ଇରାନୀ ରାଜାଙ୍କ ବେମାର ପଡ଼ିଯିବା ଯୋଗୁଁ ନା ତ ଏ ବିଷୟରେ ଜଣାଇବାକୁ ସୁଯୋଗ ମିଳିଲା ଓ ନା ସେ ନିଜେ ସୈନ୍ୟବାହିନୀକୁ ନେଇ ଆସି ପାରୁଥିଲା । ବରଂ ଜାବାନ ସହିତ ତାର କୌଣସି ପ୍ରକରେ ଯୋଗା ଯୋଗ ହିଁ ରହିପାରିଲା ନାହିଁ । ସେ

ଯାହା ବି ହେଉ ଏହି ଯୁଦ୍ଧରେ ମୁସଲମାନମାନେ ମଧ୍ୟ ସେମାନଙ୍କ ବିରୁଦ୍ଧରେ ଖୁବ ଉତ୍ସାହ ଏବଂ ଖୁବ୍ ଭୟଙ୍କର ଭାବରେ ଲଢ଼ିଲେ । ***(ତାରିଖେ ତିବରୀ ଖ-୦୨ ପୃ-୩୧୩ ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୧୨)***

ଇରାନୀ ସେନାଙ୍କ ଉତ୍ସାହ ତଥା ମୁସଲମାନମାନଙ୍କର ଦୃବଳ ସ୍ଥିତି ବିଷୟରେ ଉଲ୍ଲେଖ କରି ଜଣେ ଜୀବନୀ ଲେଖକ ଲେଖିଛନ୍ତି ଯେ ଇରାନୀ ସେନା ମାନଙ୍କ ମଧ୍ୟରୁ ସର୍ବପ୍ରଥମେ ଇସାଇମାନେ ଆକ୍ରମଣ କଲେ । କିନ୍ତୁ ସେମାନଙ୍କର ସର୍ଦ୍ଦାର ମାଲିକ ବିନ୍ କୈସ୍କୁ ହତ୍ୟା କରିଦିଆଗଲା । ସେ ମାରିବା ପରେ ଇରାନୀମାନେ ଦୃବଳ ହୋଇଗଲେ ଏବଂ ସେମାନଙ୍କ ଉତ୍ସାହ ଶେଷ ହୋଇଗଲା ।

ଏହା ଦେଖି ଜାବାନ୍ ଇରାନୀ ସେନାକୁ ଆଗକୁ ଠେଲିଦେଲା । ବହମନ୍ ଗୋଟିଏ ନୂଆ ସୈନ୍ୟବାହିନୀ ନେଇ ଆସିବା ଆଶାରେ ଇରାନୀମାନେ ଖୁବ ସାହସିକତା ଦେଖାଇ ଲଢ଼ିଲେ । ମୁସଲମାନମାନେ ବାରମ୍ବାର ଆକ୍ରମଣ କରିଚାଲିଥିଲେ । କିନ୍ତୁ ପ୍ରତ୍ୟେକ ଥର ଇରାନୀୟମାନେ ଅତ୍ୟନ୍ତ କୈଶଳତାର ସହିତ ଏବଂ ଦୃଢତା ଦେଖାଇ ସେମାନଙ୍କ ଆକ୍ରମଣକୁ ପ୍ରତିରୋଧ କରିଚାଲିଲେ । ପରିଶେଷରେ ହଜରତ୍ ଖାଲିଦ୍ ବିନ୍ ୱ୍ଲିଦ୍ ର ଅ ଭୌତିକ ସାମଗ୍ରୀ ଓ ସାଧନକୁ ପର୍ଯ୍ୟାପ୍ତ ନ ହେବାର ଦେଖି ବହୁତ ବିନମ୍ରତାର ସହିତ ହାତ ଉଠାଇ ଦୁଆ କଲେ । ଏବଂ ନିବେଦନ କଲେ ଯେ : ହେ ଅଲ୍ଲାଃ ! ଯଦି ତୁମ୍ଭେ ମତେ ଶତ୍ରୁ ଉପରେ ବିଜୟ ପ୍ରଦାନ କରିବେ,ତାହେଲେ ମୁଁ କୈଣସି ଶତ୍ରୁକୁ ଜୀବନ୍ତ ଛାଡ଼ିବି ନାହିଁ ଏବଂ ଏହି ନଦୀ ସେମାନଙ୍କ ରକ୍ତରେ ଲାଲ ହୋଇଯିବ । କେତେକ ପୁସ୍ତକରେ ଉଲ୍ଲେଖ ରହିଛି ଯେ ହଜରତ୍ ଖାଲିଦ୍ ର ଅ ରାଣ ଖାଇଥିଲେ ବା ଶପଥ କରିଥିଲେ ଯେ ଯଦି ଏହି ଯୁଦ୍ଧରେ ବିଜୟ ପ୍ରାପ୍ତ ହୁଏ ତାହେଲେ କୌଣସି ବି ଯୁଦ୍ଧଖୋର ଶତ୍ରୁକୁ ଜୀବିତ ଛାଡ଼ିବେ ନାହିଁ । ସେ ଯାହା ବି ହେଉ ତା ପରେ ହଜରତ୍ ଖାଲିଦ୍ ର ଅ ଯୁଦ୍ଧ ରଣନୀତିକୁ ଆପଣେଇ ସେନାକୁ ଡ଼ାହାଣ ଏବଂ ବାମ ପାର୍ଶ୍ୱରୁ ଇରାନୀମାନଙ୍କ ସେନାର ପଛ ପଟରୁ ଆକ୍ରମଣ କରିବା ପାଇଁ ନିର୍ଦ୍ଦେଶ ଦେଲେ । ଏହି ଆକ୍ରମଣ ଦ୍ୱାରା ଇରାନୀ ସେନା ବିଚ୍ଛିନ୍ନ ହୋଇ ଛତ୍ରଭଙ୍ଗ ଦେଲେ । ସେମାନଙ୍କୁ ପଳାୟନ କରିବାକୁ ବା ଆତ୍ମସମର୍ପଣ କରିବା ପାଇଁ ବିକଳ୍ପ ଦିଆଗଲା । ହଜରତ୍ ଖାଲିଦ୍ ର ଅ ଆଦେଶ ଦେଲେ ଯେ ଶତ୍ରୁକୁ ଧରି କଏଦି (ବନ୍ଦୀ)କରିଦିଆଯାଉ । ଯୁଦ୍ଧ କରିଥିବା ଲୋକମାନଙ୍କ ବ୍ୟତୀତ ଆଉ କାହାକୁ ବି ହତ୍ୟା କରାନଯାଉ । କେବଳ ସେମାନଙ୍କୁ ହତ୍ୟା କରିବ ଯେଉଁମାନେ ଯୁଦ୍ଧ କରୁଛନ୍ତି । ***(ସିରତ୍ ସୟଦନା ସିଦ୍ଦିକ୍ ଅକବର୍ ର ଅ ପୃ-୬୭୧-୬୭୨....)(ତାରିଖେ ତିବରୀ ଖ-୦୨ ପୃ-୫୬୪ ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୧୨)***

ଏ ବିଷୟରେ ରସର୍ଚ ସେଲ୍ର ଗୋଟିଏ ନୋଟ୍ (ଟିପ୍ପଣୀ) ରହିଛି । ମୁଁ ବି ତାହା ଦେଖିଛି । ତାହା ହିଁ ଠିକ ମନେହୁଏ । ଏହାର ବ୍ୟାଖ୍ୟା କରି ତାରଖି ତିବରୀ ସମେତ ଅଧିକାଂଶ ଜୀବନ ଲେଖାଳୀ ତଥା ଐତିହାସିକମାନେ ଉଲ୍ଲେଖ କରିଛନ୍ତି ଯେ ହଜରତ୍ ଖାଲିଦ୍ ର ଅ ନିଜର ଏହି ଦୁଆ (ପ୍ରାର୍ଥନା)ରେ ଯେଉଁ ଶପଥ କରିଥିଲେ,ତା ମୁତାବକ ଗୋଟିଏ ଦିନ ଏବଂ ଗୋଟିଏ ରାତିରେ ସେହି ବନ୍ଦୀମାନଙ୍କୁ ହତ୍ୟା କରି ନଦୀରେ ଫିଙ୍ଗି ଦେଇଥିଲେ, ଯଦ୍ୱାରା ସେହି ନଦୀର ପାଣି ଲାଲ ରଙ୍ଗରେ ରଙ୍ଗିନ ହୋଇଯିବ । ଅର୍ଥାତ ସେ ନା କେବଳ ଯୁଦ୍ଧ କରିଥିବା ଲୋକମାନଙ୍କ ସହିତ ଯୁଦ୍ଧ କରିଲେ ବରଂ କଏଦିମାନଙ୍କୁ ମଧ୍ୟ ହତ୍ୟା କରିଦେଲେ । ସେଇଥିପାଇଁ ସେହି ନଦୀଟି ଆଜି ପର୍ଯ୍ୟନ୍ତ ରକ୍ତ ନଦୀ ଭାବରେ ପ୍ରଶିଦ୍ଧ । ***(ତାରିଖେ ତିବରୀ ଖ-୦୨ ପୃ-୫୬୪ ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୧୨)***

ଅବଶ୍ୟ ଏକଥା ସତ ଜଣା ଲାଗୁନାହିଁ ଯେ କଏଦି ମାନଙ୍କୁ ହତ୍ୟାକରି ପୁଣି ନଦୀରେ ଫିଙ୍ଗିଦିଆଯାଇଥିବ । ଜୀବନ ଲେଖାଳୀମାନେ ଏଥିରେ କିଛି ବଢ଼ାଇ ଚଢ଼ାଇ ଲେଖିଛନ୍ତି ବା ସମ୍ଭବତଃ ଯେଉଁମାନେ ଜାଣିଶୁଣି ଇସଲାମକୁ ବଦନାମ୍ କରିବା ପାଇଁ ଠିକା ନେଇଛନ୍ତି ,ସେମାନେ ଏଥିରେ କିଛିଟା ମିଛ କାହାଣୀ ସାମିଲ୍ କରିଦେଇଛନ୍ତି ।

ଐତିହାସିକମାନଙ୍କ ମଧ୍ୟରେ କିଛି ଶତ୍ରୁ ମଧ୍ୟ ଥିଲେ,ଯେଉଁମାନେ ଶତ୍ରୁତା ବା ଘୃଣାଭାବ ରଖିଥିବା ଯୋଗୁଁ ମୁସଲମାନମାନଙ୍କ ବିରୁଦ୍ଧରେ କିଛି ନା କିଛି ଏମିତି ଲେଖିଦେଉଥିଲେ ଯେ କଏଦି ମାନଙ୍କୁ ହତ୍ୟା କରି ମୁସଲମାନମାନେ କେନାଲରେ ଫିଙ୍ଗିଦେଲେ । କିନ୍ତୁ ବ୍ୟବହାରିକ ଭାବରେ ଏହା ଜଣା ପଡୁଛି ଯେ ଏଥିରେ କିଛି ଏମିତି କଥାକୁ ସାମିଲ କରାଯାଇଛି ଯଦ୍ୱାରା ଦଜଲ୍ ଏବଂ ପ୍ରତାରଣା କରି ଲୋକମାନଙ୍କୁ ଧୋକା ଦେଇ ଏମିତି କଥାକୁ ଉପସ୍ଥାପନ କରିପାରିବେ ଯେ ଦେଖନ୍ତୁ କିପରି ମୁସଲମାନମାନେ ଅତ୍ୟାଚାର କରିଛନ୍ତି ଏବଂ ନିରୀହ କଏଦୀମାନଙ୍କୁ ହତ୍ୟା କରିଛନ୍ତି । ଯଦିଓ କଏଦୀମାନଙ୍କୁ ହତ୍ୟା କରିବା ସେ ସମୟର ନିୟମ ଏବଂ ଯୁଦ୍ଧ କାନୁନ ଅନୁଯାୟୀ କୌଣସି ଆପତିଜନକ ବିଷୟ ନଥିଲା । କିନ୍ତୁ ଇସଲାମୀୟ ଯୁଦ୍ଧରେ ,ବିଶେଷକରି ଆଁହଜରତ୍ ସ ଆ ସଙ୍କ ପବିତ୍ର ଯୁଗରେ ତଥା ଖିଲାଫତେ ରାଶିଦା ସମୟରେ ହୋଇଥିବା ଯୁଦ୍ଧରେ ବାସ୍ତବିକ ଏପରି କେବେ ହୋଇନାହିଁ ଯେ କଏଦିମାନଙ୍କୁ ଏମିତି ହତ୍ୟା କରାଯାଇଥିବ । ଯଦିଓ ସେହି ଯୁଦ୍ଧଗୁଡ଼ିକରେ ପ୍ରାଣ ହରାଇଥିବା ଲୋକମାନଙ୍କର ସଂଖ୍ୟା ହଜାର ହଜାର ତଥା ଲକ୍ଷାଧିକ ବି ଥିଲା । କିନ୍ତୁ ସେମାନେ ସମସ୍ତେ ଯୁଦ୍ଧ କରିବା ସମୟରେ ହିଁ ନିହତ ହୋଇଥିଲେ । ହଜରତ୍ ଖାଲିଦ୍ ବିନ୍ ୱ୍ଲିଦ୍ଙ୍କ ପରି ସେନାପତିଙ୍କ ଯୁଦ୍ଧ ଅଭିଯାନଗୁଡ଼ିକ ଯେବେ ଅଧ୍ୟୟନ କରାଯାଏ ତାହେଲେ ସେ ମଧ୍ୟ ଯଥା ସମ୍ଭବ ଯୁଦ୍ଧ ଭୂମିରେ ପ୍ରତ୍ୟେକ ବ୍ୟକ୍ତିର ଜୀବନ ରକ୍ଷା ହିଁ କରିଛନ୍ତି । ଯିଏ ହତିଆର ଫିଙ୍ଗିଦେଲା ବା ଯିଏ ଆଜ୍ଞାବହତା ସ୍ୱୀକାର କଲା । ସେମାନଙ୍କୁ ଜୀବନଦାନ କରିଛନ୍ତି । ସେ ଯାହାକୁ ବି ଯେତେବେଳେ ହତ୍ୟା କରିଛନ୍ତି, ଐତିହାସିକ ଏବଂ ଔପନାସିକମାନେ ସେହି ଘଟଣାର କୌଣସି ଠୋସ୍ କାରଣ ପାଇଛନ୍ତି । ସେ ଯାହା ବି ହେଉ ଏହି ଘଟଣାକୁ ଯଦି ଦେଖାଯାଏ ତାହେଲେ ଏହା ବି କିଛିଟା ମନଗଢା କାଳ୍ପନିକ ଲାଗୁଛି । କାରଣ ଐତିହାସିକମାନେ ଏବଂ ଜୀବନୀ ଲେଖକ ,ଯେଉଁମାନେ ଏହି ସ୍ଥାନରେ ସମସ୍ତ ବିବରଣୀ ବର୍ଣ୍ଣନା କରିଛନ୍ତି । ବର୍ଣ୍ଣନା କରିବା ବେଳେ ପ୍ରତ୍ୟେକ ଛୋଟରୁ ଛୋଟ ବିଷୟକୁ ବି ଉଲ୍ଲେଖ କରିଥାନ୍ତି । କିନ୍ତୁ ସେମାନଙ୍କ ମଧ୍ୟରୁ କିଛି ଐତିହାସିକ ଏହି ଘଟଣାର ସବିଶେଷ ବିବରଣୀ ଆଦୌଁ ଉଲ୍ଲେଖ କରିନାହାନ୍ତି । ଏହା ଏକଥାକୁ ପ୍ରମାଣ କରୁଛି ଯେ ସେମାନେ ମନଗଢା କଥା ଲେଖିଛନ୍ତି । ଏପରି ଜଣେ ଲେଖକ,ଯିଏ ସ୍ୱାଧିନ ଭାବରେ ଇତିହାସକୁ ଲେଖି ବର୍ଣ୍ଣନା କରିଥାନ୍ତି, ଏବଂ ଆପତିଜନକ ଭାବରେ ଏମିତି କଥାକୁ ବର୍ଣ୍ଣନା କରିଦେଇଥାନ୍ତି ଯେ ଯାହା ସହିତ କେବେ ବି ଏକମତ କରାଯାଇନପାରେ । ସେ ବି ଏହି ଘଟଣାକୁ ବର୍ଣ୍ଣନା କରିବା ପରେ ଲେଖିଛନ୍ତି ଯେ ରାଓ୍ୱି ଏକଥାକୁ ବର୍ଣ୍ଣନା କରି ଅତିରିକ୍ତତାର ସୀମାକୁ ଟପି ଯାଇଛନ୍ତି । ଏତେଟା ବିଶ୍ୱାସ ରହିଛି ଯେ ଖାଲିଦ୍ ର ଅ ଇସଲାମର ଶତ୍ରୁଙ୍କୁ ହତ୍ୟାକରିବାରେ ଏତେ ମାତ୍ରାରେ ଭିଷଣ ଯୁଦ୍ଧ କରୁଥିଲେ ଯେ ତାହା ଦେଖି କାଅକାଅ ଏବଂ ତା ସାଥିମାନେ ଆଉ ଧୈର୍ଯ୍ୟ ଧରିପାରିଲେ ନାହିଁ । ***(ହଜରତ୍ ଅବୁ ବକର୍ ସିଦ୍ଦିକ୍ ର ଅ ଅଓର୍ ହଜରତ୍ ଉମର୍ ଫାରୁକ୍ ଆଜମ୍ ର ଅ ଅଜ୍ ଡ଼ାଃ ତାହା ହୁସୈନ୍ ପୃ-୮୫-୮୬ )***

ସେହିପରି ଜଣେ ଲେଖକ ଏହି ଘଟଣାକୁ ବର୍ଣ୍ଣନା କରିଛନ୍ତି । ଅର୍ଥାତ କଏଦିମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା,କିନ୍ତୁ ହତ୍ୟା କରାଯିବା କଥା ଭୂଲ । ସେହିପରି ଆଉ ଜଣେ ଲେଖକ ଏହି ଘଟଣାକୁ ବର୍ଣ୍ଣନା କରିଛନ୍ତି ଯେ ଜଣାପଡୁଛି ପ୍ରକୃତରେ ଇରାନୀୟମାନଙ୍କୁ କେନାଲରେ ହତ୍ୟା କରି ଫିଙ୍ଗା ଯାଇନଥିଲା ।

ସୁତରାଂ ସେ ଲେଖିଛି ଯେ ହଜରତ୍ ଖାଲିଦ୍ ର ଅ ଫୁର୍ତିରେ ଆକ୍ରମଣ କରି ଇସାଇମାନଙ୍କୁ ଏପରି କାଟିପକାଇଲେ ଏବଂ ଇରାନୀୟଙ୍କ ଧାଡ଼ିକୁ ଏପରି ଚିରି ଆକ୍ରମଣ କରିଲେ ଯେ ଯେମିତି ସେମାନେ ମାଟିରେ ତିଆରି ହୋଇଥିଲେ ଓ ମାଂସ ରକ୍ତର ମଣିଷ ହିଁ ନଥିଲେ । ଯେହେତୁ ଇରାନୀମାନେ ବହୁ ଦୂର ପର୍ଯ୍ୟନ୍ତ ବ୍ୟାପି ରହିଥିଲେ,ତେଣୁ ସୋମନେ ଚନ୍ଦ୍ର ଆକାରର ଗୋଟିଏ ଅର୍ଦ୍ଧବୃତ ଗଠନ କରି ମୁସଲମାନମାନଙ୍କୁ ଘେରାଉଟ କରିଦେଇଥିଲେ । ଏବେ ପରିସ୍ଥିତି ଏହା ହୋଇଯାଇଥିଲା ଯେ ମୁସଲମାନମାନଙ୍କ ଚାରିପାଖରେ ଇରାନୀ ଏବଂ ଆରବର ଇସାଇମାନେ ଘେରିଯାଇଥିଲେ ଏବଂ ବହୁତ ଉତ୍ସାହିତ ହୋଇ ଲଢିବାକୁ ଲାଗିଲେ । କିନ୍ତୁ ଯେଉଁ ଉତ୍ସାହର ସହିତ ମୁସଲମାନମାନେ ଲଢୁଥିଲେ ତାହା ଇସାଇମାନଙ୍କ ମଧ୍ୟରେ ନଥିଲା । ପ୍ରତ୍ୟେକ ମସଲମାନ ରକ୍ତପିପାସୁ ସିଂହରେ ପରିଣତ ହୋଇଯାଇଥିଲା ଏବଂ ଭିଷଣ ଭାବରେ ଆକ୍ରମଣ କରି ଇସାଇମାନଙ୍କୁ ଘସ ତୃଣ ପରି କାଟିପକାଉଥିଲା । ଯଦିଓ ଇରାନୀମାନେ ମୁସଲମାନମାନଙ୍କୁ ବି ଶହୀଦ କରୁଥିଲେ ଏବଂ ଆହତ କରୁଥିଲେ କିନ୍ତୁ ମୁସଲମାନମାନେ ବହୁତ କ୍ୱଚିତ ଟଳୁଥିଲେ,ଏବଂ ଯେଉଁମାନେ ଆହାତ ହେଉଥିଲେ,ସେ ଆହୁରି ଅଧିକା ଉତ୍ସାହିତ ହୋଇ ଲଢିବାକୁ ଲାଗୁଥିଲା । ଇରାନୀମାନେ ଏତେ ସଂଖ୍ୟାରେ ମରୁଥିଲେ ଯେ ସେମାନଙ୍କର ଶବ ରଣକ୍ଷେତ୍ରରେ ବିଛାଇ ହୋଇ ପଡ଼ିରହିଥିଲା । ଏବଂ ଯେଉଁ ଇରାନୀମାନେ ଆହାତ ହେଉଥିଲେ,ସେ ରଣକ୍ଷେତ୍ରକୁ ଛାଡ଼ି ଚାଲିଯାଉଥିଲା । ମୁସଲମାନମାନେ ଏତେମାତ୍ରାରେ ରକ୍ତପାତ କଲେ ଯେ ସେମାନଙ୍କ ପୋଷାକ ରକ୍ତରେ ଯୁତୁବୁତୁ ହୋଇଗଲା । ହଜରତ୍ ଖାଲିଦ୍ ବିନ୍ ୱ୍ଲିଦ୍ ର ଅଙ୍କ ପୋଷାକର ଅବସ୍ଥା ବି ସମାନ ଥିଲା । ଇରାନୀମାନଙ୍କ ରକ୍ତରେ ଭୂଇଁ ଭିଜିଗଲା ଏବଂ ଅତ୍ୟଧିକ ରକ୍ତ ପାଣି ସଦୃଶ ବହିଗଲା । ଶେଷରେ ଇରାନୀୟମାନେ ପରାସ୍ତ ହେଲେ ଏବଂ ସେମାନେ ନିରାଶ ହୋଇ ପଳାଇଲେ । ମୁସଲମାନମାନେ ସେମାନଙ୍କ ପଛରେ ଅନୁଧାବନ କଲେ ଏବଂ ବହୁ ଦୂର ପର୍ଯ୍ୟନ୍ତ ସେମାନଙ୍କ ପଛେ ପଛେ ଯାଇ ସେମାନଙ୍କୁ ହତ୍ୟା ଏବଂ ଗିରଫ କଲେ । ଇରାନୀମାନେ ଏତେମାତ୍ରାରେ ଭୟଭୀତ ହୋଇ ପଳାୟନ କଲେ ଯେ ସେମାନଙ୍କର ହଜାର ହଜାର ସିପାହୀ ନଦୀରେ ବୁଡ଼ି ପ୍ରାଣ ତ୍ୟାଗ କଲେ । ଯେତେବେଳେ ଇରାନୀ ଦୂରକୁ ଚାଲିଗଲେ ,ମୁସଲମାନମାନେ ସେଠାରୁ ଫେରିଆସିଲେ । ଏହି ଯୁଦ୍ଧରେ ୭୦ ହଜାର୍ ଇରାନୀ ନିହତ ହେଲେ । ମୁସଲମାନମାନଙ୍କର ଏକ ଶହ ଅଠତିରିଶି ଜଣ ଲୋକ ଶହୀଦ ହୋଇଥିଲେ । ସେ ଯାହା ବି ହେଉ ଐତିହାସିକମାନଙ୍କୁ ଏକଥାରେ ବି ଆଶ୍ଚର୍ଯ୍ୟ ଲାଗୁଛି ଯେ ମୁସଲମାନମାନେ ଇରାନୀମାନଙ୍କର ଏତେ ସଂଖ୍ୟକ ଲୋକଙ୍କୁ କିପରି ମାରିଦେଲେ । ***(ହଜରତ୍ ଖାଲିଦ୍ ବିନ୍ ୱ୍ଲିଦ୍ ର ଅ ଅଜ୍ ଦାଦିକ୍ ହୁସୈନ୍ ସିଦ୍ଦିକୀ ,ପୃ-୧୬୧-୧୬୨)***

ଜଣେ ଐତିହାସିକ ଏହା ଲେଖିଛନ୍ତି । ଏହି ପରିପ୍ରେକ୍ଷୀରେ ଏହା ସ୍ପଷ୍ଟ ହେଉଛି ଯେ ଯଦି ନଦୀ ପାଣି ଲାଲ ହୋଇଯିବା ଘଟଣାକୁ ଠିକ ବୋଲି ବିବେଚନା ବି କରାଯାଏ ,ତାହେଲେ ଯେଉଁମାନଙ୍କ ପାଇଁ ନଦୀର ପାଣି ଲାଲ ହୋଇଯାଇଥିଲା,ତାହା ସେହି ଆହତ ହୋଇଥିବା ସିପାହୀମାନଙ୍କର ପାଣିରେ ବୁଡ଼ିଯିବା ଯୋଗୁଁ ବି ହୋଇପାରିଥିବ । ସୁତରାଂ କୁହାଯାଇ ପାରେ ଯେ ଏପରି ଘଟଣାରେ ଅତିରିକ୍ତତାର ମିଶ୍ରଣ ମଧ୍ୟ କିଛି ପରିମାଣରେ ଅନ୍ତର୍ଭୁକ୍ତ କରାଯାଇଥିବ,ଯେଉଁଥିପାଇଁ ଇସଲାମୀୟ ଯୁଦ୍ଧ ତଥା ହଜରତ୍ ଖାଲିଦ୍ ବିନ୍ ୱ୍ଲିଦ୍ ର ଅ ଙ୍କ ଉପରେ ଆପତି ତଥା ଆରୋପ ଲଗାଇବା ପାଇଁ ସେମାନଙ୍କୁ ସୁଯୋଗ ମିଳୁ ।

କିମ୍ବା ମୁସଲମାନମାନଙ୍କ ଉପରେ ଯୁଦ୍ଧରେ ନିର୍ଦ୍ଦୟତା ଦେଖାଇବାର ଅଭିଯୋଗ ଲଗାଯାଇଅଛି । ସେ ଯାହା ବି ହେଉ ଅଲ୍ଲାଃତାଲା ଭଲଭାବରେ ଏକଥା ଜାଣନ୍ତି ॥ କିନ୍ତୁ ବ୍ୟବହାରିକ ଭାବରେ ଏହା ଜଣା ପଡୁଛି ଯେ କେବଳ ଏହା ଏକ ଅଭିଯୋଗ କରାଯାଇଛି ।

ସେ ଯାହା ବି ହେଉ ଶତ୍ରୁ କ୍ଷତି ସହିଥିଲେ ଏବଂ ସେମାନଙ୍କର ସେନା ଛତ୍ରଭଙ୍ଗ ଦେଇଥିଲେ । ମୁସଲମାନମାନେ ସେମାନଙ୍କୁ ଅନୁସରଣ କରି ପୁଣି ସେଠାରୁ ଫେରିସାରିଥିଲେ । ହଜରତ୍ ଖାଲିଦ୍ ର ଅ ଖାଇବା ସ୍ଥାନରେ ଆସି ଛିଡ଼ା ହେଲେ,ଏବଂ କହିଲେ ଯେ ମୁଁ ତୁମମାନଙ୍କୁ ଦେଉଛି । ଏହା ତୁମମାନଙ୍କ ପାଇଁ ଉଦ୍ଦିଷ୍ଟ । କାରଣ ରସୁଲୁଲ୍ଲାଃ ସ ଆ ସ ଯୁଦ୍ଧରେ ପଳାୟନ କରିଥିବା ଶତ୍ରୁମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଖାଦ୍ୟ ପାଉଥିଲେ,ସେ ନିଜ ସେନା ମଧ୍ୟରେ ତାକୁ ବଂଟନ କରିଦେଉଥିଲେ ।

ସୁତରାଂ ମୁସଲମାନମାନେ ରାତ୍ରି ଭୋଜନ ଭାବରେ ସେହି ଖାଦ୍ୟକୁ ଖାଇଲେ । ଉଲୈସ୍ ଯୁଦ୍ଧରେ ଶତୃ ପକ୍ଷର ୭୦ ହଜାର୍ ଲୋକ ପ୍ରାଣ ହରାଇଥିଲେ । ପୂର୍ବରୁ ଏ କଥା ଆଲୋଚନା କରାଯାଇଅଛି । ***(ତାରିଖେ ତିବରୀ ଖ-୦୨ ପୃ-୩୧୪ ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୧୨)***

ଅମ୍‌ଇଶିୟା ବିଜୟ ସମ୍ବନ୍ଧରେ ଉଲ୍ଲେଖ ରହିଛି ଯେ ଅମ୍‌ଇଶିୟାକୁ ୧୨ ହିଜରିର ସଫର୍ ମାସରେ ବିନା କୌଣସି ଯୁଦ୍ଧରେ ଜୟ କରିନିଆଗଲା । ଅମ୍‌ଇଶିୟା ଇରାକରେ ଅବସ୍ଥିତ ଗୋଟିଏ ସ୍ଥାନର ନାମ । ଯେବେ ହଜରତ୍ ଖାଲିଦ୍ ର ଅ ଉଲୈସ ଯୁଦ୍ଧରୁ ବିରତ ହେଲେ,ସେ ପୁଣି ପ୍ରସ୍ତୁତ ହେଲେ ଏବଂ ଅମ୍‌ଇଶିୟା ଆସିଲେ । କିନ୍ତୁ ତାଙ୍କ ଆସିବା ପୂର୍ବରୁ ହିଁ ସେଠିକାର ବାସିନ୍ଦା ଶୀଘ୍ର ଶୀଘ୍ର ବସ୍ତି ଛାଡ଼ି ପଳାୟନ କଲେ ଏବଂ ସୱାଦରେ ଯାଇ ଅଲଗା ଅଲଗା ହୋଇଗଲେ । ମୁସଲମାନମାନେ ହଜରତ୍ ଉମର୍ ର ଅଙ୍କ ଖିଲାଫତ୍ ସମୟରେ ଇରାକରେ ଯେଉଁ ବସ୍ତିଗୁଡ଼ିକ ଉପରେ ବିଜୟ ପ୍ରାପ୍ତ କରିଥିଲେ,ସେହି ଇଲାକାଗୁଡ଼ିକର ନାମ ସେମାନେ ସେଠିକାର ସବୁଜତାକୁ ଦେଖି ସୱାଦ୍ ରଖିଥିଲେ । ହଜରତ୍ ଖାଲିଦ୍ ର ଅ ଅମ୍‌ଇଶିୟା ଏବଂ ତାହାର ଆଖପାଖରେ ଯାହା କିଛି ବି ଥିଲା ସେସବୁକୁ ଭାଙ୍ଗି ଦେବା ପାଇଁ ଆଦେଶ ଦେଲେ । ଅମ୍‌ଇଶିୟା ହିରାଃ ସମ ଗୋଟିଏ ସହର ଥିଲା । ଉଲୈସ୍ ସେଠିକାର ସାମରିକ ପୋଷ୍ଟ ଥିଲା ।

ମୁସଲମାନମାନଙ୍କୁ ଅମ୍‌ଇଶିୟାଠାରେ ଏତେ ମାତ୍ରାରେ ମାଲେ ଗନିମତ୍ ପ୍ରାପ୍ତ ହୋଇଥିଲା ଯେ ଜାତୁଲ୍ ସଲାସିଲ୍‌ଠାରୁ ନେଇ ଏ ପର୍ଯ୍ୟନ୍ତ କୌଣସି ବି ଯୁଦ୍ଧରେ କେବେ ବି ଏପରି ପ୍ରାପ୍ତ ହୋଇନଥିଲା ।

ଏହି ଯୁଦ୍ଧରେ ଅଶ୍ୱାରୋହୀମାନଙ୍କର ପନ୍ଦର ଶହ ଲେଖା ଦିରହମ୍ ଭାଗପଡ଼ିଥିଲା,ଏବଂ ଏହି ଭାଗ ସେହି ମାଲେ ଗନିମତ୍ ବ୍ୟତୀତ ଥିଲା । ଏହା ସେମାନଙ୍କ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଦିଆଯାଇଥିଲା । ଉଲୈସ୍ ଏବଂ ଅମ୍‌ଇଶିୟାର ବିଜୟ ଖବର ହଜରତ୍ ଖାଲିଦ୍ ର ଅ ବନୁ ଇଜଲ୍‌ର ଜିନ୍ଦଲ୍ ନାମୀ ଜଣେ ଲୋକଙ୍କ ଜରିଆରେ ହଜରତ୍ ଅବୁ ବକର୍ ର ଅଙ୍କ ସେବାରେ ପ୍ରେରଣ କରିଥିଲେ । ସେ ଜଣେ ବାହାଦୁର୍ ଗାଇଡ଼ (ମାର୍ଗଦର୍ଶକ) ଭାବରେ ପ୍ରଶିଦ୍ଧ ଥିଲେ । ସେ ହଜରତ୍ ଅବୁ ବକର୍ ର ଅଙ୍କ ସେବାରେ ପହଂଚି ଉଲୈସ୍ ଯୁଦ୍ଧର ବିଜୟ ସୁସମାଚାର ପ୍ରଦାନ କଲେ । ମାଲେ ଗନିମତ୍ ପରିମାଣ ,କଏଦୀମାନଙ୍କ ସଂଖ୍ୟା , ଖୁମୁସ୍ ରେ ଯାହା ପ୍ରାପ୍ତ ହୋଇଥିଲା ଏବଂ ଯେଉଁ ଲୋକମାନେ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ,ସେମାନଙ୍କ ବିଷୟରେ ଅବଗତ କରାଇଲେ । ଏହି ସମସ୍ତ ବିବରଣୀ ଏବଂ ବିଶେଷ ଭାବରେ ହଜରତ୍ ଖାଲିଦ୍ ର ଅ ଙ୍କ ବୀରତ୍ୱର ଗାଥା ବହୁତ ଭଲା ଭାବରେ ବର୍ଣ୍ଣନା କଲେ । ହଜରତ୍ ଅବୁ ବକର୍ ର ଅଙ୍କୁ ତାଙ୍କର ବାହାଦୁରୀ ,ସାହସ ,ଦୃଢ ପଦକ୍ଷେପ ଏବଂ ବିଜୟର ସମାଚାର ଶୁଣାଇବାର ଏପରି ଶୈଳୀ ବହୁତ ପସନ୍ଦ ଲାଗିଲା । ଅର୍ଥାତ୍ ହଜରତ୍ ଖାଲିଦ୍ ର ଅ ଯେଉଁ ପ୍ରତିନିଧି ପଠାଇଥିଲେ ,ତାଙ୍କର କହିବାର ଯେଉଁ ଶୈଳୀ ଥିଲା, ତାଙ୍କ ସାହସିକତାର ଯେଉଁ କାହାଣୀ ଥିଲା ଏବଂବର୍ଣ୍ଣନା କରିବାର ଶୈଳୀ ହଜରତ୍ ଅବୁ ବକର୍ ର ଅଙ୍କୁ ବହୁତ ପସନ୍ଦ ଲାଗିଲା । ସୁତରାଂ ଆପଣ ର ଅ ତାଙ୍କୁ ପଚାରିଲେ ତୁମର ନାଁ କ'ଣ ? ସେ କହିଲା ମୋ ନାମ ହେଉଛି ଜିନ୍ଦଲ୍ । ପୁଣି ଆପଣ ର ଅ ତାଙ୍କୁ କହିଲେ ବହୁତ ବଢିଆ ଜନ୍ଦଲ୍ । ତା ପରେ ଆପଣ ର ଅ ତାଙ୍କୁ ମାଲେ ଗନିମତ ମଧ୍ୟରୁ ଜଣେ ଦାସୀ ଦେବାପାଇଁ ନିର୍ଦ୍ଦେଶ ଦେଲେ । ତାହାଙ୍କଠାରୁ ତାଙ୍କୁ ସନ୍ତାନ ପ୍ରାପ୍ତ ହେଲା । ସେହିପରି ଏହି ଅବସରରେ ହଜରତ୍ ଅବୁ ବକର୍ ର ଅ କହିଲେ: ଏବେ ମହିଳାମାନେ ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅଙ୍କ ଭଳି ଲୋକଙ୍କୁ ଜନ୍ମ ଦେଇପାରିବେ ନାହିଁ । **(ତାରିଖେ ତିବରୀ ଖ-୦୨ ପୃ-୩୧୪-୩୧୫ ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୧୨)(ହଜରତ୍ ସୟଦନା ଅବୁ ବକର୍ ସିଦ୍ଦିକ୍ ର ଅ ଅଜ୍ ମୁହମ୍ମଦ୍ ହୁସୈନ୍ ହୈକଲ୍ ,ପୃ-୩୧୨ ଇସ୍‌ଲାମୀ କୁତୁବ ଖାନାଃ)(ମୁଅଜମୁଲ୍ ବୁଲଦାନ୍ ,ଖ-୦୧,ପୃ-୩୦୧ ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍)(ମୁଅଜମୁଲ୍ ବୁଲଦାନ୍ ,ଖ-୦୩,ପୃ-୩୦୯ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍)**

ଅବଶିଷ୍ଟ ଆସନ୍ତାକୁ ବର୍ଣ୍ଣନା କରାଯିବ ।

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୨ ର ଅବଶିଷ୍ଟାଂଶ ......*

କରିଦେଇଥିଲେ । ସମସ୍ତଙ୍କୁ ସମାନ ମାର୍ଗରେ ପଠାଇନଥିଲେ । ହଜରତ୍ ମୁସନ୍ନା ର ଅଙ୍କୁ ନିଜ ଯାତ୍ରାର ଦୁଇ ଦିନ ପୂର୍ବରୁ ପଠାଇଦେଇଥିଲେ । ତାଙ୍କ ପରେ ଅଦି ବିନ୍ ହାତିମ୍ ଏବଂ ଆସିମ୍ ବିନ୍ ଅମରୋଙ୍କୁ ଗୋଟିଏ ଗୋଟିଏ ଦିନ ଅନ୍ତରରେ ପଠାଇଥିଲେ । ସର୍ବଶେଷରେ ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅ ନିଜେ ଅଭିଯାନରେ ବାହାରିଲେ । ସେ ସମସ୍ତଙ୍କୁ ହାଫିର୍ ନାମକ ସ୍ଥାନରେ ଏକାଠି ହେବାକୁ ପ୍ରତିଜ୍ଞା ନିଆଯାଇଥିଲା । ଯଦ୍ୱାରା ସେଠାରୁ ଏକାଥରକେ ଶତୃ ଉପରେ ଆକ୍ରମଣ କରିପାରିବେ । ହଫିର୍ ହେଉଛି ବସରାଃଠାରୁ ମଦିନା ଯିବା ରାସ୍ତାରେ ପ୍ରଥମ ଗନ୍ତବ୍ୟସ୍ଥଳୀ । ଏହା ମଧ୍ୟ ଉଲ୍ଲେଖ ରହିଛି ଯେ ତାହା ପାରସ୍ୟ ସୀମାର ସମସ୍ତ ସୀମା ମଧ୍ୟରେ ସବୁଠାରୁ ବଡ଼ ଏବଂ ଶକ୍ତିଶାଳୀ ସୀମା ଥିଲା ଏବଂ ତାହାର ହାକିମ(ଶାସକ)ଥିଲା ହୁର୍ମୁଜ୍ । ସେଠିକାର ସେନା କମାଣ୍ଡର୍ ଗୋଟିଏ ପଟେ ସ୍ଥଳଭାଗରେ ଆରବମାନଙ୍କ ସହିତ ଯୁଦ୍ଧରେ ଲିପ୍ତ ଥିବା ବେଳେ ଅନ୍ୟ ପଟେ ସମୁଦ୍ରରେ ହିନ୍ଦୁସ୍ତାନ ବୁରୁଦ୍ଧରେ ଯୁଦ୍ଧ କରୁଥିଲା । **(ତାରିଖେ ତିବରୀ ଖ-୦୨ ପୃ-୩୦୯ ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟା ଲେବନାନ୍ ୨୦୧୨) (ମୁଅଜୁମୁଲ୍ ବୁଲଦାନ୍ ,ଖ-୦୨,ପୃ-୩୧୯,ଦାରୁଲ୍ କୁତୁବୁଲ୍ ଅଲମିୟା ,ବେରୁତ) (ଅଲକାମିଲ୍ ଫିତ୍ ତାରିଖ୍ ଲେଇବନେ ଅସୀର୍ ଖ-୦୨ ପୃ-୨୩୯ ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୦୩)**

ସେ ଯାହା ବି ହେଉ ହଜରତ୍ ଖାଲିଦ୍ ର ଅଙ୍କ ସୈନ୍ୟବାହିନୀର ସଂଖ୍ୟା ବହୁତ କମ୍ ଥିଲା । କାରଣ ତାହାର ବହୁତ ବଡ଼ ଅଂଶ ୟମାମାଃ ଯୁଦ୍ଧରେ ବ୍ୟବହୃତ ହୋଇଥିଲା । ଦ୍ୱିତୀୟରେ ହଜରତ୍ ଅବୁବକର୍ ର ଅ ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ ଯଦି କୌଣସି ବ୍ୟକ୍ତି ଇରାକ ଯିବାକୁ ନଚାହେଁ ତାହେଲେ ତାକୁ ବାଧ୍ୟ କରାନଯାଉ । ତତସହିତ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଏହା ଦେଇଥିଲେ ଯେ ଏତତବ୍ୟତୀତ କୌଣସି ପୂର୍ବତନ ବିଦ୍ରୋହୀକୁ ,ଯିଏ ପୁଣି ଇସଲାମକୁ ଫେରି ବି ଆସିଥାଏ ,ତାକୁ ସେପର୍ଯ୍ୟନ୍ତ ଇସଲାମୀ ସୈନ୍ୟବାହିନୀରେ ସାମିଲ୍ ନକରାଯାଉ ଯେପର୍ଯ୍ୟନ୍ତ ଖଲିଫାଙ୍କ ଠାରୁ ବିଶେଷ ଅନୁମତି ନମିଳିଛି । ହଜରତ୍ ଖାଲିଦ୍ ର ଅ ହଜରତ୍ ଅବୁ ବକର୍ ର ଅ ଙ୍କ ଗୋଚରେ ଆହୁରି ଅଧିକା ସୈନ୍ୟସାମନ୍ତ ସାହାଯ୍ୟ ନମନ୍ତେ ପଠାଇବା ପାଇଁ ନିବେଦନ ପତ୍ର ଲେଖିଥିଲେ । ସେ କେବଳ ଜଣକୁ କାଅକାଅ ବିନ୍ ଅମରୋଙ୍କୁ ତାଙ୍କୁ ସାହାଯ୍ୟ କରିବା ପାଇଁ ପଠାଇଥିଲେ । ଲୋକମାନଙ୍କୁ ବହୁତ ଆଶ୍ଚର୍ଯ୍ୟ ଲାଗିଲା ଓ ସେମାନେ କହିଲେ ଯେ କ'ଣ ଆପଣ ଖାଲିଦଙ୍କୁ ସାହାଯ୍ୟ କରିବା ପାଇଁ କେବଳ ଜଣକୁ ପଠାଉଛନ୍ତି ଯେବେ କି ସୈନ୍ୟବାହିନୀର ଅଧିକାଂଶ ଭାଗ ଏବେ ତାଙ୍କଠାରୁ ଅଲଗା ହୋଇସାରିଛି । ହଜରତ୍ ଅବୁ ବକର୍ ର ଅ ଉତର ଲେଖିଲେ ଯେ ଯେଉଁ ସେନାରେ କଅକାଅଙ୍କ ପରି ବ୍ୟକ୍ତି ସାମିଲ୍ ଅଛନ୍ତି ସେ କେବେବି ହାରି ପାରିବ ନାହିଁ । ପୁଣି ମଧ୍ୟ ସେ କଅକାଅଙ୍କ ହାତରେ ଖାଲିଦ ର ଅଙ୍କୁ ନିକଟକୁ ଗୋଟିଏ ଚିଠି ଲେଖିପଠାଇଲେ ଯେ ସେ ଏମାନଙ୍କୁ ନିଜ ସେନାରେ ସାମିଲ କରନ୍ତୁ । କାରଣ ଏମାନେ ରସୁଲେ କରିମ୍ ସ ଆ ସଙ୍କ ପରେ ଇସଲାମ ଉପରେ ପ୍ରତିଷ୍ଠିତ ଥିଲେ ଏବଂ ଏମାନେ ମୁରତଦ୍ଦୀନ୍‌ଙ୍କ ଖଲାଫ ଯୁଦ୍ଧରେ ଭାଗ ନେଇଥିଲେ । ଏହି ଚିଠିଟି ମିଳିବା ପରେ ହଜରତ୍ ଖାଲିଦ୍ ର ଅ ନିଜ ସୈନ୍ୟବାହିନୀର ସୈନ୍ୟ ସଜ୍ଜା ଓ କ୍ରମ ସଜ୍ଜା କରିବା ଆରମ୍ଭ କରିଦେଲେ । **(ହଜରତ୍ ଅବୁ ବକର୍ ସିଦ୍ଦିକ୍ ର ଅ ଅଜ୍ ମୁହମ୍ମଦ୍ ହୁସୈନ୍ ହୈକଲ୍ ମତରଜିମ୍ ,ପୃ-୨୬୮ ପ୍ରକାଶନ ୨୦୦୪)**

ଇରାକର କୃଷକ ମାନଙ୍କ ବିଷୟରେ ହଜରତ୍ ଅବୁ ବକର୍ ର ଅ ଯେଉଁ ୱସିୟତ୍ କରିଥିଲେ ଏବଂ ଯେଉଁ ରଣନୀତି ଅବଲମ୍ବନ କରିଥିଲେ,ସେ ସମ୍ବନ୍ଧରେ ଉଲ୍ଲେଖ ରହିଛି ଯେ ଆରବୀୟମାନେ ଇରାକର ଜମିରେ କୃଷକ ଭାବରେ କାମ କରୁଥିଲେ । ଯେତେବେଳେ ଫସଲ ପ୍ରସ୍ତୁତ ହୋଇଯାଉଥଲା,ସେମାନଙ୍କୁ ସେହି ଅମଳରୁ ବହୁତ କମ୍ ଅଂଶ ଦିଆଯାଉଥିଲା । ଫସଲର ଅଧିକାଂଶ ଭାଗ ସେହି ଇରାନୀ ଜମିଦାରମାନଙ୍କ ନିକଟକୁ ଚାଲିଯାଉଥିଲା,ଯେଉଁମାନେ ସେହି ଜମିର ମାଲିକ ଥିଲେ । ଏହି ଜମିଦାରମାନେ ସେହି ଗରିବ ଆରବମାନଙ୍କୁ ନିର୍ଦ୍ଦୟ ଭାବରେ ବ୍ୟବହାର କରୁଥିଲେ ଏବଂ ସେମାନଙ୍କ ସହିତ ଗୁଲାମ୍ (କ୍ରିତଦାସ)ମାନଙ୍କ ଅପେକ୍ଷା ଖରାପ ବ୍ୟବହାର କରୁଥିଲେ । ହଜରତ୍ ଅବୁ ବକର୍ ର ଅ ଇରାକରେ ମୃତୟନ ଥିବା ତାଙ୍କ ସେନାଧ୍ୟକ୍ଷମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ ଯୁଦ୍ଧ ଚାଲିଥିବା ସମୟରେ ସେହି ଆରବ ଚାଷୀମାନଙ୍କୁ କୌଣସି ପ୍ରକାରର କଷ୍ଟ ନଦିଆଯାଉ ନା ସେମାନଙ୍କୁ ହତ୍ୟା କରାଯାଉ ନା ବନ୍ଦି କରାଯାଉ । ଅତଃ ସେମାନଙ୍କ ସହିତ କୌଣସି ପ୍ରକାରର ଅସଦାଚାରଣ କରାନଯାଉ । କାରଣ ସେମାନେ ବି ଏମାନଙ୍କ ପରି ଆରବୀୟ ଅଟନ୍ତି ଓ ଇରାନୀମାନଙ୍କ ଦ୍ୱାରା ନିର୍ଯ୍ୟାତନାର ଘଣାରେ ପେଶି ହେଉଛନ୍ତି । ସେମାନଙ୍କୁ ଏହା ହୃଦୟଙ୍ଗମ ହେବା ଉଚିତ ଯେ ଏଠାରେ ଆରବୀୟ ରାଜତ୍ୱ ପ୍ରତିଷ୍ଠା ହେବା ଦ୍ୱାରା ସେମାନଙ୍କର ଦଳିତ ଜୀବନର ଅନ୍ତ ଗଟିବ ଏବଂ ସେମାନେ ଏବେ ନିଜ ଦେଶର ଲୋକମାନଙ୍କ ଯୋଗୁଁ ପ୍ରକୃତ ନ୍ୟାୟ ଓ ପ୍ରକୃତ ଆଇନିଗତ ସ୍ୱାଧିନତା ଏବଂ ସମାନତାକୁ ଉପଭୋଗ କରିପାରିବେ । ହଜରତ୍ ଅବୁ ବକର୍ ର ଅଙ୍କର ଏହି ରଣନୀତି ମୁସଲମାନମାନଙ୍କୁ ବହୁତ ଉପକୃତ କରିଥିଲା । ସେମାନଙ୍କ ବିଜୟର ମାର୍ଗ ସହଜ ହୋଇଗଲା । ସେମାନଙ୍କୁ ଆଉ ଭୟ ରହିଲା ନାହିଁ ଯେ ଆଗକୁ ବଢିବା ସମୟରେ ପଛରୁ କୌଣସି ପ୍ରକାରର ଆକ୍ରମଣ କରାଯାଇ ସେମାନଙ୍କ ରାସ୍ତାକୁ ଅବରୋଧ ନକରାଯାଇପାରିବ । **(ହଜରତ୍ ଅବୁ ବକର୍ ସିଦ୍ଦିକ୍ ର ଅ ଅଜ୍ ମୁହମ୍ମଦ୍ ହୁସୈନ୍ ହୈକଲ୍ ମତରଜିମ୍ ,ପୃ-୨୬୭-୨୬୮ ପ୍ରକାଶନ ୨୦୦୪)**

ଯେବେ ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅ ନିବାଜଠାର ଛାଉଣି ଲଗାଇଲେ ସେତେବେଳେ ହଜରତ୍ ମୁସନ୍ନା ର ଅ ନିଜ ସୈନ୍ୟବାହିନୀ ସହିତ ଖଫ୍‌ଫାନଠାରେ ଉପସ୍ଥିତ ଥିଲେ ।

ନିବାଜ୍ ହେଉଛି ବସରାଃ ଏବଂ ୟମାମାଃ ମଧ୍ୟସ୍ଥ ଗୋଟିଏ ସ୍ଥାନର ନାମ । ଖଫ୍‌ଫାନ ହେଉଛି କୁଫା ନିକଟସ୍ଥ ଗୋଟିଏ ସ୍ଥାନର ନାମ । ହଜରତ ଖାଲିଦ୍ ର ଅ ହଜରତ୍ ମୁସନ୍ନା ର ଅ ଙ୍କ ନିକଟକୁ ଗୋଟିଏ ଚିଠି ଲେଖିଲେ ଯେ ସେ ତାଙ୍କ ନିକଟକୁ ଅସନ୍ତୁ । ତତ୍‌ସହିତ ହଜରତ୍ ଅବୁ ବକର୍ ର ଅଙ୍କ ସେହି ଚିଠି ବି ପଠାଇଲେ ଯେଉଁଥିରେ ହଜରତ୍ ଅବୁ ବକର୍ ର ଅ ହଜରତ୍ ମୁସନ୍ନା ବିନ୍ ହାରିସାଃ ର ଅଙ୍କୁ ହଜରତ୍ ଖାଲିଦ୍ ର ଅଙ୍କ ଆଜ୍ଞାବହତା ସ୍ୱୀକାର କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । **(ତାରିଖେ ତିବରୀ ଖ-୦୨ ପୃ-୩୦୮ ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟା ଲେବନାନ୍ ୨୦୧୨) (ଫରହଙ୍ଗ୍ ସିରତ୍ ,ପୃ-୨୯୬)(ମୁଅଜୁମୁଲ୍ ବୁଲଦାନ୍ ,ଖ-୦୨,ପୃ-୪୩୪,ଦାରୁଲ୍ କୁତୁବୁଲ୍ ଅଲମିୟା ,ବେରୁତ)**

ଏହି ସମସ୍ତ ଇତିହାସ ତିବରୀରେ ଉଲ୍ଲେଖ ରହିଛି । ପ୍ରଥମେ ତ ତାହା ଥିଲା ପୁଣି ଏହା ଥିଲା ଯେ ଖାଲିଦ୍ ର ଅ ଙ୍କୁ ହଜରତ୍ ଅବୁ ବକର୍ ର ଅ ନିଜେ ପଠାଇଥିଲେ । ସେ ଯାହା ବି ହେଉ ପୁଣି ଯୁଦ୍ଧ ଅନୁଷ୍ଠିତ ହେଲା । କେଉଁ ସବୁ ଯୁଦ୍ଧ ହୋଇଥିଲା ? ସେହି ଯୁଦ୍ଧଗୁଡ଼ିକର ନାମ କ'ଣ ଥିଲା ? ସେମାନଙ୍କ ବିଜୟ ବିଷୟରେ ଆସନ୍ତା ଖୁତବାରେ ଚର୍ଚ୍ଚା କରାଯିବ । ଯେଉଁ ଯୁଦ୍ଧ ମୁସଲମାନମାନେ ଇରାନୀମାନଙ୍କ ବିରୁଦ୍ଧରେ କରିଥିଲେ,ଏବଂ ହଜରତ୍ ଅବୁ ବକର୍ ର ଅ ଙ୍କ ଖିଲାଫତ୍ ସମୟରେ ଯେଉଁ ବିଜୟଗୁଡ଼ିକ ଅଲ୍ଲାଃତାଲା ପ୍ରଦାନ କରିଥିଲେ ,ସେ ବିଷୟରେ ଚର୍ଚ୍ଚା ହେବ । ଇନଶାଅଲ୍ଲାଃ

⌘⌘⌘⌘⌘⌘⌘⌘⌘⌘

# : ଖୁତ୍‌ବା ଜୁମା :

## କୌଣସି ସେନାର ବଡ଼ରୁ ବଡ଼ ପ୍ରବୀଣ ସେନାପତି ସେପର୍ଯ୍ୟନ୍ତ ଏମିତି ନିଶ୍ଚିତତା,ସମାନତା,ବିଶ୍ୱସ୍ତତା ତଥା ଆନ୍ତରିକତା ପ୍ରଦର୍ଶନ କରି ପାରିବେ ନାହିଁ ଯେପର୍ଯ୍ୟନ୍ତ ସେ ରାଜ୍ୟ ମୁଖ୍ୟଙ୍କ ବ୍ୟକ୍ତିଗତ ସୁଗୁଣ ଏବଂ ଉଚ୍ଚ ଚରିତ୍ର ଦ୍ୱାରା ପ୍ରଭାବିତ ନ ହୋଇଛନ୍ତି ।

**ହଜରତ୍ ମୁହମ୍ମଦ୍ ମୁସ୍ତଫା ସ ଆ ସଙ୍କ ମହାନ ପଦମର୍ଯ୍ୟାଦା ସମ୍ପନ୍ନ ଖଲିଫା ରାଶିଦ୍ ,ସିଦ୍ଦିକେ ଅକବର୍,ହଜରତ୍ ଅବୁ ବକର୍ ର ଅ ଙ୍କ ଖିଲାଫତ୍ ସମୟରେ ବିଦ୍ରୋହୀମାନଙ୍କ ବିରୁଦ୍ଧରେ କରାଯାଇଥିବା ଅଭିଯାନଗୁଡ଼ିକର ବ୍ୟାପକ ଚର୍ଚ୍ଚା**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ-ବ]**
**(ପ୍ରଦତ୍ ୨୯ ଜୁଲାଇ ୨୦୨୨ ଅନୁଯାୟୀ ୨୯ ୱଫା ୧୪୦୧ ହିଜ୍‌ରୀ ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ
أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيمِ - بِسْمِ اللّٰهِ الرَّحْمٰنِ الرَّحِيمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ ○ الرَّحْمٰنِ الرَّحِيْمِ ○ مٰلِكِ يَوْمِ الدِّيْنِ ○ إِيَّاكَ نَعْبُدُ وَإِيَّاكَ نَسْتَعِيْنُ ○
اِهْدِنَا الصِّرَاطَ الْمُسْتَقِيْمَ ○ صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ○

ହଜରତ୍ ଅବୁ ବକର୍ ସିଦ୍ଦିକ୍ ର ଅ ଙ୍କ ଖିଲାଫତ୍ ସମୟରେ (ମୁରତଦ୍ଦୀନ୍ ଅର୍ଥାତ ଇସଲାମ ଧର୍ମକୁ ପରିତ୍ୟାଗ କରି ଇସଲାମର ବିଦ୍ରୋହ କରୁଥିବା ବିଦ୍ରୋହୀ ମାନଙ୍କ ବିରୁଦ୍ଧରେ) ଯେଉଁ ଅଭିଯାନଗୁଡ଼ିକ କରାଯାଇଥିଲା, ସେ ବିଷୟରେ ବିଗତ ଖୁତବାଗୁଡ଼ିକରେ ଚର୍ଚ୍ଚା ଚାଲିଥିଲା । ତାହାର ଅବଶିଷ୍ଟାଂଶ ମୁଁ ଆଜି ଏଠାରେ କରିବି, ଯାହା ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅଙ୍କ ନେତୃତ୍ୱରେ ଲଢାଯାଇଥିଲା । ଏହି ବିଷୟବସ୍ତୁକୁ ଶେଷ କରିବାକୁ ହେଲେ ହୋଇପାରେ ଏହି ଖୁତବା ଟିକିଏ ଲମ୍ବା ହୋଇଯିବ ।

ହିରାଃ ଯୁଦ୍ଧ, ରବିଉଲ୍ ଅୱଲ୍ ମାସର ପ୍ରାରମ୍ଭରେ ହଜରତ୍ ଖାଲିଦ୍ ର ଅ ଅମଗିଶିୟାରୁ ହିରାଃ ଆଡ଼କୁ ଅଗ୍ରସର ହେଲେ । **(ଉଦ୍ଧୃତ ସିରତ୍ ସୟଦନା ସିଦ୍ଦିକେ ଅକବର୍ ର ଅ ଅଜ୍ ଉମର୍ ଅବୁଲ୍ ନସ୍‌ର ,ପୃ-୬୭୨ ମୁତରଜିମ୍ ଉର୍ଦ୍ଦୁ ମୁଶତାକ୍ ବୁକ୍ କର୍ଣ୍ଣର ଉର୍ଦ୍ଦୁ ବାଜାର୍ ଲାହୋର୍ ୨୦୨୦)**

ଏ ସମ୍ବନ୍ଧରେ ଉଲ୍ଲେଖ ରହିଛି ଯେ ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅ ଅମଗିଶିୟାରୁ ଫୁରାତ୍ ନଦୀ ନିକଟରେ ଅବସ୍ଥିତ ହିରାଃ ଅଭିମୁଖେ ଯାତ୍ରା କରିଥିଲେ । ହିରାଃ ଆରବୀୟ ଇସାଇମାନଙ୍କର ପ୍ରାଚୀନ କେନ୍ଦ୍ର ଥିଲା । ସେ ସମୟରେ ହିରାଃର ହାକିମ ଜଣେ ଇରାନୀ ଥିଲା । ହିରାଃର ହାକିମକୁ ଏକଥା ଜଣାଥିଲା ଯେ ଏବେ ଖାଲିଦ୍ ବିନ୍ ୱଲିଦ୍ ର ଅଙ୍କ ସେନା ତାଙ୍କ ଆଡ଼କୁ ମୁହାଁଇବେ । ତେଣୁ ସେ ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅଙ୍କ ସହିତ ଯୁଦ୍ଧ କରିବାକୁ ପ୍ରସ୍ତୁତ କରିଦେଲା । ସେ ଏକଥା ବି ଆକଳନ କରିସାରିଥିଲା ଯେ ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅ ଏଠାକୁ ଆସିବା ପାଇଁ ନଦୀ ମାର୍ଗକୁ ଆପଣେଇବେ ଏବଂ ଡ଼ଙ୍ଗାରେ ବସି ଏଠାରେ ପହଂଚିବେ । ସୁତରାଂ ସେ ତା ପୁତ୍ରକୁ ଫୁରାତ୍ ନଦୀର ପାଣିକୁ ଅଟକାଇବା ପାଇଁ ଆଦେଶ ଦେଲା,ଯଦ୍ଦ୍ୱାରା ଖାଲିଦ୍ ବିନ୍ ୱଲିଦ୍‌ଙ୍କ ଡ଼ଙ୍ଗା କାଦୁଅରେ ଫସିଯିବ । ଅତଃ ସେ ତା ପୁତ୍ର ପଛେ ପଛେ ଅନୁସରଣ କରି ଚାଲିଲା ଏବଂ ହିରାଃ ବାହାରେ ନିଜର ସେନାକୁ ମୃତୟନ କଲା । ଯେବେ ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅ ଅମଗିଶିୟାରୁ ବାହାରିଲେ,ଏବଂ ସାମାନ ଓ ମାଲେ ଗନିମତ୍ ସହିତ ସୈନ୍ୟବାହିନୀକୁ ଡ଼ଙ୍ଗାରେ ଆରୋହଣ କରାଇଦେଲେ, ଦେଖିଲେ ଯେ ପାଣି କମ୍ ଥିବାରୁ ଡ଼ଙ୍ଗାଗୁଡ଼ିକ ଭୂଇଁ ଉପରେ ଲାଗିରହିଛନ୍ତି,ସେଇଥି ପାଇଁ ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅଙ୍କୁ ବହୁତ ଆଶ୍ଚର୍ଯ୍ୟ ଲାଗିଲା । ନାବିକମାନେ କହିଲେ ଯେ ପାରସ୍ୟମାନେ ଫୁରାତ୍ ନଦୀର ପାଣିକୁ ଏହି ପାର୍ଶ୍ୱକୁ ଆସିବା ବନ୍ଦ କରି କେନାଲକୁ ଖୋଲିଦେଇଛନ୍ତି । ସବୁତକ ପାଣି ଅନ୍ୟ ଚ୍ୟାନେଲ୍‌କୁ ବହିଯାଉଛି । ଯେପର୍ଯ୍ୟନ୍ତ କେନାଲ ବନ୍ଦ ନହୋଇଛି ସେପର୍ଯ୍ୟନ୍ତ ଆମ ନିକଟକୁ ପାଣି ଆସି ପାରିବ ନାହିଁ । ଏହା ଶୁଣି ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅ ତୁରନ୍ତ ଅଶ୍ୱାରୋହୀମାନଙ୍କର ଗୋଟିଏ ଦଳ ସାଥିରେ ଧରି ସେହି ହାକିମର ପୁଅ ନିକଟକୁ ଚାଲିଲେ । ରାସ୍ତାରେ ଅତିକ ନଦୀ କୂଳରେ ସେନାର ଗୋଟିଏ ଦଳ ସହିତ ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅଙ୍କର ମୁହାଁମୁହିଁ ହୋଇଗଲା । ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅ ତାଙ୍କ ଉପରେ ଅଚାନକ ଆକ୍ରମଣ କରିଦେଲେ ,ଯେବେକି ସେମାନେ ଏ ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞ ଥିଲେ । ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅ ସେମାନଙ୍କୁ ଶେଷ କରିଦେଲେ । ପୁଣି ଆଗକୁ ବଢିଲେ ଏବଂ ଦେଖିଲେ ଯେ ହିରାଃ ହାକିମଙ୍କୁ ପୁଅ ନଦୀର ପାଣି ବଦଳାବା କାମକୁ ନିରିକ୍ଷଣ କରୁଥିଲା । ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅ ତା ଉପରେ ଅଚାନକ ଆକ୍ରମଣ କରି ତାକୁ ଏବଂ ତା ସେନାକୁ ଶେଷ କରିଦେଲେ । ପୁଣି ବନ୍ଧକୁ ଭାଙ୍ଗି ନଦୀରେ ପୁନର୍ବାର ଜଳ ପ୍ରବାହିତ କରାଇଦେଲେ । ପୁଣି ସେଠାରେ ଛିଡ଼ା ହୋଇ ନିଜେ ସେହି କାର୍ଯ୍ୟକୁ ନିରିକ୍ଷଣ କରିଲେ । ଏପରିକି ନଦୀରେ ଡ଼ଙ୍ଗାଗୁଡ଼ିକ ପୁନର୍ବାର ଯାତ୍ରା ଆରମ୍ଭ କରିଦେଲେ ।

ତାପରେ ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅ ନିଜର ସମସ୍ତ ମୁଖିଆମାନଙ୍କୁ ଏକତ୍ର କରିଲେ ଏବଂ ଖୁରନକ୍ ନାମକ ସ୍ଥାନରେ ପହଂଚିଲେ । ଖୁରନକ୍ ହେଉଛି ହିରାଃ ନିକଟସ୍ଥ ଗୋଟିଏ କିଲ୍ଲାର ନାମ । କିନ୍ତୁ ଯେବେ ହାକିମକୁ ଏକଥା ଜଣା ପଡ଼ିଲା ଯେ ଅରଦଶେର୍ ମରିଯାଇଛି,ଏବଂ ତା ପୁଅ ବି ଯୁଦ୍ଧରେ ନିହତ ହୋଇସାରିଛି, ସେ ବିନା ଯୁଦ୍ଧରେ ଫୁରାତ ନଦିକୁ ପାର କରି ପଳଇଗଲା । କିନ୍ତୁ ହାକିମର ସେଠାରୁ ପଳାୟନ କରିବା ସତ୍ୱେ ବି ହିରାଃ ବାସୀ ସାହାସ ହରାଇ ନଥିଲେ । ସେମାନେ କିଲ୍ଲା ଭିତରେ କିଲ୍ଲାକୁ ବନ୍ଦ କରି ରହିଲେ । ସେଠାରେ ଚାରୋଟି କିଲ୍ଲା ଥିଲା । ସେମାନେ ସେହି ଚାରୋଟି କିଲ୍ଲାରେ ନିଜକୁ ସୁରକ୍ଷିତ ରଖି ଯୁଦ୍ଧ ପାଇଁ ପ୍ରସ୍ତୁତି ଚଳାଇଲେ

ଏହା ଉଲ୍ଲେଖ ରହିଛି ଯେ ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅ ସେହି କିଲ୍ଲା ଗୁଡ଼ିକୁ ନିମ୍ନ ଲିଖିତ ଉପାୟରେ ଘେରାଉଟ୍ କରି ରଖିଥିଲେ । ଜରାର ବିନ୍ ଆଜୁର୍ ଧଳା ଦୁର୍ଗକୁ ଘେରି ରହିବାରେ ନିୟୋଜିତ ଥିଲେ । ସେଥିରେ ଅୟାସ୍ ବିନ୍ କୁବୈସାଃ ତାଇ ଶରଣ ନେଇଥିଲା । ଜରାର୍ ବିନ୍ ଖତାବ୍ ଅଦସୀୟିନ୍ ଦୁର୍ଗକୁ ଘେରି ରହିଥିଲେ । ସେଥିରେ ଅଦି ବିନ୍ ଅଦି ଶରଣ ନେଇଥିଲା । ଜରାର୍ ବିନ୍ ମୁକରରିନ୍ ବନି ମାଜିନ୍ କିଲ୍ଲାକୁ ଘେରି ରହିବା ପାଇଁ ନିୟୋଜିତ ହୋଇଥିଲେ । ସେଥିରେ ଇବନେ ଅକ୍କାଲ୍ ଶରଣ ନେଇଥିଲା । ମୁସନ୍ନା ବିନ୍ ହାରିସାଃ ଇବନେ ବୁକୈଲା କିଲ୍ଲାକୁ ଘେରି ରହିଥିଲେ । ସେଥିରେ ଅମରୋ ବିନ୍ ଅବଦଲ୍ ମସିହ୍ ଶରଣ ନେଇଥିଲା

ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅ ନିଜ ଅମୀରମାନଙ୍କ ନାମରେ ଏ ଆଦେଶ ପ୍ରେରଣ କଲେ ଯେ ସେମାନେ ପ୍ରଥମେ ସେହି ଲୋକମାନଙ୍କୁ ଇସଲାମର ପ୍ରତି ଆମନ୍ତ୍ରଣ କରିବେ । ଯଦି ସେମାନେ ଇସଲାମ ଗ୍ରହଣ କରି ନିଅନ୍ତି,ତାହେଲେ ସେମାନଙ୍କ ଇସଲାମକୁ ଗ୍ରହଣ କରିନିଆଯାଉ । କିନ୍ତୁ ଯଦି ସେମାନେ ଅସ୍ୱୀକାର କରନ୍ତି ତାହେଲେ , ସେମାନଙ୍କୁ ଗୋଟିଏ ଦିନର ମହଲତ ଦିଅନ୍ତୁ । ପୁଣି ସେମାନଙ୍କୁ ଆଦେଶ ଦେଲେ ଯେ ଶତ୍ରୁକୁ ଅବକାସ ନଦିଅନ୍ତୁ ବରଂ ସେମାନଙ୍କ ସହିତ ଯୁଦ୍ଧ କରନ୍ତୁ ଏବଂ ମୁସଲମାନମାନଙ୍କୁ ଶତ୍ରୁମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିବାରୁ ରୋକନ୍ତୁ ନାହିଁ ।

ଶତ୍ରୁପକ୍ଷ ଯୁଦ୍ଧ କରିବା ପାଇଁ ଆଗଭର ହୋଇ ମୁସଲମାନମାନଙ୍କ ଉପରେ ପଥର ଫିଙ୍ଗିବା ଆରମ୍ଭ କରିଦେଲେ, ଫଳତଃ ମୁସଲମାନମାନେ ସେମାନଙ୍କ ଉପରକୁ ତୀର ନିକ୍ଷେପ କରିବାକୁ ଲାଗିଲେ ଏବଂ ଜୋରଦାର୍ ଆକ୍ରମଣ କରିଲେ । ସୁତରାଂ ସେହି ପ୍ରାସାଦ ଏବଂ ଦୁର୍ଗକୁ ଜୟ କରିନେଲେ । ସେଠାରେ ଯେଉଁ ପାଦ୍ରୀମାନେ ଉପସ୍ଥିତ ଥିଲେ,ସେମାନେ ଡ଼ାକ ଛାଡ଼ିଲେ ଯେ ହେ ପ୍ରାସାଦରେ ରହୁଥିବା ଲୋକମାନେ ! ଆମକୁ ତୁମମାନଙ୍କ ବ୍ୟତୀତ ଆଉ କେହି ହତ୍ୟା ନକରିବା ଉଚିତ । ସେହି ପାଦ୍ରୀମାନେ ସେମାନଙ୍କୁବ ଏହି ଭଳି କହି ଉତ୍ସାହିତ କରିବା ଆରମ୍ଭ କଲେ । ପ୍ରାସାଦରେ ରହିଥିବା ଲୋକେ ଡ଼ାକ ଛାଡ଼ି କହିଲେ ଯେ ନାହିଁ । ହେ ଆରବୀୟମାନେ ! ଆମେ ତୁମର ତିନୋଟି ସର୍ତ୍ତ ମଧ୍ୟରୁ ଗୋଟିଏକୁ ଗ୍ରହଣ କରିସାରିଛୁ । ତେଣୁ ତୁମେମାନେ ରହିଯାଅ । ଯେବେ ସେମାନେ ଦେଖିଲେ ଯେ ଆରବୀୟ ମୁସଲମାନମାନେ ବିଜୟ ହେବାକୁ ଯାଉଛନ୍ତି,ସେମାନେ ସର୍ତ୍ତ ଆଧାରରେ କିଲ୍ଲା ଖୋଲିବାକୁ ନିଜର କଥାକୁ ପ୍ରକାଶ କଲେ । ସେହି ପ୍ରାସାଦଗୁଡ଼ିକରୁ ସର୍ଦ୍ଦାରମାନେ ବାହାରକୁ ବାହାରିଲେ । ପୁଣି ହଜରତ୍ ଖାଲିଦ୍ ର ଅ ସେହି ପ୍ରାସାଦଗୁଡ଼ିକର ସର୍ଦ୍ଦାରମାନଙ୍କ ସହିତ ଅଲଗା ଅଲଗା ସାକ୍ଷାତ କଲେ । ସେମାନଙ୍କର ଏପରି କାର୍ଯ୍ୟକଳାପର ନିନ୍ଦା କଲେ । **(ସୟଦନା ଅବୁ ବକର୍ ସିଦ୍ଦିକ୍ ର ଅ ଶଖସିୟତ୍ ଔର୍ କାରନାମେ ଅଜ୍ ଡ଼ାଃ ଅଲୀ ମୁହମ୍ମଦ୍ ସଲାବୀ ମୁତରଜିମ୍ ଉର୍ଦ୍ଦୁ ପୃ-୪୧୦, ଅଲଫୁରକାନ୍ ଷ୍ଟ୍ରିଟ୍ ମୁଜଫର୍‌ଗଢ଼)(ହଜରତ୍ ସୟଦନା ଅବୁ ବକର୍ ସିଦ୍ଦିକ୍ ର ଅ ଅଜ୍ ମୁହମ୍ମଦ୍ ହୁସୈନ୍**

**ହୈକଲ,ମୁତରଜିମ୍ ପୃ-୩୧୫ ଇସଲାମୀ କୁତୁବଖାନାଃ ଲାହୋର୍)(ତାରିଖେ ତିବରୀ ଖ-୦୨ ପୃ-୩୧୫ ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ )(ମୁଅଜମୁଲ୍ ବୁଲଦାନ୍ ,ଖ-୦୨,ପୃ-୪୫୯)**

ହଜରତ୍ ଖାଲିଦ୍ ର ଅ ସେମାନଙ୍କୁ ତାଗିଦ୍ କରି କହିଲେ ଯେ ତୁମମାନଙ୍କ ଉପରେ ଦୁଃଖ ଲାଗୁଛି ଯେ ହାୟ ! ତୁମେମାନେ ନିଜକୁ କ'ଣ ବୋଲି ଭାବି ଆମ ସହିତ ଯୁଦ୍ଧ କରୁଛ ? ତୁମେମାନେ ଯଦି ଆରବୀୟ ତାହେଲେ ତୁମେ କେଉଁ କାରଣ ପାଇଁ ନିଜ ଦେଶବାସୀଙ୍କ ବିରୁଦ୍ଧରେ ଯୁଦ୍ଧ କରିବାକୁ ଆଗଭର ହେଲ ? ଏବଂ ଯଦି ତୁମେମାନେ ହେଉଛ ଅଣ ଆରବୀୟ ତାହଲେ ତୁମେ କଣ ଏହା ଭାବୁଛ ଯେ ଏପରି ତୁମେମାନେ ଏପରି ଗୋଟିଏ ଜାତି ଉପରେ ବିଜୟ ପ୍ରାପ୍ର କରିନେବ,ଯେଉଁ ଜାତି ନ୍ୟାୟ କରିବାରେ ଏକ ଉଦାହରଣ ସୃଷ୍ଟି କରିଛି ଏବଂ ଯାହାର ଉଦାହରଣ ଆଉ କେହି ଦେଇପାରବି ନାହିଁ ! ଏକଥା ଶୁଣି ସର୍ଦ୍ଦାରମାନେ ଜିଜିୟା ଦେବାକୁ ସ୍ୱୀକାର କରିନେଲେ । ହଜରତ୍ ଖାଲିଦ୍ ର ଅଙ୍କୁ ଏହା ଆଶା ଥିଲା ଯେ ଏହି ଇରାକୀୟ ଆରବୀୟମାନେ ନିଶ୍ଚିତ ଭାବରେ ଇସଲାମ୍ ଗ୍ରହଣ କରିନେବେ । କିନ୍ତୁ ତାଙ୍କୁ ଅତ୍ୟନ୍ତ ଆଶ୍ଚର୍ଯ୍ୟ ଲାଗିଲା ଯେତେବେଳେ ସେମାନେ ଇସାଇ ହୋଇ ରହିବାକୁ ଜିଦି ଧରିଲେ । ସେ ଯାହା ବି ହେଉ ହଜରତ୍ ଖାଲିଦ୍ ର ଅ ହିରାଃ ବାସୀ ଏବଂ ମୁସଲମାନମାନଙ୍କ ମଧ୍ୟରେ ହୋଇଥିବା ଶାନ୍ତି ଚୁକ୍ତିକୁ ଏପରି ଲେଖିଥିଲେ

ବିସମିଲ୍ଲାଃ ହିର୍ ରହମାନିର୍ ରହିମ୍ । ଏହି ଚୁକ୍ତି ଖାଲିଦ୍ ବିନ୍ ୱଲିଦ୍ ଅଦି ବିନ୍ ଅଦି ,ଅମରୋ ବିନ୍ ଅଦି,ଅମରୋ ବିନ୍ ଅବ୍ଦୁଲ୍ ମସିହ୍,ଅୟାସ୍ ବିନ୍ କବିସାଃ ଏବଂ ହିରାଃ ବିନ୍ ଅକ୍କାଲ୍ ସହିତ କରୁଅଛି । ଏମାନେ ସମସ୍ତେ ହିରାଃବାସୀମାନଙ୍କ ସର୍ଦ୍ଦାର ଅଟନ୍ତି । ଏବଂ ହିରାଃବାସୀ ଏହି ଚୁକ୍ତି ଉପରେ ରାଜି ଅଛନ୍ତି ଏବଂ ସେ ସେମାନଙ୍କୁ ଆଦେଶ ଦେଇଛନ୍ତି ଯେ ସେମାନଙ୍କଠାରୁ ଏକ ଲକ୍ଷ ନବେ ହଜାର୍ ଦିରହମ୍ ଚୁକ୍ତି କରିଛନ୍ତି । ଏହାକୁ ପ୍ରତି ବର୍ଷ ସେମାନଙ୍କଠାରୁ ସେମାନଙ୍କୁ ସୁରକ୍ଷାଦେବା ପ୍ରତି ବଦଳରେ ଅସୁଲ କରାଯିବ ।

ଅର୍ଥାତ ସ୍ଥାନୀୟ ଲୋକମାନଙ୍କ ସୁରକ୍ଷା ନିମନ୍ତେ ଏହି ଜିଜିଆ ଲଗାଗଲା ଯେ ସେମାନଙ୍କ ଅଧିନରେ ଥିବା ସାଂସାରିକ ସମ୍ପତି ,ସେମାନେ ରାହିବ୍ (ଧର୍ମ ଭିକ୍ଷୁ) ହୁଅନ୍ତୁ ବା ପାଦ୍ରୀ ହୁଅନ୍ତୁ ,ସେମାନେ ଦେବେ । କିନ୍ତୁ ଯେଉଁ ଲୋକମାନଙ୍କ ନିକଟରେ ଦେବାକୁ କିଛି ନାହିଁ ,ସେମାନେ ଏ ଦୁନିଆରୁ ଅଲଗା ହୋଇ ରହିଛନ୍ତି,ଏହାକୁ ପରିତ୍ୟାଗ କରିସାରିଛନ୍ତି ଏହି ଚୁକ୍ତି ମଧ୍ୟ ସେମାନଙ୍କର ସୁରକ୍ଷା ପାଇଁ ଉଦ୍ଦିଷ୍ଟ । ଯଦି ସେମାନେ ସେମାନଙ୍କ ସୁରକ୍ଷା କରିପାରିବେ ନାହିଁ ,ତାହେଲେ ସେମାନଙ୍କ ଉପରେ ସେପର୍ଯ୍ୟନ୍ତ କୌଣସି ପ୍ରକାରର ଜିଜିଆ କର ଲାଗୁ କରାଯିବ ନାହିଁ ଯେପର୍ଯ୍ୟନ୍ତ ପ୍ରଶାସନ ସେମାନଙ୍କ ସୁରକ୍ଷା ବ୍ୟବସ୍ଥା ନକରିଛି । ଯଦି ସେହି ଲୋକମାନେ ସେମାନଙ୍କର କୌଣସି କାର୍ଯ୍ୟ ତଥା କୌଣସି ଆଚରଣ ଦ୍ୱାରା ଦେଶଦ୍ରୋହୀ ସାବସ୍ତ୍ୟ ହୁଅନ୍ତି ତାହେଲେ ଏହି ଚୁକ୍ତି ବାତିଲ୍ ହୋଇଯିବ । ଏହି ଚୁକ୍ତି ରବିଉଲ୍ ଅୱ୍ୱଲ୍ ମାସ ୧୨ ହିଜରୀରେ ଲେଖାଯାଇଥିଲା । ଏହି ଲେଖାକୁ ହିରାଃବାସୀଙ୍କୁ ହସ୍ତାନ୍ତର କରିଦିଆଗଲା । ଯେବେ ହଜରତ୍ ଅବୁ ବକର୍ ର ଅ ଙ୍କ ଦେହାନ୍ତ ପରେ ସୱ୍ୱାଦ୍‌ବାସୀ ମୁରତଦ୍ ହୋଇଗଲେ,ସେହି ଲୋକାମାନେ ସେହି ଚିକ୍ତିନାମାକୁ ଅସମ୍ମାନ କଲେ ଏବଂ ଏହି ଚିକ୍ତିନାମା ଅନୁସାରେ ପରିଚାଳିତ ହେଲେ ନାହିଁ ଏବଂ ଅନ୍ୟମାନଙ୍କ ସାଥିରେ ସେମାନେ ବି ଅବିଶ୍ୱାସ କଲେ । ସୁତରାଂ ଲୋକମାନଙ୍କ ଉପରେ ପାରସ୍ୟବାସୀଙ୍କ ପ୍ରାଧାନ୍ୟ ବଢିଗଲା । ଯେବେ ହଜରତ୍ ମୁସନ୍ନା ର ଅ ହଜରତ୍ ଉମର୍ ର ଅଙ୍କ ଖିଲାଫତ୍ ସମୟରେ ହିରାଃକୁ ପୁନର୍ବାର ଜୟ କଲେ,ସେମାନେ ସେହି ଚୁକ୍ତନାମାକୁ ଉପସ୍ଥାପନ କଲେ । କିନ୍ତୁ ହଜରତ୍ ମୁସନ୍ନା ର ଅ ତାହା ଗ୍ରହଣ କଲେନାହିଁ ଏବଂ ସେମାନଙ୍କ ଉପରେ ଅନ୍ୟ ସର୍ତ ରଖିଲେ । ପୁଣି ଯେବେ ହଜରତ୍ ମୁସନ୍ନା ର ଅ ଯେବେ କିଛି ଇଲାକାକୁ ଜୟ କରିନେଲେ,ସେତେବେଳେ ଯୁଦ୍ଧ ଯୋଗୁଁ କିଛିଟା ପଛକୁ ଫେରିବାକୁ ପଡ଼ିଥିଲା, ସେମାନେ ପୁନର୍ବାର ସେହି ଲୋକମାନଙ୍କ ସହିତ ମିଶି ଅବିଶ୍ୱାସ କଲେ । ବିଦ୍ରୋହୀମାନଙ୍କୁ ସାହାଯ୍ୟ କରି ସେହି ଚିକ୍ତିର ଅସମ୍ମାନ କଲେ ଓ ତା ଉପରେ ପରିଚାଳିତ ହେଲେ ନାହିଁ । ପୁଣି ଯେବେ ହଜରତ୍ ସାଆଦ୍ ର ଅ ହିରାଃକୁ ଜୟ କଲେ,ସେହି ଲୋକମାନେ ପୂର୍ବତନ ଚୁକ୍ତିନାମା ଉପରେ ସମାଧାନ କରିବା ପାଇଁ ଚାହିଁଲେ । ଏଥିରେ ହଜରତ୍ ସାଆଦ୍ ର ଅ କହିଲେ ଯେ ଏହି ଦୁଇଟି ଚୁକ୍ତି ମଧ୍ୟରୁ କୌଣସି ଗୋଟିଏ ଚୁକ୍ତି ଉପସ୍ଥାପନ କର । ସେମାନେ ତାହା ଉପସ୍ଥାପନ କରିବାକୁ ଅସର୍ମଥ ହେଲେ । ଏଥିରେ ହଜରତ୍ ସାଆଦ୍ ର ଅ ସେମାନଙ୍କ ଉପରେ ଖିରାଜ ଲାଗୁ କଲେ ଏବଂ ସେମାନଙ୍କ ଆର୍ଥିକ ସ୍ଥିତିକୁ ଅନୁଧ୍ୟାନ କରିବା ପରେ ମୋତି ବ୍ୟତୀତ ଚାରି ଲକ୍ଷ ଖିରାଜ ଲାଗୁ କଲେ ।

ଯେତେବେଳେ ହିରାଃକୁ ଜୟ କରାଗଲା, ହଜରତ୍ ଖାଲିଦ୍ ର ଅ ଫତହ ନମାଜ (ବିଜୟ ପ୍ରାପ୍ତ କରିବା ଯୋଗୁଁ କୃତଜ୍ଞତା ଜ୍ଞାପନ କରିବା ନିମନ୍ତେ ନମାଜ) ପାଠ କଲେ । ସେହି ନମାଜରେ ଆଠ ରେକାତ ଗୋଟିଏ ସଲାମରେ ପାଠ କରିଥିଲେ । ଅର୍ଥାତ ଏକାଠି ଆଠ ରେକାତ ନମାଜ ପଢ଼ିଥିଲେ । ସେହି କାମ ଶେଷ କରି ଆସିଲେ ଓ କହିଲେ ଯେ ଯେବେ ମୌତା ଯୁଦ୍ଧରେ ମୁଁ ଲଢିଥିଲି,ସେତେବେଳେ ମୋ ହାତରେ ନଅଟି ତରବାରୀ ଭାଙ୍ଗିଯାଇଥିଲା । ମୁଁ କେବେ ବି ଏମିତି କୌଣସି କୌମ ସହିତ ଯୁଦ୍ଧ କରିନାହିଁ ଯେମିତି ମୁଛ ଏହି ପାରସ୍ୟ କୌମ ସହିତ ଯୁଦ୍ଧ କରିଛି ଏବଂ ମୁଁ ପାରସ୍ୟବାସୀଙ୍କ ମଧ୍ୟରୁ ଏମିତି କୌଣସି ଜାତି ସହିତ ଏମିତି ଯୁଦ୍ଧ କରିନାହିଁ ଯେମିତି ମୁଁ ଉଲୈସ୍ ସହିତ କରିଅଛି । **(ତାରିଖେ ତିବରୀ ଖ-୦୨ ପୃ-୩୧୬-୩୧୯ ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୧୨)**

ପଣି ଉଲ୍ଲେଖ ରହିଛି ଯେ ସେହି ଲୋକମାନେ ହଜରତ୍ ଖାଲିଦ୍ ର ଅଙ୍କ ସେବାରେ ଉପହାର ବି ପଠାଇଥିଲେ । କିନ୍ତୁ ହଜରତ୍ ଖାଲିଦ୍ ର ଅ ସୁସମାଚାର ସହିତ ସେହି ଉପହାରକୁ ହଜରତ୍ ଅବୁ ବକର୍ ର ଅଙ୍କ ନିକଟକୁ ପ୍ରେରଣ କରିଦେଲେ । ହଜରତ୍ ଅବୁ ବକର୍ ର ଅ ମଧ୍ୟ ନ୍ୟାୟ ତଥା ଉଦାରତାର ଉଚ୍ଚ ଦୃଷ୍ଟାନ୍ତ ଉପସ୍ଥାପନ କରି ସେହି ସମସ୍ତ ଉପହାରଗୁଡ଼ିକୁ ଜିଜିଆରେ ଗଣନା କରି ଗ୍ରହଣ କରିନେଲେ ଏବଂ ହଜରତ୍ ଖାଲିଦ୍ ର ଅଙ୍କୁ ଲେଖିଲେ ଯେ ଯଦି ଏହାସବୁ ଜିଜିଆରେ ସାମିଲ ଅଛି ତାହେଲେ ଠିକ୍ ଅନ୍ୟଥା ତୁମେ ଏସବୁକୁ ଜିଜିଆରେ ସାମିଲ୍ କରି ଅବଶିଷ୍ଟ ଅର୍ଥକୁ ଅସୁଲ କର । ଅର୍ଥାତ ସେହି ଜିନିଷଗୁଡ଼ିକୁ ଉପହାର ସଦୃଶ ଗ୍ରହଣ କଲେ ନାହିଁ । ବରଂ ଜିଜିଆ ଭାବରେ ଗ୍ରହଣ କଲେ । ମୁସଲମାନମାନେ ହିରାଃର ସ୍ଥାନୀୟ ବାସିନ୍ଦାମାନଙ୍କ ସହିତ ବହୁତ ଉଦାରଚିତରେ ବ୍ୟବହାର କରିଥିଲେ । ଏହି ବ୍ୟବହାରକୁ ଦେଖି ଆଖପାଖର ଜମିଦାରମାନେ, ସମ୍ଭ୍ରାନ୍ତମାନେ ମଧ୍ୟ ଜିଜିଆ ଦେବାପାଇଁ ରାଜି ହୋଇଗଲେ ଏବଂ ମୁସଲମାନମାନଙ୍କ ଅଧିନତାରେ ରହିବାକୁ ପସନ୍ଦ କଲେ । **(ହଜରତ୍ ସୟଦନା ଅବୁ ବକର୍ ସିଦ୍ଦିକ୍ ର ଅ ଅଜ୍ ମୁହମ୍ମଦ୍ ହୁସୈନ୍ ହୈକଲ,ମୁତରଜିମ୍ ପୃ-୩୧୮-୩୧୯ ଇସଲାମୀ କୁତୁବଖାନାଃ ଲାହୋର୍)**

ହିରାଃ ଉପରେ ବିଜୟ ପ୍ରାପ୍ତ କରିବା ଏକ ମହାନ ସାମରିକ ବିଜୟ ଭାବରେ ପ୍ରମାଣିତ ହେଲା ।

ଏତତଦ୍ଧାରା ମୁସଲମାନମାନଙ୍କ ଆଖିରେ ପାରସ୍ୟ ବିଜୟ କରିବାର ଆଶା ସଂଚାର ହେଲା । କାରଣ ଇରାକ ଏବଂ ପାରସ୍ୟ ସାମ୍ରାଜ୍ୟ ପାଇଁ ଏହି ସହରଟି ଭୌଗଳିକ ଦୃଷ୍ଟି କୋଣରୁ ତଥା ସାହିତ୍ୟିକ ଦୃଷ୍ଟି କୋଣରୁ ବଡ଼ ଗୁରୁତ୍ୱପୂର୍ଣ୍ଣ ଥିଲା । ତାକୁ ଇସଲାମୀୟ ସେନାର ମହାନ ସେନାପତି ନିଜର ମର୍କଜ (କେନ୍ଦ୍ରସ୍ଥଳୀ) ଏବଂ ମୁଖ୍ୟାଳୟ ଭାବରେ ଘୋଷଣା କରିଲେ,ଯେଉଁଠାରୁ ଇସଲାମୀୟ ସେନାକୁ ଏକତ୍ର କରିବା ,ପ୍ରତିରକ୍ଷା ପାଇଁ ପ୍ରସ୍ତୁତି କରିବା ଏବଂ ଶାନ୍ତି ଶୃଙ୍ଖଳା ତଥା ସାହାଯ୍ୟ ସହଯୋଗ କରିବା ପାଇଁ ଆଦେଶ ଦିଆଯାଉଥିଲା । କଏଦିମାନଙ୍କ ପ୍ରସଙ୍ଗରେ ଶାନ୍ତି ଶୃଙ୍ଖଳା ସ୍ଥାପନ କରିବା ପାଇଁ ଯୋଜନା ପ୍ରସ୍ତୁତି ଏବଂ ରାଜନୀତିର କେନ୍ଦ୍ର ବନାଇଲେ । ସେଠାରୁ ହଜରତ୍ ଖାଲିଦ୍ ର ଅ ଖିରାଜ ଏବଂ ଜିଜିଆକୁ ଅସୁଲ୍ କରିବା ପାଇଁ ବିଭିନ୍ନ ରାଜ୍ୟ ଉପରେ ଆମିଲ୍ (କର୍ମକର୍ତା ଅଧିକାରୀ) ନୁଯୁକ୍ତ କରିଥିଲେ । ସେହିପରି ସେ ଶତୃମାନଙ୍କଠାରୁ ସୁରକ୍ଷା ପାଇବା ନିମନ୍ତେ ସୀମା ଉପରେ ଅମୀରମାନଙ୍କୁ ନିଯୁକ୍ତ କରିଥିଲେ । ନିଜେ ସେଠାରେ ରହି ଶାନ୍ତି ବ୍ୟବସ୍ଥାର ସ୍ଥିରତା ନିମନ୍ତେ କାର୍ଯ୍ୟରେ ଲାଗିଗଲେ । ତାଙ୍କର ଖବର ଜମିଦାର ଏବଂ ମୁଖିଆମାନଙ୍କ ନିକଟରେ ପହଂଚିଲା । ସେମାନେ ଆପଣ ର ଅଙ୍କ ସହିତ ପୁନଃ ସମନ୍ୱୟ ସ୍ଥାପନ କରିବା ପାଇଁ ଆଗେଇ ଆସିଲେ । ଯେତେବେଳେ ସେମାନେ ଦେଖିଲେ ଯେ ଏହି ଲୋକମାନେ ବିଜୟ ପାଇଚାଲିଛନ୍ତି, ସେମାନେ ସମନ୍ୱୟ ସ୍ଥାପନ କରିନେଲେ । ସୱ୍ୱାଦ୍ , ଇରାକ ଏବଂ ତାହାର ଆଖପାଖରେ କେହି ଏମିତି ବାକି ନଥିଲେ ,ଯେଉଁମାନେ ମୁସଲମାନମାନଙ୍କ ସହିତ ମସାଲିହତ୍ (ସମନ୍ୱୟ) ଏବଂ ଚୁକ୍ତି କରିନଥିଲେ ।**(ସୟଦନା ଅବୁ ବକର୍ ସିଦ୍ଦିକ୍ ର ଅ ଶଖସିୟତ୍ ଔର୍ କାରନାମେ ଅଜ୍ ଡ଼ାଃ ଅଲୀ ମୁହମ୍ମଦ୍ ସଲାବୀ ମୁତରଜିମ୍ ଉର୍ଦ୍ଦୁ ପୃ-୪୧୨, ଅଲଫୁରକାନ୍ ଷ୍ଟ୍ରିଟ୍ ମୁଜଫର୍‌ଗଢ଼)**

ହଜରତ୍ ଖାଲିଦ୍ ର ଅ ଏକ ବର୍ଷ ପର୍ଯ୍ୟନ୍ତ ହିରାଃଠାରେ ରହିଲେ । ପୁଣି ସିରିଆ ଆଡ଼କୁ ଯିବା ପୂର୍ବରୁ ତାହାର ଉପର ତଥା ତଳିଆ ଅଂଚଳକୁ ଗସ୍ତ କରୁଥିଲେ ଏବଂ ପାରସ୍ୟବାସୀ ରାଜା ବନାଇଚାଲୁଥିଲେ ଓ ସେହି ରାଜାମାନଙ୍କୁ ବହିଷ୍କାର କରିଚାଲିଥିଲେ । **(ତାରିଖେ ତିବରୀ ଖ-୦୨ ପୃ-୩୨୧ ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୧୨)**

ଅର୍ଥାତ ପାରସ୍ୟର ଲୋକମାନେ କଣ କଲେ ? ସେଠାରେ କେବଳ ରାଜା ହେବାରେ ଲାଗିଲେ ଏବଂ ବହିଷ୍କାର ହୋଇଚାଲିଲେ । ଯେତେବେଳେ ଇରାକର ପରିବେଶ ଅନୁକୂଳ ହେବାକୁ ଲାଗିଲା ଏବଂ ହିରାଃ ତଥା ଦଜଲାଃ ମଧ୍ୟରେ ଆରବ ଅଂଚଳରୁ ପାରସ୍ୟ ଶାସନ ସମାପ୍ତ ହୋଇଯିବା ଯୋଗୁଁ ଆଉ ପଛପଟୁ ବିପଦ ଆସିବାର ଆଶଂକା ରହିଲା ନାହିଁ,ହଜରତ୍ ଖାଲିଦ୍ ର ଅ ସିଧାସଳଖ ଇରାନ ଉପରେ ଆକ୍ରମଣ କରିବାକୁ ନିଷ୍ପତି ନେଲେ । ଏହି ସମୟରେ ଅରଦଶେର୍ କିସରାର ମୃତ୍ୟୁ ହୋଇଯିବା ଯୋଗୁଁ ଇରାନୀ ସରକାର ବିଭ୍ରାଟର ଶିକାର ହୋଇଗଲା । ସେମାନଙ୍କ ମଧ୍ୟରେ ତା ଉତରାଧିକାରୀ ଚୟନ କରିବାରେ ମତଭେଦ ଦେଖାଦେଲା । ଏହି ସୁଯୋଗର ଲାଭ ଉଠାଇ ହଜରତ୍ ଖାଲିଦ୍ ର ଅ ସେମାନଙ୍କ ରାଜା,ରାଜକୁମାର ତଥା ଖାସ ଖାସ ଅମୀରମାନଙ୍କୁ ଚିଠି ଲେଖିଲେ । ସେହି ରାଜାମାନଙ୍କୁ ଚିଠି ଲେଖି ସେ କହିଥିଲେ ଯେ :ଏହି ଚିଠି ଖାଲିଦ୍ ବିନ୍ ୱଲିଦଙ୍କ ତରଫରୁ ପାରସ୍ୟର ରାଜାମାନଙ୍କ ନିକଟକୁ ଲେଖାଯାଉଅଛି । କ୍ରମଶଃ......

⌘⌘⌘⌘⌘⌘⌘⌘⌘⌘

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।''

*(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

ତାଲିବେ ଦୁଆ: *Abdul Chand & Family,*
*Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

ତାଲିବେ ଦୁଆ: *Muhmmad Naimul Haque & Family,*
*Jamat Ahmadiyya, Pankal (Odisha)*

**ଓଡ଼ିଆ ବଦର ସଂଖ୍ୟା ୩୯-୪୦ ପୃ-୦୯ରେ ପ୍ରକାଶିତ ଖୁତବା ଜୁମା ୧୫ ଜୁଲାଇ ୨୦୨୨ରଅବଶିଷ୍ଟାଂଶ.....**

ଅଧିକାଂଶ ଲେଖକ, ବିଶେଷକରି ଏ ଯୁଗର ଜୀବନୀ ଲେଖକମାନେ ସାଧାରଣତଃ ହଜରତ୍ ଅବୁ ବକର୍ ର ଅଙ୍କ ସେହି ଯୁଦ୍ଧ ଅଭିଯାନ ବିଷୟରେ ଉଲ୍ଲେଖ କରି ଚର୍ଚ୍ଚା କରିଛନ୍ତି ଯେ, ସତେ ଯେପରି ଯେଉଁ ଲୋକମାନେ ମିଥ୍ୟା ନବୁଓ୍ୱତର ଦାବି କରିଥିଲେ,ସେମାନଙ୍କ ବିରୁଦ୍ଧରେ ହିଁ ସେହି ସମସ୍ତ ଅଭିଯାନ କରାଯାଇଥିଲା ଏବଂ ତରବାରୀର ଆତଙ୍କ ଜରିଆରେ ସେମାନଙ୍କର ମୂଳୋତ୍ପାଟନ କରାଯାଇଥିଲା । କାରଣ ଏହା ହିଁ ସେମାନଙ୍କ ପାଇଁ ଶରିୟା ଦଣ୍ଡ ଥିଲା । କିନ୍ତୁ ଇତିହାସ ତଥା ଜୀବନଚରିତ ମୂଳକ ପୁସ୍ତକଗୁଡ଼ିକୁ ଅଧ୍ୟୟନ କରିଥିବା ଲୋକେ ଏପରି ଚିନ୍ତାଧାରାକୁ କଦାପି ସମର୍ଥନ କରିପାରିବେ ନାହିଁ । ପବିତ୍ର କୁରଆନ୍ ଏବଂ ଆଁ ହଜରତ୍ ସ ଆ ସଙ୍କ ପବିତ୍ର କଥନ ଓ କାର୍ଯ୍ୟାବଳୀ ସେହିପରି ପବିତ୍ର ହଦିସର ଆଲୋକରେ ପୂର୍ବରୁ ଏହା ବର୍ଣ୍ଣନା କରା ସରିଛି ଯେ ନା ତ ଆଁ ହଜରତ୍ ସ ଆ ସ କେବେ ବି ନବୁଓ୍ୱତର ଦାବି କରିବାରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ନା ହଜରତ୍ ଅବୁ ବକର୍ ର ଅଙ୍କ ଏହି ଯୁଦ୍ଧ ଅଭିଯାନଗୁଡ଼ିକ କେବଳ ଏଇଥିପାଇଁ କରାଯାଇଥିଲା ଯେ ନବୁଓ୍ୱତର ମିଥ୍ୟାଦାବିଦାରମାନଙ୍କର ମୂଳୋତ୍ପାଟନ କରାଯାଇଥାନ୍ତା,ବରଂ ଅସଲ କଥା ହେଉଛି ଏହା କି ସେମାନେ (ଅର୍ଥାତ ବିଦ୍ରୋହୀମାନେ) ଯୁଦ୍ଧ କରିବା ପାଇଁ ଆଗ୍ରହୀ ଥିଲେ ଓ ସେମାନଙ୍କର ବିଦ୍ରୋହୀ ମନୋଭାବ ଥିଲା ।

ଅତଃ ମିଥ୍ୟାଦାବୀଦାରୀ କରିଥିବା ଲୋକମାନଙ୍କ ସହିତ ସାହାବାମାନେ କାହିଁକି ଯୁଦ୍ଧ କରିଥିଲେ,ଏ ପ୍ରସଙ୍ଗରେ ବ୍ୟାଖ୍ୟା କରି ହଜରତ୍ ମୁସଲେହ୍ ମଉଦ୍ ର ଅ ବର୍ଣ୍ଣନା କରିଛନ୍ତି ଯେ ମୌଲାନା ମୌଦୁଦି ସାହେବ୍‌ଙ୍କ ଲେଖା ଏପରି ରହିଛି ଯେ, ସାହାବାମାନେ ଏପରି ପ୍ରତ୍ୟେକ ଲୋକମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିଥିଲେ ,ଯେଉଁମାନେ ଆଁ ହଜରତ୍ ସ ଆ ସଙ୍କ ନବୁଓ୍ୱତ ପରେ ନବୁଓ୍ୱତର ଦାବି କରିଥିଲେ । ଏହା ସାହାବାମାନଙ୍କ କଥନ ବିରୁଦ୍ଧ । ମୌଲାନା ମୌଦୁଦି ସାହେବ୍‌ଙ୍କୁ ଏକଥା ମନେରଖିବା ଉଚିତ ଯେ (ଯେତେବେଳେ ମୌଲାନା ମୌଦୁଦି ଜୀବିତ ଥିଲେ,ସେ ସମୟର କଥା)ଯେ ରସୁଲେ କରିମ୍ ସ ଆ ସଙ୍କ ପରେ ଯେଉଁ ଲୋକମାନେ ନବୁଓ୍ୱତର ଦାବି କରିଛନ୍ତି ଏବଂ ଯେଉଁମାନଙ୍କ ବିରୁଦ୍ଧରେ ସାହାବାମାନେ ଯୁଦ୍ଧ କରିଥିଲେ ,ସେମାନେ ସମସ୍ତେ ଏପରି ଲୋକେ ଥିଲେ ,ଯେଉଁମାନେ ଇସଲାମୀୟ ପ୍ରଶାସନ ବିରିଦ୍ଧରେ ବିଦ୍ରୋହ କରିଥିଲେ ତଥା ଇସଲାମୀୟ ରାଜତ୍ୱ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଥିଲେ । ହଜରତ୍ ମୁସଲେହ୍ ମଉଦ୍ ର ଅ କହୁଛନ୍ତି ଯେ ମୌଲାନା ମୌଦୁଦିଙ୍କୁ ଇସଲାମୀ ଲିଟରେଚର (ସାହିତ୍ୟ) ଅଧ୍ୟୟନ କରିବାର ବହୁତ ବଡ଼ ଦାବି କରୁଛନ୍ତି । କାଳେ ସେ ଏହି ପ୍ରସଙ୍ଗରେ ନିଜ ମତ ପ୍ରକାଶ କରିବା ପୂର୍ବରୁ ଇସଲାମିକ୍ ଇତିହାସକୁ ଟିକିଏ ପଢ଼ି ଦେଖିଥାନ୍ତେ, ତାହେଲେ ସେ ଜାଣି ପାରିଥାନ୍ତେ ଯେ ମୁସଲେମାଃ କଜ୍ଜାବ୍ ,ଅସଓ୍ୱଦ୍ ଅନସୀ ,ସଜାହ୍ ବିନତେ ହାରିସ୍ ଏବଂ ତୁଲୈହା ବିନ୍ ଖୁଓ୍ୱେଲିଦ୍ ଅସଦି ଏମାନେ ସମସ୍ତେ ଏପରି ଲୋକେ ଥିଲେ ,ଯେଉଁମାନେ ମଦିନାର ହୁକୁମତ (ପ୍ରଶାସନ)କୁ ଅମାନ୍ୟକରି ଆଗ୍ରାହ୍ୟ କରିଦେଇଥିଲେ ଏବଂ ନିଜ ନିଜ ଅଂଚଳରେ ନିଜକୁ ନିଜେ ସରକାର ଭାବରେ ଘୋଷଣା କରିଦେଇଥିଲେ ।

ହଜରତ୍ ମୁସଲେହ ମଉଦ୍ ର ଅ ଲେଖିଛନ୍ତି କି ତାରିଖ ଇବନେ ଖୁଲଦୁନ୍ ଇତିହାସକୁ ଯଦି ଭଲଭାବରେ ଅଧ୍ୟୟନ କରିଥାନ୍ତେ,ତାହେଲେ ଏ କଥା ସ୍ପଷ୍ଟ ହୋଇଯାଇଥାନ୍ତା ଯେ ମୌଲାନା ସହାବ୍‌ଙ୍କର ଦୃଷ୍ଟିକୌଣ ଭୁଲ । ଅତେବ୍ ସେଥିରେ ଉଲ୍ଲେଖ ରହିଛି ଯେ ସମସ୍ତ ଆରବୀୟ,ସେ ସାଧାରଣ ହୁଅନ୍ତୁ ବା ସ୍ୱତନ୍ତ୍ର, ସେମାନଙ୍କ ମୁରତଦ୍ (ଅର୍ଥାତ ଇସଲାମ ପରିତ୍ୟାଗ କରି ବିଦ୍ରୋହ କରିଥିବା)ଖବର ମଦିନାରେ ପହଂଚିଲା । କେବଳ କୁରେଶ୍ ଏବଂ ସକିଫ୍ ଏହି ଦୁଇଟି କବିଲା ଥିଲେ,ଯେଉଁମାନେ ମୁରତଦ୍ ହୋଇନଥିଲେ । ମୁସଲେମାଃ କଜ୍ଜାବ୍‌ର ଶକ୍ତି ବହୁତ ବଢ଼ି ଚାଲିଲା । ତୈ ଏବଂ ଅସଦ୍ କବିଲା ତୁଲୈହା ବିନ୍ ଖୁଓ୍ୱେଲିଦର ଆନୁଗତ୍ୟ ସ୍ୱୀକାର କରିନେଲେ । ସେହିପରି ଗତଫାନ କବିଲା ମଧ୍ୟ ମୁରତଦ୍ ହୋଇଗଲା । ହଓ୍ୱଜିନ୍ କବିଲା ମଧ୍ୟ ଜକାତ ଦେବା ବନ୍ଦ କରିଦେଲା । ବନି ସୁଲୈମର ଅମୀରମାନେ ଅର୍ଥାତ ମୁଖିଆମାନେ ବି ମୁରତଦ୍ ହୋଇଗଲେ । ପବିତ୍ର ରସୁଲ ସ ଆ ସଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ଅମୀରମାନେ ୟେମେନ୍ ,ୟମାମାଃ,ବନି ଅସଦ୍ ଏବଂ ଅନ୍ୟ ଇଲାକା ତଥା ଅନ୍ୟ ସହରଗୁଡ଼ିକରୁ ଲେଉଟି ଆସିଥିଲେ । ସେମାନେ ଆସି କହିଲେ ଯେ ଆରବର ସମସ୍ତ ବଡ଼ ଏବଂ ଛୋଟ ସମସ୍ତେ ଆଜ୍ଞାବହତା ସ୍ୱୀକାର କରିବାକୁ ମନା କରିଦେଲେ । ହଜରତ୍ ଅବୁ ବକର୍ ର ଅ ଉସାମାଃ ର ଅଙ୍କ ଫେରିବା ପର୍ଯ୍ୟନ୍ତ ଅପେକ୍ଷା କଲେ ଯେ ସେ ଆସିଲେ ସେମାନଙ୍କ ସହିତ ଯୁଦ୍ଧ କରାଯିବ । କିନ୍ତୁ ଅବସ ଏବଂ ଜୁବିୟାନ୍ କବିଲା ଅବିଳମ୍ବେ ମଦିନାରେ ପହଂଚି ମଦିନା ନିକଟରେ ଥିବା ଅବରକ୍ ନାମକ ସ୍ଥାନରେ ନିଜର ଛାଉଣି ପକାଇଦେଲେ । ଆଉ କିଛି ଲୋକେ ଜୁଲ୍ କିସ୍‌ସା ନାମକ ସ୍ଥାନରେ ଆସି ଛାଉଣି ପକାଇଦେଲେ । ସେମାନଙ୍କ ସହିତ ବନି ଅସଦ୍ ସହିତ ଚୁକ୍ତିବଦ୍ଧ ହୋଇଥିବା କବିଲା ମଧ୍ୟ ଥିଲେ । ବନି କନାନାଃ କବିଲାର କିଛି ଲୋକେ ସେମାନଙ୍କ ସହିତ ମିଶି ଯାଇଥିଲେ । ସେମାନେ ସମସ୍ତେ ହଜରତ୍ ଅବୁ ବକର୍ ର ଅଙ୍କ ନିକଟକୁ ନିଜର ପ୍ରତିନିଧି ପଠାଇଲେ ଏବଂ ଏବଂ କହିପଠାଇଲେ ଯେ ନମାଜ ପାଠକରିବା ପର୍ଯ୍ୟନ୍ତ ଆମେ ଆପଣଙ୍କ କଥା ମାନିବାକୁ ପ୍ରସ୍ତୁତ ଅଛୁ । ମଦିନାର ଚାରିପାଖରେ ସେମାନେ ଏକତ୍ରିତ ହେଲେ ଏବଂ ଏହା କହିଲେ ଯେ ଆମେମାନେ ନମାଜ ପଢ଼ିବା ପାଇଁ ରାଜି ଅଛୁଁ କିନ୍ତୁ ଜକାତ ଦେବାପାଇଁ ଆମେମାନେ ପ୍ରସ୍ତୁତ ନାହୁଁ । କିନ୍ତୁ ହଜରତ୍ ଅବୁ ବକର୍ ର ଅ ସେମାନଙ୍କର ଏହି କଥାକୁ ରଦ୍ଦ କରିଦେଲେ ।

ହଜରତ୍ ମୁସଲେହ୍ ମଉଦ୍ ର ଅ ଲେଖିଛନ୍ତି ଯେ ଏହି ହଓ୍ୱାଲା(ରିଫରେନ୍ସ)ରୁ ସ୍ପଷ୍ଟ ହେଉଛି ଯେ ସାହାବାମାନେ ଯେଉଁ ଲୋକମାନଙ୍କ ସହିତ ଯୁଦ୍ଧ କରିଥିଲେ, ସେମାନେ ସରକାରଙ୍କ ବିଦ୍ରୋହୀ ଥିଲେ । ସେମାନେ ଟିକସ ଦେବାକୁ ମନା କରି ମଦିନା ଉପରେ ଆକ୍ରମଣ କରିଥିଲେ ।

ମଦିନାର ଚାରିପାଖରେ ଏକତ୍ରିତ ହୋଇଯାଇଥିଲେ ଯେ ଯଦି ଆମକଥା ନମାନନ୍ତି ତାହେଲେ ଆମେ ଆକ୍ରମଣ କରିଦେବୁ । ମୁସଲେମାଃ କଜ୍ଜାବ୍ ନିଜେ ପବିତ୍ର ରସୁଲ ସ ଆ ସ ଙ୍କ ସମୟରେ ମହାଭାଗ ସ ଆ ସଙ୍କୁ ଲେଖିଥିଲା ଯେ ମତେ ଏ ନିର୍ଦ୍ଦେଶ ଦିଆଯାଇଅଛି ଯେ ଆରବ ଦେଶର ଅଧା ଭାଗ ମୋ ପାଇଁ ରହିଛି ଏବଂ ଆଉ ଅଧା କୁରେଶଙ୍କ ପାଇଁ ରହିଛି । ପଣି ରସୁଲେ କରିମ୍ ସ ଆ ସଙ୍କ ଦେହାନ୍ତ ପରେ ସେ ହଜର୍ ତଥା ୟମାମାଃରୁ ରସୁଲେ କରିମ୍ ସ ଆ ସଙ୍କ ଦ୍ୱାରା ନିୟୋଜିତ କରାଯାଇଥିବା ଓ୍ୱାଲି ସୁମାମାଃ ବିନ୍ ଆସାଲ୍ ଙ୍କୁ ସେ ବହିଷ୍କାର କରିଥିଲା ଓ ନିଜେ ସେହି ଅଂଚଳର ଓ୍ୱାଲି (ରାଜ୍ୟପାଳ) ହୋଇଯାଇଥିଲା । ପୁଣି ସେ ମୁସଲମାନ୍ ମାନଙ୍କ ଉପରେ ଆକ୍ରମଣ କରିଦେଇଥିଲା । ସେହିପରି ମଦିନାର ଦୁଇଜଣ ସାହାବା ହଜରତ୍ ହବିବ୍ ବିନ୍ ଜୈଦ୍ ର ଅ ଏବଂ ହଜରତ୍ ଅବ୍ଦୁଲ୍ଲାଃ ବିନ୍ ଓ୍ୱହବ୍ ର ଅଙ୍କୁ ସେ କଏଦି (ବନ୍ଦି) କରିନେଲା ଓ ସେମାନଙ୍କ ଉପରେ ଜୋର ଜବ୍ରଦସ୍ତି କରି ନିଜ ନବୁଓ୍ୱତକୁ ମନାଇବା ପାଇଁ ଚାହିଁଲା । ଏ ବିଷୟରେ ପୂର୍ବରୁ ବର୍ଣ୍ଣନା କରା ସରିଛି ଯେ ଅବ୍ଦୁଲ୍ଲାଃ ବିନ୍ ଓ୍ୱହବ୍ ଭୟରେ ତା କଥାକୁ ମାନି ବି ନେଇଥିଲେ କିନ୍ତୁ ହବିବ୍ ବିନ୍ ଜୈଦ୍ ର ଅ ତା କଥାକୁ ମାନିଲେ ନାହିଁ । ତେଣୁ ତାଙ୍କ ଉପରେ ମୁସଲେମାଃ କଜ୍ଜାବ୍ କ୍ରୋଧିତ ହୋଇ ତାଙ୍କ ଅଙ୍ଗକୁ ଛେଦନ କରି ତାଙ୍କୁ ନିଆଁରେ ପକାଇଦେଇଥିଲା । ସେହି ପରି ୟମନରେ ରସୁଲେ କରିମ୍ ସ ଆ ସଙ୍କ ଦ୍ୱାରା ନିୟୋଜିତ ହୋଇଥିବା ଅଫିସର୍ ମାନଙ୍କ ମଧ୍ୟରୁ କେତେକଙ୍କୁ ବନ୍ଦି କରିଦେଇଥିଲା ଏବଂ କେତେକଙ୍କୁ କଠୋର ଦଣ୍ଡ ଦେଇଥିଲା । ସେହିପରି ତବରୀ ଲେଖିଛନ୍ତି ଯେ ଅସଓ୍ୱଦ ଅନସୀ ବି ବିଦ୍ରୋହର ପତାକା ଉତୋଳନ କରିଥିଲା ଏବଂ ରସୁଲେ କରିମ୍ ସ ଆ ସଙ୍କ ତରଫରୁ ଯେଉଁ ଅଧକାରୀମାନେ ନିଯୁକ୍ତ ହୋଇଥିଲେ,ସେମାନଙ୍କୁ ସେ ହଇରାଣ ହରକତ୍ କରି ସେମାନଙ୍କ ନିକଟରୁ ଜକାତ ରସ୍ପ ଛଡ଼ାଇ ନେଇଯିବା ପାଇଁ ଆଦେଶ ଦେଇଥିଲା । ପୁଣି ସେ ସନାଅ ଠାରେ ରସୁଲେ କରିମ୍ ସ ଆ ସଙ୍କ ଦ୍ୱାରା ନିୟୋଜିତ ହୋଇଥିବା ହାକିମ ଶହର୍ ବିନ୍ ବାଜାନ୍ ଉପରେ ଆକ୍ରମଣ କରିଥିଲା । ସେ ବହୁତ ମୁସଲମାନମାନଙ୍କୁ ଅକାରଣେ ଶହୀଦ କରି ଦେଇଥିଲା । ଲୁଟ୍ ତରାଜ୍ କଲା । ଗଭର୍ନରଙ୍କୁ ହତ୍ୟା କଲା । ତାଙ୍କୁ ହତ୍ୟା କରିବା ପରେ ତାଙ୍କ ମୁସଲମାନ୍ ପତ୍ନୀଙ୍କୁ ଜୋର ଜବ୍ରଦସ୍ତି ବିବାହ କରିନେଲା । ବନୁ ନଜରାନ୍ ବି ବିଦ୍ରୋହ କରିଥିଲା । ସେ ମଧ୍ୟ ଅସଓ୍ୱଦ୍ ଅନସୀ ସହିତ ହାତ ମିଳାଇ ଦେଇଥିଲା । ସେମାନେ ଦୁଇଜଣ ସାହାବା ହଜରତ୍ ଅମରୋ ବିନ୍ ହଜମ୍ ର ଅ ଏବଂ ଖାଲିଦ୍ ବିନ୍ ସଇଦ୍ ର ଅଙ୍କୁ ମଧ୍ୟ ସେହି ଅଂଚଳରୁ ବାହାର କରିଦେଇଥିଲେ

ଏହି ସବୁ ଘଟଣଗୁଡ଼ିକରୁ ଏହା ସ୍ପଷ୍ଟ ହେଉଅଛି ଯେ ନବୁଓ୍ୱତର ମିଥ୍ୟାଦାବିଦାର ମାନଙ୍କ ସହିତ ଯୁଦ୍ଧ ଏଇଥିପାଇଁ କରାଯାଇନଥିଲା ଯେ ସେମାନେ ରସୁଲେ କରିମ୍ ସ ଆ ସଙ୍କ ଉମ୍ମତ୍ (ସମ୍ପ୍ରଦାୟ)ମଧ୍ୟରୁ ନବି ହେବାର ଦାବି କରିଥିଲେ ଏବଂ ରସୁଲେ କରିମ୍ ସ ଆ ସ ଦ୍ୱାରା ଅଣାଯାଇଥିବା ଧର୍ମର ପ୍ରକାଶ କରିବାକୁ ଦାବି କରିଥିଲେ ବରଂ ସାହାବାମାନେ ସେମାନଙ୍କ ସହିତ ଏଥିଯୋଗୁଁ ଯୁଦ୍ଧ କରିଥିଲେ କି ସେମାନେ ଇସଲାମୀୟ ଶରିୟତ (ଧର୍ମ ବିଧାନ)କୁ ରଦ୍ଦ କରି ନିଜର କାନୁନ୍‌କୁ ଜାରି କରିଥିଲେ ଏବଂ ନିଜ ଇଲାକାରେ ନିଜେ ହାକିମ ହେବାର ଦାବି କରିଥିଲେ । ସେମାନେ କେବଳ ନିଜ ଇଲାକାର ଦାବି କରିନଥିଲେ ବରଂ ସେମାନେ ସାହାବା ମାନଙ୍କୁ ହତ୍ୟା କରିଥିଲେ ,ଇସଲାମୀୟ ପ୍ରଶାସନ ଉପରେ ଆକ୍ରମଣ କରିଥିଲେ । ପ୍ରତିଷ୍ଠିତ ହୁକୁମତ୍ (ସରକାର/ପ୍ରଶାସନ)ବିରୁଦ୍ଧରେ ବିଦ୍ରୋହ କରିଥିଲେ ଏବଂ ନିଜକୁ ନିଜେ ସ୍ୱାଧିନ ହେବାର ଘୋଷଣା କରିଥିଲେ । ଏହି ସମସ୍ତ ଘଟଣାଗୁଡ଼ିକ ଥିବା ସତ୍ୱେ ହଜରତ୍ ମୁସଲେହ୍ ମଉଦ୍ ର ଅ ଲେଖିଛନ୍ତି ଯେ ମୌଲାନା ମୌଦୁଦି ସାହେବ୍‌ଙ୍କ କହିବା ଅନୁସାରେ ରସୁଲେ କରିମ୍ ସ ଆ ସ ଙ୍କ ସମସ୍ତ ସାହାବା ନବୁଓ୍ୱତର ମିଥ୍ୟାଦାବିଦାର ମାନଙ୍କ ସହିତ ଯୁଦ୍ଧ କରିଥିଲେ । ଏହା ମିଛ ନୁହେଁ ତ ଆଉ କ'ଣ ? ଯଦି ଜଣେ ଏକଥା କୁହେ ଯେ ସାହାବାମାନେ ମଣିଷମାନଙ୍କୁ ହତ୍ୟା କରିବା କୁ ଉଚିତ ମଣୁଥିଲେ ,ତାହେଲେ କ'ଣ ଏହା କେବଳ ଏଇଥିପାଇଁ ଠିକ ହେବ ଯେ ମୁସଲେମାଃ କଜ୍ଜାବ୍ ମଧ୍ୟ ମଣିଷ ଥିଲା ଏବଂ ଅସଓ୍ୱଦ୍ ଅନସୀ ବି ମଣିଷ ଥିଲା । ହଜରତ୍ ମୁସଲେହ୍ ମଉଦ୍ ର ଅ କହିଛନ୍ତି ଯେ ଯେଉଁମାନେ ଇସଲାମର ଇତିହାସକୁ ବିକୃତ କରି ଉପସ୍ଥାପନ କରୁଛନ୍ତି ,ସେମାନେ ଇସଲାମର ସେବାକାର୍ଯ୍ୟ କରୁନାହାନ୍ତି । ଯଦି ସେମାନଙ୍କର ମନ ଭିତରେ ଇସଲାମର ସେବା ମନବୃତି ରହିଛି ,ତାହେଲେ ସେମାନେ ସତ୍ୟକୁ ସବୁଠାରୁ ଉଚ୍ଚ ସ୍ଥାନରେ ରଖିବା ଉଚିତ । ଭୁଲ ବର୍ଣ୍ଣନା ଏବଂ ଘଟଣାକୁ ବିକୃତ କରି ଉପସ୍ଥାପନ କରିବାରୁ ସମ୍ପୂର୍ଣ୍ଣ ରୂପେ ବଂଚି ରହିବା ଉଚିତ ।

***(ମୌଲାନା ମୌଦୁଦି ସାହେବ କେ ରିସାଲାଃ "କାଦିୟାନୀ ମସଅଲାଃ" କା ଜଓ୍ୱାବ୍ ,ଅନଓ୍ୱାରୁଲ୍ ଉଲୁମ୍ , ଖ-୨୪, ପୃ-୧୧-୧୪)***

ସେ ଯାହା ବି ହେଉ ଆରବ ଦେଶରୁ ସେମାନଙ୍କର ମୂଳୋତ୍ପାଟନ ହେବା ଯୋଗୁଁ ଚିଦ୍ରୋହ ସମ୍ପୂର୍ଣ୍ଣ ରୂପେ ଶେଷ ହୋଇଗଲା । ଜଣେ ଐତିହାସିକ ଲେଖିଛନ୍ତି ଯେ ଏବେ ଆରବର ସମସ୍ତ ବିଦ୍ରୋହ ସମାପ୍ତ ହୋଇଯାଇଥିଲା ଏବଂ ସମସ୍ତ ମୁରତଦ୍ଦୀନ୍ (ବିଦ୍ରୋହୀ)ମାନଙ୍କୁ ଦମନ କରାଯାଇଥିଲା ।

ହଜରତ୍ ଅବୁ ବକର୍ ର ଅ ଏହି ଦେଶବ୍ୟାପି ଫିତନା (ବିଭ୍ରାଟ/ବିଶୃଙ୍ଖଳା)କୁ ଯେଉଁଭଳି ଯୋଜନା ବଦ୍ଧ ଭାବରେ ଏବଂ ଯଥା ଶୀଘ୍ର ମୁଳୋତ୍ପାଟନ କଲେ ,ତାହା ଆପଣ ର ଅଙ୍କ ଉଚ୍ଚ ଦକ୍ଷତାର ପ୍ରତିଫଳନ ଥିଲା । ଏତତଦ୍ୱାରା ସ୍ପଷ୍ଟ ହୋଇଯାଉଛି ଯେ କିପରି ଆପଣ ର ଅ ଙ୍କୁ ପ୍ରତ୍ୟେକ ପଦକ୍ଷେପରେ ଈଶ୍ୱରୀୟ ସମର୍ଥନ ଏବଂ ସହଯୋଗ ରହିଆସିଥିଲା ।

ଏକ ବର୍ଷରୁ ବି କମ୍ ସମୟ ମଧ୍ୟରେ ମୁରତଦୀନମାନଙ୍କ ର ବିଭ୍ରାଟ ଏବଂ ବିଦ୍ରୋହ ଉପରେ କାବୁ ପାଇଯିବା ଏବଂ ଆରବ ଦେଶରେ ଇସଲାମୀୟ ରାଜତ୍ୱର ପୁନଃସ୍ଥାପନ

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢ଼ିନେବେ ।**

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ

Dist: Gurdaspur (Pb.) INDIA Qadian - 143516

Postal Reg. No.GDP-40/2020-2022 Vol.7 Thursday 13-20 Oct 2022 Issue No. 41-42

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.600/- (Per Issue:Rs.11.50/-) (**WEIGHT** - 20-50gms/issue)

କରିଦେବା ଏକ ଆଶ୍ଚର୍ଯ୍ୟଜନକ ଉଲ୍ଲେଖନୀୟ କାର୍ଯ୍ୟ ଥିଲା । ହଜରତ୍ ଅବୁ ବକର୍ ସିଦ୍ଦିକ୍ ର ଅଙ୍କୁ ଇସଲାମର ବିଜୟ ଓ ପ୍ରାଧାନ୍ୟତା ଯୋଗୁଁ ଖୁସି ଥିଲେ । କିନ୍ତୁ ଏହି ଖୁସିରେ କୌଣସି ପ୍ରକାରର ଗର୍ବ ତଥା ଅତ୍ମ ବଡ଼ିମା ତଳେମାତ୍ର ନଥିଲା । କାରଣ ସେ ଜାଣିଥଲେ ଯେ ଯାହା କିଛି ଘଟିଛି ତାହା କେବଳ ଅଲ୍ଲାଃଙ୍କ କୃପା ଯୋଗୁଁ ହିଁ ସାଧିତ ହୋଇଅଛି । ତାଙ୍କାର ଏ ଶକ୍ତି ନଥିଲା ଯେ ସେ ହାତଗଣତି ମୁସଲମାନମାନଙ୍କ ଜରିଆରେ ସମଗ୍ର ଆରବର ମୁରତଦ୍ଦୀନ୍‌ମାନଙ୍କ ସଶକ୍ତ ସୈନ୍ୟବାହିନୀକୁ ପରାସ୍ତ କରି ଇସଲାମର ଧ୍ୱଜାକୁ ପୁନର୍ବାର ଗୌରବର ସହିତ ଉତୋଳନ କରିପାରିଥାନ୍ତେ ହଜରତ୍ ଅବୁ ବକର୍ ସିଦ୍ଦିକ୍ ର ଅ ଙ୍କ ସମ୍ମୁଖରେ ଏବେ ଏ ସମସ୍ୟା ଥିଲା ଯେ ଧାର୍ମିକ ଏକତାକୁ ମଜବୁତ କରିବା ପାଇଁ ଏବଂ ଇସଲାମକୁ ଶିଖରରେ ପହଂଚାଇବା ନମନ୍ତେ କେଉଁ ସବୁ ପଦକ୍ଷେପ ଗ୍ରହଣ କରିବାକୁ ହେବ ହଜରତ୍ ଅବୁ ବକର୍ ସିଦ୍ଦିକ୍ ର ଅଙ୍କ ରାଜନୀତିର ପରିଧି କେବଳ ଇସଲାମ୍‌ର ପ୍ରଭାବ ହିଁ ଥିଲା ଏବଂ ତାଙ୍କର ଏହି ଇଚ୍ଛା ଓ ଅଭିଳାଷା ସର୍ବଦା ତାଙ୍କ ହୃଦୟ ଓ ମନରେ ରହୁଥିଲା । **(ହଜରତ୍ ସୟଦନା ଅବୁ ବକର୍ ସିଦ୍ଦିକ୍ ର ଅ ଅଜ୍ ମୁହମ୍ମଦ୍ ହୁସୈନ୍ ହୈକଲ୍, ପୃ-୨୪୩-୨୪୪ ମୁତରଜିମ୍ ଅଞ୍ଜୁମ୍ ସୁଲତାନ୍ ଶହବାଜ୍, ବୁକ୍ କର୍ଣ୍ଣର ଶୋ ରୁମ୍ ଝେଲମ୍)**

ଯଦିଓ ମୁରତଦ୍ଦୀନ ବିଦ୍ରୋହୀ ମାନଙ୍କର ମୁଳୋତ୍ପାଟନ କରିବା ପରେ ପ୍ରତ୍ୟେକ ଲୋକଙ୍କୁ ଏ ବିଶ୍ୱାସ ହୋଇଯାଇଥିଲା ଯେ ଏବେ ରସୁଲୁଲ୍ଲାଃ ସ ଅ ସଙ୍କ ଖଲିଫାଙ୍କ କୌଣସି ବିଦ୍ରୋହୀ ଠିଆ ହୋଇପାରିବେ ନାହିଁ । କିନ୍ତୁ ସାଧାରଣ ଲୋକଙ୍କ ପରି ହଜରତ୍ ଅବୁ ବକର୍ ସିଦ୍ଦିକ୍ ର ଅ କୌଣସି ଅତ୍ମସନ୍ତୋଷତାର ଶିକାର ହୋଇନଥିଲେ । ସେ ଜାଣିଥିଲେ ଯେ ବାହ୍ୟ ଶକ୍ତିମାନେ ଏହି ଇରତାଦ୍ ଏବଂ ବିଦ୍ରୋହର ପ୍ରଲୋଭନକୁ ପୁନର୍ବାର ଜାଗ୍ରତ କରି ଅଶାନ୍ତ ପରିବେଶର କାରଣ ହୋଇପାରନ୍ତି । କାଳେ ଏହି ଫିତନା ଅସ୍ଥାୟୀ ଭାବରେ ଶୋଇ ପଡ଼ି ନାହିଁ ତ । ଇସଲାମର ବିରୋଧି ଶକ୍ତିଗୁଡ଼ିକ ବଡ଼ ବଡ଼ ରାଜତ୍ୱ ଥିଲେ । ସେମାନେ ଆରବର ସୀମାରେ ପୁନର୍ବାର ଅଶାନ୍ତି ବିସ୍ତାର କରିପାରନ୍ତି ,ତେଣୁ ସେ କୌଣସି ପ୍ରକାରର ଆତ୍ମସନ୍ତୋଷରେ ନଥିଲେ । ଆରବୀୟ କବିଲାଗୁଡ଼ିକର ଏହି ଆଶା କରାଯାଉଥିବା ବିଦ୍ରୋହକୁ ଏଡ଼ାଇବା ପାଇଁ ଏହା ଉଚିତ ମଣାଗଲା ଯେ ଆରବ କବିଲାଗୁଡ଼ିକର ଧ୍ୟାନକୁ ଇରାନ ଏବଂ ସିରିଆ ଆଡ଼କୁ ଆକର୍ଷଣ କରାଇଦିଆଯାଉ ଯଦ୍ୱାରା ସେମାନଙ୍କୁ ପ୍ରଶସନ ବିରୁଦ୍ଧରେ ବିଦ୍ରୋହ କରିବାର ସୁଯୋଗ ମିଳିବ ନାହିଁ ଓ ଏହିପରି ଭାବରେ ମସଲମାନମାନେ ଶାନ୍ତିରେ ରହିପାରିବେ ଏବଂ ଧର୍ମର ନିୟମକାନୁନକୁ ମନଧ୍ୟାନ ଦେଇ ପାଳନ କରିପାରିବେ । ***(ସୟଦନା ସିଦ୍ଦିକ୍ ଅକବର୍ ଅଜ୍ ହକୀମ୍ ଗୁଲାମ୍ ନବୀ ଏମ୍ ଏ ପୃ-୧୭୮)***

ଅତେବ୍ ଆରବ ସୀମାର ସୁରକ୍ଷ ଏବଂ ଇସଲାମିକ୍ ରାଷ୍ଟ୍ରକୁ ତା ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀମାନଙ୍କଠାରୁ ସୁରକ୍ଷିତ ରଖିବା ପାଇଁ ଏହା ଜରୁରୀ ହୋଇରପଡ଼ିଥିଲା ଯେ ସେହି ଶକ୍ତିଶାଳୀ ରଷ୍ଟ୍ରମାନଙ୍କ ନିକଟରେ ଇସଲାମର ବାର୍ତା ପହଂଚାଇ ଦିଆଯାଉ । ଯଦ୍ୱାରା ସେହି ରାଷ୍ଟ୍ରଗୁଡ଼ିକ ଇସଲାମର ଏହି ବିଶ୍ୱବ୍ୟାପି ବାର୍ତାକୁ ଗ୍ରହଣ କରିନେବେ କିମ୍ବା ଏହାକୁ ବୁଝି ନିଜେ ବି ଶାନ୍ତିରେ ରହିବେ ଏବଂ ଅନ୍ୟମାନେ ବି ଶାନ୍ତିରେ ନିଜ ଧର୍ମକୁ ସ୍ୱାଧିନ ଭାବରେ ତଥା ନିରାପତାର ସହିତ ପ୍ରତ୍ୟେକ ପ୍ରକାରର ଅତ୍ୟାଚାରରୁ ମୁକ୍ତ ହୋଇ ପାଳନ କରିପାରିବେ । ସେ ଯାହା ବି ହେଉ ହଜରତ୍ ଅବୁ ବକର୍ ର ଅ ଏଇଥିପାଇଁ ଯେଉଁ ସବୁ କାର୍ଯ୍ୟପନ୍ଥା ଗ୍ରହଣ କରିଥିଲେ, ସେ ସମ୍ବନ୍ଧରେ ଇତିହାସ ପୁସ୍ତକଗୁଡ଼ିକରେ ଉଲ୍ଲେଖ ରହିଛି ଯେ ମୁରତଦ୍ଦୀନ ବିଦ୍ରୋହୀ ମାନଙ୍କ ସହିତ କରାଯାଇଥିବା ଯୁଦ୍ଧ ଏବଂ ସେ ସମୟରେ ଯେଉଁ ଅଭିଯାନ କରାଯାଇଥିଲା ,ତାହା ଶେଷ ହେବା ପରେ ହଜରତ୍ ଅବୁ ବକର୍ ର ଅ ଭବିଷ୍ୟତର କାର୍ଯ୍ୟପନ୍ଥା ତଥା ପଦକ୍ଷେପ ଉଠାଇବା ବିଷୟରେ ଚିନ୍ତା ଏବଂ ବିଚାରରେ ବ୍ୟସ୍ତ ରହିଲେ ଯେ କିପରି ଇସଲାମର ଦୀର୍ଘଦିନର ଶତ୍ରୁ ଇରାନ ଏବଂ ରୋମ୍ ସାମ୍ରାଜ୍ୟରୁ ସବୁଦିନ ପାଇଁ ଇସଲାମକୁ ସୁରକ୍ଷିତ ରଖାଯାଇପାରିବ । କାରଣ ଆଁହଜରତ୍ ସ ଆ ସ ଙ୍କ ପବିତ୍ର ଜୀବଦ୍ଦଶାରେ ମଧ୍ୟ ଉପରୋକ୍ତ ଦୁଇଟି ଶକ୍ତିଶାଳୀ ରାଷ୍ଟ୍ର ଆରବକୁ ନିଜ ଅଧିନରେ ରଖିବାକୁ ଚାହୁଁଥିଲେ । ଯେବେ ମହାଭାଗ ସ ଆ ସ ଙ୍କ ଦେହାନ୍ତ ହୋଇଗଲା, ଏବଂ ଅନେକ ଅଂଚଳ ତଥା ଅନେକ କବିଲାଗୁଡ଼ିକରେ ବିଦ୍ରୋହର ସୂତ୍ରପାତ ହେଲ,ସେତେବେଳେ ହିରକଲ୍‌ର ସେନା ସିରିଆରେ ଏବଂ ଇରାନର ସେନା ଇରାକରେ ଏକତ୍ରିତ ହେବାକୁ ଲାଗିଲେ । ତେଣୁ ଏହା ସମ୍ଭବ ନଥିଲା ଯେ ଆଁହଜରତ୍ ସ ଆ ସ ଙ୍କ ଆଦେଶ ମୁତାବକ ରୋମ ସାମ୍ରାଜ୍ୟ ବିରୁଦ୍ଧରେ ଯେଉଁ ସର୍ବପ୍ରଥମ ସୈନ୍ୟବାହିନୀକୁ ହଜରତ୍ ଉସାମାଙ୍କ ନେତୃତ୍ୱରେ ପ୍ରେରଣ କରାଯିବାର ଥିଲା ,ତାହାକୁ ହଜରତ୍ ଅବୁ ବକର୍ ର ଅ ସେହି ଅପବ୍ୟବହାରକାରୀ ତଥା ଅତ୍ୟାଚାରୀ ଶକ୍ତିମାନଙ୍କ ବିରୁଦ୍ଧରେ ପ୍ରେରଣ କରିସାରିଥିଲେ । ଏପରି ପରିସସ୍ଥିତିରେ ସେ ନିର୍ଭୟରେ ରହିପାରିଥାନ୍ତେ କିନ୍ତୁ ସେ ଏବେ କୌଣସି ପ୍ରକାରର ଯୋଜନା ପ୍ରସ୍ତୁତ କରିବାକୁ ଯାଉଥିବା ବେଳେ ତାଙ୍କୁ ଏ ଖବର ମିଳିଲା ଯେ ହଜରତ୍ ମୁସନ୍ନା ବିନ୍ ହାରିସ୍ ର ଅ ଯିଏ ବହରିନ୍ ରେ ମୁରତଦ୍ ବିଦ୍ରୋହୀମାନଙ୍କ ବିଦ୍ରୋହକୁ ଶେଷ କରିବାରେ ସାହାଯ୍ୟ କରିଥିଲେ,ସେ ନିଜ ସାଥିମାନଙ୍କ ସହିତ ପାରସ୍ୟ ଖାଡ଼ିର କୂଳେ କୂଳେ ଉତର ଦିଗରେ ଇରାକ ଆଡ଼କୁ ଅଗ୍ରସର ଆରମ୍ଭ କରିଦେଇଛନ୍ତି ।

ଶେଷରେ,ସେମାନେ ଯାଇ ଆରବୀୟ କବିଲାମାନଙ୍କ ନିକଟରେ ପହଂଚିଲେ,ଯେଉଁମାନେ ଟାଇଗ୍ରିସ୍ ଏବଂ ଫୁରାତ୍ ଅଂଚଳରେ ଡ଼େଲଟା ଇଲାକାରେ ବସବାସ କରୁଥିଲେ । ହଜରତ୍ ମୁସନ୍ନା ବିନ୍ ହାରିସ୍ ର ଅଙ୍କର ସମ୍ବନ୍ଧ ବହରିନର ଗୋଟିଏ କବିଲା ବକର୍ ବିନ୍ ୱାଇଲ୍ ସହିତ ଥିଲା । ବହରିନ୍ ଅଂଚଳ ୟମାମାଃ ଏବଂ ପାରସ୍ୟ ଉପସାଗର ମଧ୍ୟରେ ଅବସ୍ଥିତ ଥିଲା । ଏବେକାର କତର୍ ଏବଂ ବାହାରିନ୍ ଏମିରେଟ୍‌ର ଦ୍ୱୀପପୁଞ୍ଜ ମଧ୍ୟ ଅନ୍ତର୍ଭୁକ୍ତ ଥିଲେ । ତାହାର ରାଜଧାନୀ ଦାରୈନ୍ ଥିଲା । ସେ ଯାହା ବି ହେଉ ହଜରତ୍ ମୁସନ୍ନା ବିନ୍ ହାରିସ୍ୱା ର ଅ ହଜରତ୍ ଅଲାଅ ବିନ୍ ହଜରମୀ ର ଅଙ୍କ ସହିତ ମିଶି ବିଦ୍ରୋହୀମାନଙ୍କ ସହିତ ଯୁଦ୍ଧ କରି ସାରିଥିଲେ ଏବଂ ବାହାରିନ୍ ଓ ତାହାର ଉପକଣ୍ଠରେ ବସବାସ କରୁଥିବା ଲୋକମାନେ ଇସଲାମରେ ସ୍ଥିର ଓ ପ୍ରତିଷ୍ଠିତ ଥିଲେ । ସେମାନେ ଇସଲାମୀୟ ସେନା ସହିତ ମିଶି ବିଦ୍ରୋହୀ ମାନଙ୍କ ସହିତ ଯୁଦ୍ଧ କରିଥିଲେ, ହଜରତ୍ ମୁସନ୍ନା ବିନ୍ ହାରିସାଃ ର ଅ ସେମାନଙ୍କର ସର୍ଦ୍ଦାର ଥିଲେ । ହଜରତ୍ ଅବୁ ବକର୍ ର ଅ ପରବର୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବିଷୟରେ ଏବେ କୌଣସି ପଦକ୍ଷେପ ଉଠାଇନଥିଲେ ଯେ ହଜରତ୍ ମୁସନ୍ନା ବିନ୍ ହାରିସାଃ ର ଅ ନିଜେ ମଦିନା ଆସି ପହଂଚିଗଲେ ଏବଂ ହଜରତ୍ ଅବୁ ବକର୍ ର ଅଙ୍କୁ ଇରାକର ପରିସ୍ଥିତି ବିଷୟରେ ସୂଚନା ଦେଲେ ଯେ ଆରବର ଯେଉଁ କବିଲାଗୁଡ଼ିକ ଦଜଲାଃ ଏବଂ ଫୁରାତ୍ ଇଲାକାରେ ବସବାସ କରୁଛନ୍ତି,ସେମାନେ ସେଠିକାର ସ୍ଥାନୀୟ ବାସିନ୍ଦାଙ୍କ ଦ୍ୱାରା ବହୁତ ଅସୁବିଧାରେ ଅଛନ୍ତି । ସେମାନଙ୍କୁ ହଇରାଣ ହରକତ୍ କରାଯାଉଅଛି । ଆରବୀୟ ମାନେ ସେଠାରେ ଚାଷବାସ କରୁଛନ୍ତି । ଯେତେବେଳେ ଫସଲ ଅମଳ ହେବାର ସମୟ ଆସିଯାଉଛି, ସେତେବେଳେ ସ୍ଥାନୀୟ ଲୋକମାନେ ସେସବୁକୁ ଲୁଟି ନେଉଛନ୍ତି । ସୁତରାଂ ହଜରତ୍ ମୁସନ୍ନା ବିନ୍ ହାରିସାଃ ର ଅ ନିବେଦନ କଲେ ଯେ ଇସଲାମୀୟ ସେନାକୁ ପ୍ରେରଣ କରି ସେମାନଙ୍କୁ ସେହି ଅସୁବିଧାରୁ ସୁରକ୍ଷା ଯୋଗାଇଦିଆଯାଉ । ହଜରତ୍ ଅବୁ ବକର୍ ର ଅ ମଦିନାର ବୁଦ୍ଧିଜୀବୀ ସାହାବୀମାନଙ୍କ ସହିତ ପରାମର୍ଶ କରି ହଜରତ୍ ମୁସନ୍ନା ବିନ୍ ହାରିସାଃ ର ଅଙ୍କ ପ୍ରସ୍ତାବକୁ ଉପସ୍ଥାପନ କଲେ । ଯେହେତୁ ମଦିନାବାସୀ ଇରାକର ପରିସ୍ଥିତି ବିଷୟରେ ଅବଗତ ନଥିଲେ ,ସେଇଥିପାଇଁ ଏ ପରାମର୍ଶ ଦେଲେ ଯେ ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅଙ୍କୁ ଡ଼ାକି ସାରା ମାମଲା ତାଙ୍କ ସମ୍ମୁଖରେ ଉପସ୍ଥାପନ କରାଯାଉ । ତାଙ୍କ ସହିତ ପାରମର୍ଶ କରାଯାଉ । ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅ ସେତେବେଳେ ୟମାମଃରେ ଉପସ୍ଥିତି ଥିଲେ । ଅତଃ ହଜରତ୍ ଅବୁ ବକର୍ ର ଅ ତାଙ୍କୁ ମଦିନା ଡ଼କାଇଲେ । ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅ ମଦିନାରେ ପହଂଚିଲେ । ଯେତେବେଳେ ହଜରତ୍ ଅବୁ ବକର୍ ର ଅ ଇରାକ ଆଡ଼କୁ ସୈନ୍ୟଚାଳନା କଲେ, ହଜରତ୍ ମୁସନ୍ନା ବିନ୍ ହାରିସାଃ ର ଅ ଙ୍କ ପ୍ରସ୍ତାବ ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅଙ୍କ ସମ୍ମୁଖରେ ଉପସ୍ଥାପନ କଲେ । ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅଙ୍କର ବି ଏ ଚିନ୍ତାଧାରା ଥିଲା ଯେ ହଜରତ୍ ମୁସନ୍ନା ବିନ୍ ହାରିସାଃ ର ଅଙ୍କୁ ଇରାକର ସୀମାରେ ଇରାନୀମାନଙ୍କ ବିରୁଦ୍ଧରେ ଯେଉଁ ଅପରେସନ୍ ଆରମ୍ଭ କରିଛନ୍ତି, ଈଶ୍ୱର ନକରନ୍ତୁ ଯଦି ସେ ଅସଫଳ ହୁଅନ୍ତି,ଏବଂ ହଜରତ୍ ମୁସନ୍ନା ବିନ୍ ହାରିସାଃ ର ଅଙ୍କ ସେନାକୁ ଆରବ ଆଡ଼କୁ ପଛଘୁଂଚା ଦେବାକୁ ପଡେ ,ତାହେଲେ ଇରାନୀ ପ୍ରଶାସକ ଆହୁରି ବୋଲ୍ଡ (ସାହସୀ) ହୋଇଯିବେ ।

ସେମାନେ କେବଳ ହଜରତ୍ ମୁସନ୍ନା ବିନ୍ ହାରିସାଃ ର ଅଙ୍କ ସେନାକୁ ଇରାକର ସୀମାରୁ ବାହାର କରିବାରେ ସନ୍ତୁଷ୍ଟ ରହିଲେ ନାହିଁ ବରଂ ବାହାରିନ୍ ଏବଂ ତାହାର ନିକଟବର୍ତୀ ଇଲାକାରେ ପୁନର୍ବାର ନିଜର ପ୍ରଭାବ ତଥା ନିୟନ୍ତ୍ରଣ ପ୍ରତିଷ୍ଠା କରିବା ପାଇଁ ଚେଷ୍ଟା କରିବେ ଏବଂ ଏହିପରି ପରିସ୍ଥିତିରେ ଇସଲାମୀୟ ରାଜତ୍ୱ ବିପଦରେ ପଡ଼ିଯିବାର ଶଂକା ରହିଛି । ସୁତରାଂ ଏହି ବିପଦକୁ ଏଡ଼ାଇବା ପାଇଁ ହଜରତ୍ ମୁସନ୍ନା ବିନ୍ ହାରିସାଃ ର ଅଙ୍କୁ ବାସ୍ତବିକ ସହାୟତା ପ୍ରଦାନ କରିବା ଉଚିତ୍ । ସେଠାକୁ ସୈନ୍ୟବାହିନୀ ପ୍ରେରଣ କରିବା ଉଚିତ ଏବଂ ଇରାନୀୟମାନଙ୍କୁ ଆରବର ସୀମାରେ ପ୍ରଭାବ ବିସ୍ତାର କରିବା ପରିବର୍ତେ ସେମାନଙ୍କୁ ପଛକୁ ଫେରିଯିବା ପାଇଁ ବାଧ୍ୟ କରାଯିବା ଉଚିତ ଯଦ୍ୱାରା ସେମାନେ ଆସନ୍ତାକୁ କେବେ ଆରବ ପାଇଁ ବିପଦ ନ ସାଜନ୍ତୁ । ହଜରତ୍ ଖାଲିଦ ବିନ୍ ୱଲିଦ୍ ର ଅ ନିଜର ଏହି ପରାମର୍ଶ ଉପସ୍ଥାପନ କଲେ । ତାଙ୍କର ଏହି ରାୟ ଶୁଣି ଅନ୍ୟାନ୍ୟ ସାହାବିମାନେ ବି ହଜରତ୍ ମୁସନ୍ନା ବିନ୍ ହାରିସାଃ ର ଅଙ୍କୁ ସାହାଯ୍ୟ ଯୋଗାଇ ଦେବାର ଏହି ପରାମର୍ଶକୁ ଗ୍ରହଣ କରିନେଲେ ଏବଂ ହଜରତ୍ ଅବୁ ବକର୍ ର ଅ ହଜରତ୍ ମୁସନ୍ନା ବିନ୍ ହାରିସାଃ ର ଅଙ୍କୁ ସେମାନଙ୍କ ସର୍ଦ୍ଦାର ବନାଇ ଦେଲେ । ସେ ସେମାନଙ୍କୁ ସାଥିରେ ନେଇ ଇରାକର ସୀମାରେ ପହଂଚିଥିଲେ ଏବଂ ଏ ଆଦେଶ ଦେଇଥିଲେ ଯେ ବର୍ତମାନ ସେଠିକାର ଆରବୀୟ

*ଅବଶିଷ୍ଟାଂଶ ପୃଷ୍ଠା-୦୨ ରେ ଦେଖନ୍ତୁ...*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

ତାଲିବେ ଦୁଆ: *Idrish Khan, Jamat Ahmadiyya, Kerang (Odisha)*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan